

ଦକ୍ଷିଣ ମୁହାଁ ଦିଲଜିତ୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-84 • WEDNESDAY • 17 SEPTEMBER 2025 • PAGE-12 • ₹ 6.00 | SAMBALPUR | • ବର୍ଷ-୪୩ • ସଂଖ୍ୟା-୮୪ • ବୁଧବାର • ୧୭ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ଉତ୍ତର ଭାରତରେ ବର୍ଷା ତାଣ୍ଡବ ୧୨ ମୃତ

### ଉତ୍ତରାଖଣ୍ଡ, ହିମାଚଳରେ ଫାଟିଲା ବାଦଲ



■ **ଡେରାଡୁନ, ୧୬।୯ (ଏଜେନ୍ସି):** ପ୍ରାକୃତିକ ବିପର୍ଯ୍ୟୟ ଦେବଭୂମି ଉତ୍ତରାଖଣ୍ଡର ପିଛା ଛାଡୁନାହିଁ। ମୌସୁମୀ ଜନିତ ପ୍ରବଳ ବର୍ଷା ରାଜ୍ୟରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଏଥିପାଇଁ ପାହାଡରୁ ମୃତ୍ୟୁ ଖସୁଛି। ଏହା ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆଜି ସକାଳ ୫ଟାରେ ଡେରାଡୁନରେ ବାଦଲଫଟା ବର୍ଷା ହୋଇଛି। ଏଥିଯୋଗୁଁ ତମସା, କାରଲିଗାଡ଼, ଟୋନ୍ସ ଏବଂ ସହସ୍ରଧାରା ନଦୀର ଜଳସ୍ତର ବୃଦ୍ଧି ପାଇଛି। ସହସ୍ରଧାରା ସମେତ ଆଖପାଖ ଅଞ୍ଚଳର ଅନେକ ଘର, ଦୋକାନ ଏବଂ ମନ୍ଦିରରେ ୫-୬ ଫୁଟର ପାଣି ଜମା ହୋଇ ରହିଛି। ଅନେକ ରାସ୍ତାଘାଟ ଭାସି ଯାଇଛି। ବିକାଶ ନଗରରେ ଟୋନ୍ସ ନଦୀରେ ଅଚାନକ ପାଣି ମାଡ଼ି ଆସିବାରୁ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ଭାସି ଯାଇଛି। ଏଥିରେ ୮ ▶ପୃଷ୍ଠା-୧୦

## କଳିଙ୍ଗା ଘାଟିରେ ଭୂସ୍ଖଳନ

### ଗଞ୍ଜାମ-କନ୍ଧମାଳ ଯୋଗାଯୋଗ ବିଚ୍ଛିନ୍ନ

■ **ଭଞ୍ଜନଗର, ୧୬।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ପ୍ରବଳ ଯୋଗୁଁ ଭୂ-ସ୍ଖଳନ ଘଟି କନ୍ଧମାଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ପାହାଡ଼ରୁ ବଡ଼ବଡ଼ ପଥରଖଣ୍ଡ ସହ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇ ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ରାସ୍ତା ଦେଇ କନ୍ଧମାଳ ଜିଲ୍ଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଶହଶହ ଗାଡ଼ିମୋଟର ଅଟକି ରହିଛି। ଗତ କିଛିଦିନ ହେଲା, ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗି ରହିଥିଲା। ଆଜି ଦୁର୍ଗାପ୍ରସାଦ ନିକଟରେ ହଠାତ୍ ପାହାଡ଼ରୁ ଅତଡ଼ା ଓ ପଥର ଧସି ରାସ୍ତା ବନ୍ଦ ହୋଇଯାଇଥିଲା। କୌଣସି ଅଘଟଣ ଘଟି ନଥିଲେ ମଧ୍ୟ ବର୍ତ୍ତମାନ ଉକ୍ତ ଅଞ୍ଚଳ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ ପାହାଡ଼ରୁ ବଡ଼ବଡ଼ ପଥର ଖଣ୍ଡ ଖସି ରାସ୍ତା ଫାଟି ଯାଇଛି। ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଛି।



## ଭିଜିବ ପାର୍ବଣ

### ୨୬ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ

# ଦୁର୍ଗାପୂଜାରେ ବର୍ଷା-ପବନ

■ **ଭୁବନେଶ୍ୱର, ୧୬।୯ (ସମିସ):** ଏଥର ବର୍ଷାରେ ଭିଜିବ ପାର୍ବଣ। ଦୁର୍ଗା ପୂଜାରେ ଷଷ୍ଠୀ ଓ ସପ୍ତମୀ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୨୫ କିମ୍ବା ୨୬ ବେଳକୁ ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ଆଶଙ୍କା ପାଣିପାଗକୁ ବିଗାଡ଼ିବ। ଏପରିକି ପୁରା ପାର୍ବଣ ଫିକା ପଡ଼ିଯିବ। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ପରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ହେଉଥିବା ଓ ଅଧିକ ଘନୀଭୂତ ହୋଇ ବାତ୍ୟାକୁ ନିମନ୍ତ୍ରଣ କରୁଥିବାରୁ ଦୁର୍ଗାପୂଜାରେ ପାଗକୁ ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ସମ୍ଭାବ୍ୟ ଲଘୁଚାପ ବାତ୍ୟା ପରିସ୍ଥିତି ସୃଷ୍ଟି କରିପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି।

ସେପ୍ଟେମ୍ବର ଶେଷ ସପ୍ତାହରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଓ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇ ବଳ ଗୋଟାଇବ। ପ୍ରାଥମିକ ଆକଳନରୁ ଏହା ଲଘୁଚାପ, ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଯଦି ସେହି ସମୟରେ ସାମୁଦ୍ରିକ ସ୍ଥିତି ଓ ବାତ୍ୟା ପାଇଁ ସୁହାଉଥିବା କାରକଗୁଡ଼ିକ ଅନୁକୂଳ ରହେ, ତେବେ ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ ରହିଥିବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଭିନ୍ନ ମଡେଲ ଅନୁସାରେ ଆସନ୍ତା ୨୫ କିମ୍ବା ୨୬ ରେ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨୬ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୭-୨୮ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଏପରିକି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା କରାଇ ବର୍ଷା କରାଇବାର ଆଶଙ୍କା ରହିଛି। ୨୯ ତାରିଖରେ ପଶ୍ଚିମ ଓଡ଼ିଶା ଦେଇ ଏହା ଛତିଶଗଡ଼ ଓ ପରେ ନାଗପୁର ଆଡ଼କୁ ଯିବ। ତେଣୁ ୨୯ରେ ବର୍ଷା ଆଶଙ୍କା ରହିଛି। ୨୮ ତାରିଖରୁ ଷଷ୍ଠୀ ପୂଜା ଆରମ୍ଭ ହେବା ହେଉଥିବାରୁ ଷଷ୍ଠୀ ଓ ସପ୍ତମୀ ପୂଜା ସମୟରେ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଯାଇଥିବା ବେଳେ ଏବେ ଯେକୌଣସି ଲଘୁଚାପ ସୃଷ୍ଟି ହେବ ତାହା ଉପରେ ପାଣିପାଗ କେନ୍ଦ୍ର ନଜର ରଖିଥାଏ। ଅତୀତରେ ଏହି ସମୟରେ ଅନେକ ବାତ୍ୟା ସୃଷ୍ଟି ହୋଇଛି। ୨୦୧୯ ମସିହା ସେପ୍ଟେମ୍ବର ▶ପୃଷ୍ଠା-୧୦



**ପୂଜା ମଣ୍ଡପକୁ ବାତ୍ୟା ଡର**

### କେନ୍ଦ୍ର ଉପରେ ବର୍ଷିଲେ ସୁପ୍ରିମକୋର୍ଟ

## ସୁବିଧା ଦେଇ ନ ପାରିଲେ ବନ୍ଦ କରିଦିଅ ଟ୍ରିବ୍ୟୁନାଲ

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ପୂର୍ବତନ ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନ ମାନସିକତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ବିଭିନ୍ନ ଟ୍ରିବ୍ୟୁନାଲରେ ଅବସରପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ କରାଯାଉଛି। କିନ୍ତୁ ସେହି ହିସାବରେ ସେମାନଙ୍କୁ ସୁବିଧା ସୁଯୋଗ ଦିଆଯାଉ ନାହିଁ। ସରକାରଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ସେମାନେ ଅପମାନିତ ହେଉଛନ୍ତି ଏବଂ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ବି ହେଉଛନ୍ତି। ଯଦି ସରକାର ସେମାନଙ୍କୁ ସୁବିଧା ସୁଯୋଗ ଦେଇ ପାରୁ ନାହାନ୍ତି, ତାହାହେଲେ ସମସ୍ତ ଟ୍ରିବ୍ୟୁନାଲକୁ ବନ୍ଦ କରି ମାମଲାଗୁଡ଼ିକୁ ହାଇକୋର୍ଟକୁ ହସ୍ତାନ୍ତର କରିଦିଆଯାଉ।



ଆଜି ଶୁଣାଣି ବେଳେ ସୁପ୍ରିମ କୋର୍ଟ ଏଭଳି ଢଙ୍ଗରେ କେନ୍ଦ୍ର ସରକାର ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି। ଜଷ୍ଟିସ ବିଭି ନାଗରତ୍ନ ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଲେ ଯେ ଅବସର ପରେ ଅନେକ ପ୍ରଧାନ ବିଚାରପତି ଏବଂ ବିଚାରପତି ଟ୍ରିବ୍ୟୁନାଲରେ ନିଯୁକ୍ତି ପାଇଁ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରୁ ନାହାନ୍ତି। ଏଥିରେ ସେମାନଙ୍କର କିଛି ଦୋଷ ନାହିଁ। କାରଣ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉ ନାହିଁ। ଯେଉଁମାନେ ଆପଣଙ୍କ ନିଯୁକ୍ତି ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି ସେମାନଙ୍କ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସହ ବ୍ୟବହାର କରାଯାଉ। କୋର୍ଟ ଆହୁରି କହିଲେ ଯେ ଅନେକ ପୂର୍ବତନ ▶ପୃଷ୍ଠା-୧୦

## ଦିନକ ପରେ ମୌସୁମୀ ଅଧିବେଶନ

### ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି



**ଆଜି ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ**

**ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେବ ଯୋଜନା**

■ **ଭୁବନେଶ୍ୱର, ୧୬।୯ (ସମିସ):** ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ମଙ୍ଗଳବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ମୌସୁମୀ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି। ଏନେଇ ବାଚସ୍ପତି କହିଛନ୍ତି ଯେ ସମସ୍ତ ଦଳ ଅଧିବେଶନରେ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବିଧାନସଭା ୧୮ରୁ ୨୫ ତାରିଖ ଯାଏଁ ଚାଲିବ ଅର୍ଥାତ୍ ୭ଟି କାର୍ଯ୍ୟ ଦିବସ ରହିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନ ଗୃହରେ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ୧୯ରୁ ୨୫ ତାରିଖ ମଧ୍ୟରେ ୫ଟି ସରକାରୀ ଦିବସ ଏବଂ ଗୋଟିଏ 'ପ୍ରାଇଭେଟ ମେମ୍ବର୍ସ ଡେ' ରହିବ। ଅଧିବେଶନରେ ବିଧି ମୁତାବକ ଗୃହ ପରିଚାଳନା ହେବ। ସେନେଇ ଆଜିର ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି ବୋଲି ବାଚସ୍ପତି ସୂଚନା ଦେଇଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ▶ପୃଷ୍ଠା-୧୦

# ଅସୁରକ୍ଷିତ ଓଡ଼ିଶା, ଅସୁରକ୍ଷିତ ମହିଳା

■ **ଭୁବନେଶ୍ୱର, ୧୬।୯ (ସମିସ):** ମହିଳାଙ୍କ ପାଇଁ ଓଡ଼ିଶା ଏବେ ଅସୁରକ୍ଷିତ ହେବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଥିପାଇଁ ଓଡ଼ିଶା ନିନ୍ଦିତ ହେଉଛି, ଓଡ଼ିଶାକୁ ଏକାକୀ ନ ଯିବାକୁ ଆମେରିକା ପ୍ରଶାସନ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଚେତୁ ନାହାନ୍ତି, ପୁଲିସ ମହିଳାଙ୍କୁ ସୁରକ୍ଷା ଦେବାକୁ ସକ୍ଷମ ହେଉନାହିଁ।


ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବାବେଳେ ଗତକାଲି ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ▶ପୃଷ୍ଠା-୧୦



**୧୦ମାସରେ ୪ ହଜାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ**

## ଭୟଙ୍କର, ହୃଦୟବିଦାରକ: ନବୀନ

■ **ଭୁବନେଶ୍ୱର, ୧୬।୯ (ସମିସ):** ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଥିବା ବେଳେ ମହିଳାମାନେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। କୌଣସି ନିକାଞ୍ଚନ ଦୁର୍ଗମ ଅଞ୍ଚଳ ନୁହେଁ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳାମାନେ ଆଉ ସୁରକ୍ଷିତ ନାହାନ୍ତି। ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣା ପରେ ସୋମବାର ପୁରୀ ଜିଲ୍ଲାର ପ୍ରସିଦ୍ଧ ବାଲି ହରଚଣ୍ଡୀଠାରେ ସମାନ ଭାବେ ଆଉ ଏକ ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି ଘଟିଛି। ଯାହା ଓଡ଼ିଶାର ଛବିକୁ ଜାତୀୟସ୍ତରରେ ପୁଣି ଥରେ ମଳିନ କରିଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ସବୁଠାରେ କଡ଼ା ସମାଲୋଚନା ପ୍ରକାଶ ପାଇଛି। ଏପରି ସ୍ପର୍ଶକାତର ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ଘଟଣାରେ ସେ ଗଭୀର ମର୍ମାହତ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସରକାର ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି, ଯେଉଁଠାରେ ଆମ ଝିଅମାନେ ସୁରକ୍ଷିତ, ସମ୍ମାନିତ ଅନୁଭବ କରିପାରିବେ ବୋଲି ▶ପୃଷ୍ଠା-୧୦



**"ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ**

### ୟୁପିଆଇ କାରବାର ସୀମା ବୃଦ୍ଧି

## ଦିନକରେ କରିହେବ ୧୦ ଲକ୍ଷ

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ସମ୍ପ୍ରତି ଅନ୍‌ଲାଇନ୍ କାରବାର ଢ଼େର ବଢ଼ିଯାଇଛି। ଆଜିକାଲି ଅଧିକାଂଶ ଲୋକ ନଗଦ ପରିବର୍ତ୍ତେ ଅନ୍‌ଲାଇନରେ ଦେୟ ଦେବାକୁ ପସନ୍ଦ କରୁଛନ୍ତି। ଏବେ ଏଥିରେ ଏକ ବଡ଼ ଅପଡେଟ୍ ଆସିଛି, ଯାହା ବଡ଼ ପରିମାଣର ପେମେଣ୍ଟକୁ ଆହୁରି ସହଜ କରିଦେବ। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇ ପେମେଣ୍ଟ ନିୟମରେ ବଡ଼ ଧରଣର ପରିବର୍ତ୍ତନ କରିଛି। ଏଥିରେ ଦୈନିକ ୟୁପିଆଇ ପେମେଣ୍ଟ ସୀମାରେ ସରକାର ବୃଦ୍ଧି ଘଟାଇଛନ୍ତି। ଏହାଫଳରେ ଜଣେ ବ୍ୟକ୍ତି ଗୋଟିଏ ଦିନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏନ୍‌ପିସିଆଇ ପର୍ସନ୍-ଟୁ ମର୍ଚ୍ଚାଣ୍ଟ (ପିଟୁଏମ୍) ପେମେଣ୍ଟର ଅନେକ ବର୍ଗରେ ଦୈନିକ ସୀମା ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହି ପରିବର୍ତ୍ତନଗୁଡ଼ିକ ସେପ୍ଟେମ୍ବର ୧୫ଠାରୁ କାର୍ଯ୍ୟକାରୀ ହୋଇଛି।

ଏହି ନୂତନ ପରିବର୍ତ୍ତନଗୁଡ଼ିକ ସାଧାରଣ ଲୋକଙ୍କ ସହିତ ୟୁପିଆଇ ମାଧ୍ୟମରେ କାରବାର କରୁଥିବା ଦୋକାନୀ/ବ୍ୟବସାୟୀମାନଙ୍କୁ ମଧ୍ୟ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ। ଏନ୍‌ପିସିଆଇ ବୀମା ପ୍ରିମିୟମ, ପୁଞ୍ଜି ବଜାର, କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟ ଭଳି କିଛି ବିଶେଷ ବର୍ଗ ପାଇଁ ୟୁପିଆଇ କାରବାରର ସୀମା ପ୍ରତି କାରବାର ପାଇଁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏପରି ▶ପୃଷ୍ଠା-୧୦




**କିଣିହେବ ୬ ଲକ୍ଷର ସୁନା ଅଳଙ୍କାର**

### ବଢ଼ିଲାନି ଖରିଫ୍ ପଞ୍ଜୀକରଣ ଅବଧି

# ଘୋଷଣା କରି ଭୁଲିଗଲେ ସରକାର

■ **ଭୁବନେଶ୍ୱର, ୧୬।୯ (ସମିସ):** ଚାଷୀଙ୍କ ସମସ୍ୟା ସମାଧାନ କରିପାରୁନାହାନ୍ତି ସରକାର। ଧାନ ପଞ୍ଜୀକରଣଠାରୁ ଆରମ୍ଭ କରି ସାର ସଂକଟ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାରେ ଚାଷୀ ଘାଣ୍ଟି ହେଉଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିକରି ଚାଷୀ ନୟାନ୍ତ ହେଲେଣି। ହେଲେ କେହି ଶୁଣୁନାହାନ୍ତି। ଚଳିତ ଖରିଫ୍ ଋତୁରେ ଆରମ୍ଭରୁ ଜଟିଳ ପଞ୍ଜୀକରଣ ପ୍ରକ୍ରିୟାରେ ସନ୍ତୁଳି ହୋଇଥିଲେ ଚାଷୀ। ଏଥିଯୋଗୁଁ, ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଅଧିକାଂଶ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଥିଲେ। ତେଣୁ, ପଞ୍ଜୀକରଣ ଅବଧି ବୃଦ୍ଧି କରାଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ପୁଣି କେବେ ପଞ୍ଜୀକରଣ ଆରମ୍ଭ ହେବ, ଚାଷୀକୁଳକୁ ଏବେ ▶ପୃଷ୍ଠା-୧୦

**ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ**

**ଗାଁ ଗାଁରେ ଧାନ ବେପାରୀଙ୍କ ଡେରା**

## ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲେ ଚାଷୀ

■ **ବରଗଡ଼, ୧୬।୯ (ସମିସ):** ଧାନ ପଞ୍ଜୀକରଣରେ ବ୍ୟାପକ ଅବ୍ୟବସ୍ଥା ଏବଂ ଅବଧି ବୃଦ୍ଧି ହେଉନଥିବା ନେଇ ଆଜି ବରଗଡ଼ରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଛନ୍ତି। ସକାଳୁ ମୂଷଳାଧାର ବର୍ଷା ସତ୍ତ୍ୱେ ଚାଷୀମାନେ ଗାନ୍ଧୀ ଛକରେ ଏକାଠି ହୋଇଥିଲେ। ପରେ ସମସ୍ତେ ଏକ ରାଲିରେ ଯାଇ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦେବା ସହ ଦାବିପତ୍ର ଦେଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ▶ପୃଷ୍ଠା-୧୦



ପ୍ରବଳ ବର୍ଷାରେ ଏକତ୍ରିତ ହେଲେ ହଜାର ହଜାର ଚାଷୀ

**୭ ଦିନରେ ସମାଧାନ ନହେଲେ ଜିଲ୍ଲାରେ ରାସ୍ତା ଅବରୋଧ**

# ଧର୍ମାନ୍ତରୀକରଣ ବିରୋଧୀ ଆଇନ ମାମଲାରେ ରାଜ୍ୟଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୧୬।୯: ଧର୍ମାନ୍ତରୀକରଣ ଆଇନ ବିରୋଧରେ ଆଗତ ପିଟିସନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ଏହାକୁ ନେଇ କେନ୍ଦ୍ର ସରକାର ସହିତ ଅନେକ ରାଜ୍ୟଙ୍କୁ ନୋଟିସ ଜାରିଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ବିଭିନ୍ନ ଧର୍ମାବଲମ୍ବୀଙ୍କୁ ବିବାହ କରିଥିବା ଦଂପତିଙ୍କୁ ହଇରାଣ କରିବା ଲାଗି ଧର୍ମାନ୍ତରୀକରଣ-ବିରୋଧୀ ଆଇନର ଦୁରୁପଯୋଗ କରାଯାଉଛି। ଉତ୍ତର ପ୍ରଦେଶ ସମେତ ମଧ୍ୟ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଛତିଶଗଡ଼, ଗୁଜରାଟ, ହରିଆଣା, ଝାଡ଼ଖଣ୍ଡ ଓ କର୍ଣ୍ଣାଟକ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଜବାବ ପାଇଁ ୪ ସପ୍ତାହର ସମୟ ଦିଆଯାଇଛି। ନୋଟିସର ଜବାବ ମିଳିବା ପରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଉପରେ ରୋକ ଲଗାଯିବ କି ନାହିଁ ତାହା ବିଚାର କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜମିଅତ ଉଲେମା-ଇ-ହିନ୍ଦ ସମେତ ଅନେକ ସଂଗଠନ ପକ୍ଷରୁ ଦାଏର ପିଟିସନରେ ଅଭିଯୋଗ କରାଯାଇଛି ଯେ ବିଭିନ୍ନ ଧର୍ମର ଲୋକମାନଙ୍କୁ ଏହି ଆଇନ ଆଳରେ ହଇରାଣ କରାଯାଉଛି।

# ଯୁବରାଜ ସିଂହ, ରବିନ ଉଥପ୍ପାଙ୍କୁ ଇଡି ସମନ

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାରପ୍ରସାର ମାମଲାରେ ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି ଯୁବରାଜ ସିଂହ ଏବଂ ରବିନ ଉଥପ୍ପାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ବେଟିଂ ଆପ୍ '୧xବେଟ୍' ମାମଲାରେ ଜେରା ପାଇଁ ଡକାଇଛି। ଉଥପାଙ୍କୁ ୨୨ ତାରିଖରେ ଏବଂ ଯୁବରାଜଙ୍କୁ ୨୩ରେ ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ବଲିଉଡ ଅଭିନେତା ସୋନୁ ସୁଦ୍‌ଙ୍କୁ ମଧ୍ୟ ୨୪ ତାରିଖରେ ହାଜର ହେବା ପାଇଁ ନୋଟିସ ପଠାଯାଇଛି। ମନି ଲଣ୍ଡରିଂ ମାମଲାରେ ସମସ୍ତଙ୍କୁ ପଚରାଉଚୁରା କରାଯିବ। ଅନ୍ୟପଟେ ଆଜି ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ ଜେରା ପାଇଁ ଡକାଯାଇଛି। ସୋମବାର ଏହି ମାମଲାରେ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ଜେରା କରି ବୟାନ ରେକର୍ଡ କରିଥିଲା। ପୂର୍ବରୁ ଶିଖର ଧାୱନ, ସୁରେଶ ରୈନା ଏବଂ ହରଭଜନ ସିଂହଙ୍କୁ ମଧ୍ୟ ଜେରା କରାଯାଇଥିଲା। ସେଲିବ୍ରିଟିଙ୍କ ମାଧ୍ୟମରେ ବିଜ୍ଞାପନ କରି ଏହି ଅନ୍‌ଲାଇନ ବେଟିଂ ଆପ୍ କୋଟି କୋଟି ଟଙ୍କାର ମନି ଲଣ୍ଡରିଂ ତଥା ଟିକସ ଚୋରି କରିଥିବା ଅଭିଯୋଗ ଲାଗିଛି।

# ମାନିଲା ଜୈସ: ଅପରେସନ ସିନ୍ଦୂରରେ ମାସୁଦ ଆଝାର ପରିବାର ନିହତ

ଇସଲାମାବାଦ, ୧୬।୯ (ଏଜେନ୍ସି): ପ୍ରଥମ ଥର ପାଇଁ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ସତ ସ୍ୱୀକାର କରିଛି। ଅପରେସନ ସିନ୍ଦୂର ସମୟରେ ଭାରତର ଆକ୍ରମଣରେ ଏହାର ମୁଖ୍ୟ ମୌଲାନା ମସୁଦ ଆଝାର ପରିବାରର ଅନେକ ସଦସ୍ୟ ନିହତ ହୋଇଥିଲେ। ଜୈସର କମାଣ୍ଡର ମାସୁଦ ଇଲିଆସ କାଶ୍ମୀର ଏହା ସ୍ୱୀକାର କରିଛି। ଏହି ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ କହିଥିଲା ଯେ ମେ' ୭ ତାରିଖରେ ବାହାବଲପୁରରେ ଭାରତର କାର୍ଯ୍ୟାନୁଷ୍ଠାନ ସମୟରେ ଆଝାରଙ୍କ ପରିବାର ସଦସ୍ୟଙ୍କ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଏଥିରେ ପରିବାରର ୧୦ ସଦସ୍ୟଙ୍କ ସମେତ ମାସୁଦର ୪ ସହଯୋଗୀ ପ୍ରାଣ ହରାଇ ଥିଲେ। ତେବେ ଆକ୍ରମଣ ସମୟରେ କ୍ୟାମ୍ପରେ ନ ଥିବାରୁ ଜୈସ ମୁଖ୍ୟ ମାସୁଦ ଆଝାରର ଜୀବନ ବର୍ତ୍ତି ଯାଇଥିଲା।

# ମହିଳା ଅଧିକାରୀଙ୍କ ଘରୁ ୨ କୋଟିର ଅଳଙ୍କାର, ୯୨ ଲକ୍ଷ ଟଙ୍କା ଜବତ



ଗୌହାଟୀ, ୧୬।୯ (ଏଜେନ୍ସି): ଦୁର୍ନୀତିରେ ମହିଳା ଅଧିକାରୀଙ୍କ ସମ୍ପତ୍ତି ବଢ଼ିବାରେ ଲାଗିଛି। ବହୁତ କମ୍ ବର୍ଷ ହେଲା ଚାକିରି କରିଥିଲେ ମଧ୍ୟ ନବାଗତ ଅଧିକ ଧନ ଲୋଭରେ ପଡ଼ି ଦୁର୍ନୀତି କରୁଛନ୍ତି। ଏବେ ଆସାମ ସିଭିଲ ସେବା (ଏସିଏସ) ଅଧିକାରୀ ନୂପୁର ବୋରାଙ୍କୁ ଦୁର୍ନୀତି ମାମଲାରେ ଗିରଫ କରାଯାଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚାକିରିର ମାତ୍ର ୬ ବର୍ଷ ମଧ୍ୟରେ ସେ କୋଟିପତି ହୋଇଯାଇଛନ୍ତି। ତାଙ୍କ ସମ୍ପତ୍ତି ଅହେତୁକ ଭାବେ ବଢ଼ିବାରେ ଲାଗିଛି। ଏହି ମାମଲାରେ ସୋମବାର ସ୍ପେସିଆଲ ଭିଜିଲାନ୍ସ ଟିମ୍ ନୂପୁରଙ୍କ ଗୌହାଟୀ ସ୍ଥିତ ଘରେ ଚଢ଼ଉ କରିଥିଲା। ଏଠାରୁ ୯୨ ଲକ୍ଷ ଟଙ୍କା ଏବଂ ପ୍ରାୟ ୨ କୋଟି ଟଙ୍କାର ଅଳଙ୍କାର ଜବତ କରାଯାଇଥିଲା। ଆଉ ଏକ ଟିମ୍ ନୂପୁରଙ୍କ ବାରପେଟା ସ୍ଥିତ ଭଡ଼ା ଘରେ ଚଢ଼ଉ କରି ୧୦ ଲକ୍ଷ ଟଙ୍କା ଜବତ କରିଥିଲା। ଏହି ମହିଳା ଅଧିକାରୀଙ୍କ ସହଯୋଗୀ ଲାଟ ମଣ୍ଡଳ ସୁରଜିତ ଡେକାଙ୍କ ଘରେ ମଧ୍ୟ ଚଢ଼ଉ ହୋଇଛି। ବାରପେଟା ରାଜସ୍ୱ ସର୍କଲରେ ଥିବା ସମୟରେ ନୂପୂର ଲାଞ୍ଚ ନେଇ ଜମି କାରବାର କରିଥିବା ଅଭିଯୋଗ ହୋଇଥିଲା। ଏବେ ସେ କାମରୁପର ଗୋରୋଇମାରିରେ ସର୍କଲ ଅଫିସର ଭାବେ କାର୍ଯ୍ୟରତ।

ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଯେ ବିବାଦୀୟ ଜମି ମାମଲାରେ ନାମ ସାମ୍ନାକୁ ଆସିବା ପରେ ଗତ ୬ ମାସ ହେଲା ନୂପୁରଙ୍କ ଉପରେ ନଜର ରଖାଯାଇଥିଲା। ଏଥିପାଇଁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନା ଅନୁଯାୟୀ ୨୦୧୯ରେ ନୂପୁର ସିଭିଲ ସେବାରେ ସାମିଲ ହୋଇଥିଲେ। ସେ ୧୯୮୯ ମାର୍ଚ୍ଚ ୩୧ରେ ଜନ୍ମଗ୍ରହଣ କରିଥିଲେ। ସେ କାମରୁପ ଜିଲ୍ଲା ଗୋଲାଘାଟର ବାସିନ୍ଦା। ସେ କାର୍ବି ଆଙ୍ଗଲୋଙ୍ଗରେ ସହାୟକ କମିସନର ଭାବେ ପ୍ରଶାସନିକ କ୍ୟାରିୟର ଆରମ୍ଭ କରିଥିଲେ। ଏହି ପଦରେ ସେ ୨୦୨୩ ଜୁନ୍ ପର୍ଯ୍ୟନ୍ତ ଥିଲେ। ଏଠାକାର ବିଭିନ୍ନ ଦୁର୍ନୀତି ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିଥିଲା। ନୂପୁରଙ୍କ ସହଯୋଗୀ ସୁରଜିତ ଏବେ ବାରପେଟାରେ ନିଯୁକ୍ତ ଅଛନ୍ତି। ନୂପୁରଙ୍କ ସହ ମିଶି ସେ ବାରପେଟାରେ ଅନେକ ସମ୍ପତ୍ତି ନିଜ ନାମରେ କରିଥିବା ଅଭିଯୋଗ ହୋଇଛି।

# ଗାଜାରେ ପଶିଲା ଇସ୍ରାଏଲ ସେନା

## ୭୮ ମୃତ; ସହର ଛାଡ଼ିଲେ ୩ ଲକ୍ଷ ନାଗରିକ

## ଗାଜା ଜଳୁଛି କହିଲେ ପ୍ରତିରକ୍ଷା ମନ୍ତ୍ରୀ



ତେଲ ଆଭିଭ, ୧୬।୯ (ଏଜେନ୍ସି): ଇସ୍ରାଏଲ-ହମାସ ସଂଘର୍ଷ ବନ୍ଦ ହେବାର ନା ଧରୁନି। ଦୀର୍ଘ ଦିନ ହେଲା ଆକ୍ରମଣ ଜାରି ରହିଥିବାବେଳେ ଗାଜା ଅଧିବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ ନ ପାଇ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି। ଏପରି ସମୟରେ ପୁଣିଥରେ ଇସ୍ରାଏଲ ଗାଜା ସିଟିରେ ଜୋରଦାର ଆକ୍ରମଣ କରିଛି। ଏହି ସହରକୁ ଦଖଲ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ମଙ୍ଗଳବାର ସକାଳେ ଇସ୍ରାଏଲ ସେନା ସ୍ଥଳ ଭାଗରେ ଆକ୍ରମଣ ଆରମ୍ଭ କରି ଗାଜା ସିଟିର ବାହ୍ୟ ଅଞ୍ଚଳକୁ ପ୍ରଥମେ କବ୍‌ଜା କରିବାରେ ଲାଗିଛି। ଏହି ଅଞ୍ଚଳରେ ଆଇଡିଏଫ ରାତି ସାରା ଆକାଶ ମାର୍ଗରୁ ଆକ୍ରମଣ କରିଥିଲେ। ବୋମା ମାଡ଼ରେ ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଛି। ଲୋକେ ଭୟରେ ଘରଦ୍ୱାର ଛାଡ଼ି ପଳାଇବାରେ ଲାଗିଛନ୍ତି। ଏହି ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଫୁଟବଲ ଏକାଡେମିର ୧୦ ଶିଶୁ ସାମିଲ ଅଛନ୍ତି। ଶତାଧିକ ମଧ୍ୟ ଆହତ ହୋଇଛନ୍ତି। ୩.୨ ଲକ୍ଷରୁ ଅଧିକ ଲୋକ ସହର ଛାଡ଼ି ଚାଲି ଯାଇଛନ୍ତି ବୋଲି ଜଣେ ଇସ୍ରାଏଲ ଅଧିକାରୀ କହିଛନ୍ତି।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ କହିଛନ୍ତି ଯେ ହମାସ କବ୍‌ଜାରେ ଥିବା ନାଗରିକଙ୍କୁ ମୁକ୍ତ କରିବାକୁ ଏବଂ ହମାସକୁ ହରାଇବା ପାଇଁ ସେନା ସାହସର ସହ ଲଢ଼େଇ କରୁଛି। ଏବେ ଗାଜା ଜଳୁଛି। ସେନା ସମ୍ପୂର୍ଣ୍ଣ କ୍ଷମତାର ସହ ଆତଙ୍କବାଦୀଙ୍କ ଠିକଣାରେ ଆକ୍ରମଣ କରୁଛି। ଅଭିଯାନ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଇସ୍ରାଏଲ ପଛଘୁଞ୍ଚା ଦେବ ନାହିଁ କି ଅଟକିବ ନାହିଁ। ଏହା ପୂର୍ବରୁ ଗତ ମାସରେ ଗାଜା ସିଟି କବ୍‌ଜା ଯୋଜନାକୁ ଇସ୍ରାଏଲ କ୍ୟାବିନେଟ ମଞ୍ଜୁରି ଦେଇଥିଲା। ଏହା ଅଧିନରେ ୬୦ ହଜାର ସଂରକ୍ଷିତ ସୈନିକଙ୍କୁ ଡକାଇବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଯୋଜନା ଅନୁଯାୟୀ ଗାଜା ସହରକୁ କବ୍‌ଜା ପାଇଁ ମୋଟ ୧.୩୦ ଲକ୍ଷ ସୈନିକଙ୍କୁ ମୁତୟନ କରାଯିବ। କାର୍ଯ୍ୟରେ ଯୋଗଦେବା ପାଇଁ ସୈନିକଙ୍କୁ ଦୁଇ ସପ୍ତାହ ତଳେ ନୋଟିସ ଜାରି କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଇବା ପାଇଁ ଗତ ୨ ତାରିଖରେ ନିଷ୍ପତ୍ତି ନିଆଯାଇଥିଲା। ପରେ ନଭେମ୍ବର-ଡିସେମ୍ବର ଏବଂ ଫେବୃଆରୀ-ମାର୍ଚ୍ଚରେ ଅନ୍ୟ ସୈନିକଙ୍କୁ ଡକାଯିବ। ଏହି ଅଭିଯାନର ନାମ 'ଗିଦୋନସ ଚେରିଏଟ୍ସ-ବି' ରଖାଯାଇଛି। ଏହା ସହିତ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିବା ସଂରକ୍ଷିତ ସୈନିକଙ୍କ ସେବା ଅବଧିକୁ ୪୦-୫୦ ଦିନ ପାଇଁ ବୃଦ୍ଧି କରାଯାଇଛି।

ଏହି ଅଭିଯାନରେ ଆର୍ମି ଡିଭିଜନର ୫ଟି ଟିମ୍ ଏବଂ ୧୨ଟି ବ୍ରିଗେଡସ୍ତରୀୟ ଟିମ୍ ସାମିଲ ହେବ। ଏହା ମଧ୍ୟରେ ପଦାତିକ ବାହିନୀ, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଏବଂ ସପୋର୍ଟ ୟୁନିଟ ସାମିଲ ରହିଛି। ଏହା ବ୍ୟତୀତ ଗାଜା ଡିଭିଜନର ଉତ୍ତର ଏବଂ ଦକ୍ଷିଣ ବ୍ରିଗେଡ ମଧ୍ୟ ସାମିଲ ହେଉଛି।

ଇସ୍ରାଏଲର ଆକ୍ରମଣ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଏପରି ସମୟରେ ଇସ୍ରାଏଲର ନୂଆ ଅଭିଯାନ ସମସ୍ୟାକୁ ଅଧିକ ବଢ଼ାଇ ଦେଇଛି। ଏବେ ଗାଜାର ୮୦ ପ୍ରତିଶତ ଅଞ୍ଚଳରେ ପାଲେଷ୍ଟିନୀୟଙ୍କ ପ୍ରବେଶକୁ ବାରଣ କରିଦିଆଯାଇଛି। ଏହି ଅଭିଯାନରେ ହମାସ କବ୍‌ଜାରେ ଥିବା ବନ୍ଦୀଙ୍କୁ ମୁକ୍ତ କରିବାକୁ ଇସ୍ରାଏଲ ଲକ୍ଷ୍ୟ ରଖିଛି। ଏ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଇସ୍ରାଏଲ ସେନା ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ନ ଥିଲା। ଆଇଡିଏଫ ଅନୁଯାୟୀ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ପ୍ରତିଶତ ଅଞ୍ଚଳ ଦେଶ ନିୟନ୍ତ୍ରଣରେ ରହିଛି। ମାତ୍ର ୨୫ ପ୍ରତିଶତ ଅଞ୍ଚଳକୁ ଦଖଲ କରାଯାଇ ନାହିଁ। ଏଠାରେ ଇସ୍ରାଏଲ ବନ୍ଦୀଙ୍କୁ ରଖାଯାଇଥିବା ଅନୁମାନ କରାଯାଉଛି। ତେଣୁ ଏହି ଅଭିଯାନ ଆରମ୍ଭ ହୋଇଛି। ଏବେ ଗାଜାରେ ହମାସ ପାଖରେ ପ୍ରାୟ ୫୦ ଜଣ ବନ୍ଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବାବେଳେ ୨୮ ଜଣ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି।

# ହିଂସା ପାଇଁ ମସ୍କଙ୍କୁ ଦାୟୀକଲେ ବ୍ରିଟେନ ପ୍ରଧାନମନ୍ତ୍ରୀ

ଲଣ୍ଡନ, ୧୬।୯ (ଏଜେନ୍ସି): ଆପ୍ରବାସନ ନୀତିକୁ ବିରୋଧ କରି ବ୍ରିଟେନରେ ହୋଇଥିବା ହିଂସା ପାଇଁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆମେରିକା ବ୍ୟବସାୟୀ ଏଲନ ମସ୍କଙ୍କୁ ଦାୟୀ କରିଛନ୍ତି। ସେ ଟେସ୍‌ଲା ମାଲିକଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଉତ୍ତେଜନାପୂର୍ଣ୍ଣ ଏବଂ ବିପଜ୍ଜନକ ଭାଷଣ ପାଇଁ ଦକ୍ଷିଣ ପନ୍ଥୀ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ ସମୟରେ ହିଂସା ହେଲା ବୋଲି କହିଛନ୍ତି। ଷ୍ଟାର୍ମରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ବ୍ରିଟେନ ଏକ ସହିଷ୍ଣୁ ଦେଶ। ଏଠାରେ ହିଂସାକୁ ଉସୁକାଉଥିବା ଭାଷାର କୌଣସି ସ୍ଥାନ ନାହିଁ। ସୂଚନାଯୋଗ୍ୟ ଯେ ଦେଶରେ ବେଆଇନ ପ୍ରବାସୀଙ୍କ ବର୍ଦ୍ଧିତ ଜନସଂଖ୍ୟାକୁ ନେଇ ଲଣ୍ଡନରେ ପ୍ରତିବାଦ ହୋଇଥିଲା। ଅନଲାଇନ୍ ମାଧ୍ୟମରେ ମସ୍କ ଏଥିରେ ଯୋଗ ଦେଇଥିଲେ। ସେ ବ୍ରିଟେନ ସଂସଦ ଭଙ୍ଗ କରିବାକୁ ଦାବି କରିଥିଲେ। ଲଢ଼େଇ କରନ୍ତୁ, ନଚେତ ମରିବେ ବୋଲି କହିଥିଲେ। ଏହା ପରେ ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୨୬ ଜଣ ପୋଲିସ ଆହତ ହୋଇଥିଲେ।

# ନିଟ୍ ଛାତ୍ରଙ୍କୁ ହତ୍ୟା କଲେ ପଶୁ ଚୋରାଚାଲାଣକାରୀ

ଗୋରଖପୁର, ୧୬।୯ (ଏଜେନ୍ସି): ଉତ୍ତର ପ୍ରଦେଶ ଗୋରଖପୁରରେ ପଶୁ ଚୋରାଚାଲାଣକାରୀ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏହି ସମୟରେ ଚୋରାଚାଲାଣକାରୀ ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଛାତ୍ରଙ୍କୁ ଟାଣି ନେଇ ପିଟି ପିଟି ହତ୍ୟା କରିଦେଇଛନ୍ତି। ମୃତଦେହକୁ ଘରଠୁ ୪ କିମି ଦୂରରେ ନେଇ ଫୋପାଡ଼ିଛନ୍ତି। ସାଢ଼େ ଚାରି ଘଣ୍ଟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାତ୍ରଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁଣ୍ଡକୁ ପିଟି ପିଟି ନଷ୍ଟ କରିଦିଆଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜଣେ ଚୋରକୁ ଧରି ମଧ୍ୟ ପ୍ରବଳ ମାଡ଼ ମାରିଛନ୍ତି। ଛଡ଼ାଇବାକୁ ଆସିବାରୁ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ସୋମବାର ରାତି ୧୧ଟାରେ ଏହି ହଙ୍ଗାମା ଆରମ୍ଭ ହୋଇଥିଲା। ୧୦-୧୨ ଜଣ ପଶୁ ଚୋରାଚାଲାଣକାରୀ ପିକ୍‌ଅପରେ ପିପରାଇଚରୁ ମଓଆଚାପି ଗାଁରେ ପହଞ୍ଚି ଥିଲେ। ଏଠାରେ ଗ୍ରାମବାସୀଙ୍କ ସହ ହଙ୍ଗାମା ହେବା ପରେ ଆଗରେ ଥିବା ନିଟ୍ ଛାତ୍ର ଦୀପକଙ୍କୁ ନେଇ ପଳାଇ ଥିଲେ।

ସୂଚନା ଅନୁଯାୟୀ ଗାଁର ପ୍ରବେଶ ପଥ ନିକଟରେ ଦୁର୍ଗେଶ ପାଠକଙ୍କ ଆସବାବ ଦୋକାନ ଥିଲା। ଶୂନଶାନ ସ୍ଥାନ ଦେଖିବା ପରେ ସୋମବାର ରାତିରେ ଚୋରା ଲୁଟ୍ କରିବା ପାଇଁ ଦୋକାନ ତାଲା ଭାଙ୍ଗିବାରେ ଲାଗିଥିଲେ। ତେବେ ଦୋକାନର ଉପର ମହଲାରେ ଥିବା ଟ୍ରାଭେଲ ଅଫିସରେ ଦୁର୍ଗେଶଙ୍କ ଭଉଣୀର ପୁଅ ଶୋଇଥିଲେ। ସେ ୧୦-୧୨ ଚୋରଙ୍କୁ ଦେଖି ମାମୁଁ ଦୁର୍ଗେଶଙ୍କ ପୁଅ ଦୀପକକୁ କଲ୍ କରି ଡକାଇ ଥିଲେ। ଅନ୍ୟମାନଙ୍କୁ ଧରି ସେ ଆସୁଥିବାର ଶବ୍ଦ ଶୁଣି ଚୋର ପଳାଉ ଥିଲେ। ଗ୍ରାମବାସୀଙ୍କ ଉପରେ ଗୁଳିମାଡ଼ କରି ଆଗରେ ଥିବା ଦୀପକକୁ ସାଥିରେ ଭିଡ଼ି ନେଇଥିଲେ। ଏହି ସମୟରେ ଗ୍ରାମବାସୀ ଜଣେ ଚୋରକୁ ଧରି ନେଇ ପ୍ରବଳ ମାଡ଼ ମାରିଥିଲେ। ପୁଲିସ ପହଞ୍ଚି ଗିରଫ କରିବାକୁ ପ୍ରୟାସ କରୁଥିବାବେଳେ ଗ୍ରାମବାସୀ ଏସ୍‌ପିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏଥିରେ ଏସ୍‌ପି ଜିତେନ୍ଦ୍ର ଶ୍ରୀବାସ୍ତବ ଏବଂ ପିପରାଇଚ ଥାନା ପ୍ରଭାରୀ ଆହତ ହୋଇଥିଲେ।

# 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ଟ୍ରମ୍ପଙ୍କ ମାନହାନୀ ମାମଲା

ୱାଶିଂଟନ, ୧୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ବଡ଼ ଅଭିଯୋଗ ଲଗାଇ ୧୫ ବିଲିୟନ ଡଲାର ତଥା ୧.୩ ଲକ୍ଷ କୋଟି ଟଙ୍କାରର ମାନହାନୀ ମାମଲା ଦାଏର କରିଛନ୍ତି। କିଛି ଦଶନ୍ଧି ହେଲା ଏହି ଖବରକାଗଜ ତାଙ୍କ ବିରୋଧରେ ଭୁଲ୍ ରିପୋର୍ଟ ପ୍ରଚାରପ୍ରସାର କରି ଛବି ଖରାପ କରୁଥିବା ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। ଏହା ମଧ୍ୟରେ ଦିବଙ୍ଗତ ସେକ୍ସ ଅପରାଧୀ ଜେଫରି ଏପଷ୍ଟିନ ସାମିଲ ଅଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ କହିଛନ୍ତି ଯେ ନ୍ୟୁୟର୍କ ଟାଇମ୍ସ ତାଙ୍କ ପରିବାର, ବ୍ୟବସାୟ, ରାଷ୍ଟ୍ରପତି ଏବଂ ସାରା ଦେଶ ବିରୋଧରେ ମିଛ ପ୍ରଚାରପ୍ରସାର କରୁଛି। ଏହି ଖବରକାଗଜ ଚରମପନ୍ଥୀ 'ଲେଫ୍ଟ ଡେମୋକ୍ରାଟ ପାର୍ଟି'ର ପ୍ରବକ୍ତା ପାଲଟି ଯାଇଛି। କମଳା ହ୍ୟାରିସଙ୍କ ସମର୍ଥନରେ ପ୍ରଥମ ପୃଷ୍ଠାରେ ଆଲେଖ୍ୟ ଲେଖିଥିଲା। ଏହା ଆମେରିକା ଫାଷ୍ଟ ମୁଭମେଣ୍ଟ ଏବଂ ମାଗାର ମଧ୍ୟ ବିରୋଧୀ। ଏହି ମାମଲା ଫ୍ଲୋରିଡ଼ାରେ ଦାଏର କରାଯାଇଛି ବୋଲି ଟ୍ରମ୍ପ କହିଛନ୍ତି।




ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଏହି ଖବରକାଗଜ ଦୀର୍ଘ ଦିନ ହେଲା ଭିଡିଓ ଏବଂ ପ୍ରମାଣପତ୍ରରେ ଜାଲିଆତି କରି ମିଥ୍ୟା ଖବରର ପ୍ରଚାରପ୍ରସାର କରୁଛି। ଏହା ବେଆଇନ। ଏହାକୁ ରୋକିବାକୁ ହେବ। ଏପରି କରିବାକୁ ଯାଉଥିବାରୁ ମୋତେ ଗର୍ବ ଲାଗୁଛି। ଟ୍ରମ୍ପ ଏବଂ ବଦ୍‌ନାମ ହୋଇଥିବା ଫାଇନାନ୍ସର ଜେଫରି ଏପଷ୍ଟିନଙ୍କ ସମ୍ପର୍କକୁ ନେଇ ନ୍ୟୁୟର୍କ ଟାଇମ୍ସ ଖବର ଛାପିବା ପରେ ଆମେରିକା ରାଷ୍ଟ୍ରପତି ଏହି ପଦକ୍ଷେପ ନେଇଛନ୍ତି। ସେ ନ୍ୟୁୟର୍କ ଟାଇମ୍ସକୁ ଆମେରିକାର ସବୁଠୁ ଖରାପ ଏବଂ ବର୍ବାଦ ହୋଇଯାଇଥିବା ଖବରକାଗଜ କହିଛନ୍ତି। ତେବେ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଅଭିଯୋଗ ଉପରେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

ସୂଚନାଯୋଗ୍ୟ ଯେ ଏହି ଖବରକାଗଜ ଭାରତ ବିରୋଧରେ ମଧ୍ୟ ଅନେକ ମିଥ୍ୟା ଖବର ପ୍ରଚାରପ୍ରସାର କରିଥିଲା। ଭିତ୍ତିହୀନ ରିପୋର୍ଟିଂ କରି ଭାରତରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ କରିଥିଲା। କଶ୍ମୀରରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଇଥିବା ଦାବି କରିଥିଲା। ଏହା ମଧ୍ୟ ଅନେକ ସମୟରେ କଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧୀ ଖବର ଛାପିଥିଲା।

## ଟ୍ରମ୍ପଙ୍କ ଦାବିକୁ ଖାରଜ କଲେ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ

# ତୃତୀୟ ପକ୍ଷର ମଧ୍ୟସ୍ଥତାକୁ କେବେ ସ୍ୱୀକାର କରିନି ଭାରତ

ଦୋହା, ୧୬।୯ (ଏଜେନ୍ସି): ପୁଣିଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପଦାରେ ପଡ଼ିଯାଇଛି। 'ଅପରେସନ ସିନ୍ଦୂର' ପରେ ଭାରତ ଏବଂ ପାକିସ୍ତାନ ସଂଘର୍ଷକୁ ଅଟକାଇଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରିଆସୁଛନ୍ତି। ଏଥିପାଇଁ ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ତାଙ୍କୁ ମନୋନୀତ କରିବାକୁ ଟ୍ରମ୍ପ ଭାରତ ଉପରେ ଚାପ ପକାଉଛନ୍ତି। ଏପରି ସମୟରେ ଟ୍ରମ୍ପଙ୍କ ମିଛ ଉପରୁ ଖୋଦ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇସାକ ଡାର୍ ପରଦା ଉଠାଇ ଦେଇଛନ୍ତି। ଏହା ସହିତ ସାରା ବିଶ୍ୱରେ ପୁଣିଥରେ ଟ୍ରମ୍ପଙ୍କ ଅସଲ ମୁଖା ଖୋଲି ଯାଇଛି। ଭାରତ-ପାକିସ୍ତାନ ଯୁଦ୍ଧ ରୋକିଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଡାର୍ ଖାରଜ କରିଦେଇଛନ୍ତି।

ଅଲଜଜିରାକୁ ମଙ୍ଗଳବାର ଦେଇଥିବା ଏକ ସାକ୍ଷାତକାରରେ ଡାର୍ ସ୍ୱୀକାର କରିଛନ୍ତି ଯେ ଉଭୟ ଦେଶ ମଧ୍ୟରେ କୌଣସି ତୃତୀୟ ରାଷ୍ଟ୍ରର ମଧ୍ୟସ୍ଥତାକୁ ଭାରତ କେବେ ସ୍ୱୀକାର କରି ନାହିଁ। ଏହି ସମୟରେ ଉପସ୍ଥାପକ ତାଙ୍କୁ ସଂଘର୍ଷ ସମାଧାନ ଲାଗି ତୃତୀୟ ପକ୍ଷର ହସ୍ତକ୍ଷେପ ନିମନ୍ତେ ପାକିସ୍ତାନ ପ୍ରସ୍ତୁତ ଥିଲା କି ବୋଲି ପଚାରି ଥିଲେ। ଏହା ଉପରେ ପାକିସ୍ତାନର କୌଣସି ଆପତ୍ତି ନ ଥିଲା ବୋଲି ଡାର୍ କହିଥିଲେ। କିନ୍ତୁ ଏଥିପାଇଁ ଭାରତ ମନା କରିଦେଇଥିଲା। ସୂଚନା ଅନୁଯାୟୀ ମେ'୭ରେ ସଂଘର୍ଷ ଆରମ୍ଭ ହେବାର ତିନି ଦିନ ପରେ ୧୦ରେ ଭାରତ-ପାକିସ୍ତାନ ମଧ୍ୟରେ ଟ୍ରମ୍ପ ଅସ୍ତ୍ରବିରତିର ସୂଚନା ଦେଇଥିଲେ। ପରେ ସେ ପ୍ରାୟ ୩୦ ଥର ଏହି ଯୁଦ୍ଧ ବନ୍ଦ କରିଥିବାର ଶ୍ରେୟ ନିଜକୁ ଦେଲେଣି। କିନ୍ତୁ ଭାରତ ଟ୍ରମ୍ପଙ୍କ ଦାବିକୁ ଖାରଜ କରିଆସିଛି। ଅସ୍ତ୍ରବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି କୁହାଯାଇଛି। ଏହା ପରେ ଇସାକ ଡାର୍ ସଂଘର୍ଷର ସମାଧାନ ନେଇ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମଧ୍ୟ ଭାରତ ଆଉ କାହାର ହସ୍ତକ୍ଷେପ ଚାହୁଁ ନ ଥିବା କହିଥିଲେ।

ଡାର୍ କହିଥିଲେ ଯେ ଜୁଲାଇ ୨୫ରେ ୱାଶିଂଟନରେ ରୁବିଓଙ୍କ ସହ ବୈଠକ ହୋଇଥିଲା। ଏଠାରେ ମଧ୍ୟ ଅନ୍ୟ କୌଣସି ଦେଶରେ ପାକିସ୍ତାନ ସହ ଆଲୋଚନା କରିବା ପାଇଁ ଭାରତ ରାଜି ହୋଇ ନ ଥିଲା।

# ୪୦ ବର୍ଷ ପରେ ପାକିସ୍ତାନରେ 'ରାବି' ବିପର୍ଯ୍ୟୟ



ଇସଲାମାବାଦ, ୧୬।୯ (ଏଜେନ୍ସି): ଦୀର୍ଘ ୪୦ ବର୍ଷ ପରେ ଭାରତରେ ପ୍ରବାହିତ ରାବି ନଦୀ ପାକିସ୍ତାନରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୀର୍ଘ ଚାରି ଦଶନ୍ଧି ପର୍ଯ୍ୟନ୍ତ ଶାନ୍ତ ରହିବା ପରେ ଏହି ନଦୀ ନିଜର ଭୟଙ୍କର ରୂପକୁ ଦେଖାଇଛି। ଚଳିତ ମୌସୁମୀର ଭୀଷଣ ବର୍ଷାରେ ଅଗଷ୍ଟରେ ରାବି ନଦୀ ପୁଣି ଫୁଲି ଉଠିଛି। ଏହା ସୀମା ସରହଦ ଡେଇଁ ପାକିସ୍ତାନର ଲାହୋରକୁ ବ୍ୟାପି ଯାଇଛି। ଏହା ଘର ଏବଂ କ୍ଷେତ ଭିତରେ ପଶି ବିପୁଳ କ୍ଷତି ଘଟାଇଛି। ଏବେ ବି ଅନେକ ଅଞ୍ଚଳ ବନ୍ୟାରେ ବୁଡି ରହିଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହା ପୁଣିଥରେ ଲୋକଙ୍କୁ ୪୦ ବର୍ଷ ତଳେ ହୋଇଥିବା ବିପର୍ଯ୍ୟୟର କରୁଣ ଦୃଶ୍ୟକୁ ମନେ ପକାଇ ଦେଇଛି। ପ୍ରକୃତି ସହ ଖେଳି ହେଉଥିବା ବିକାଶ କାର୍ଯ୍ୟର ଏହା କୁପରିଣତି ବୋଲି କିଛି ଲୋକ କହୁଛନ୍ତି। ଆଉ କିଛି ଲୋକେ ଏହାକୁ ରାବି ନଦୀର ଚମତ୍କାର ବୋଲି ଆଖ୍ୟା ଦେଉଛନ୍ତି। ରାବି ବୁଡେଇଲା, ଭସେଇଲା ଆଉ ପୁରୁଣା ସ୍ମୃତିକୁ ସତେଜ କରିଦେଲା ବୋଲି ପୁରୁଖା ଲୋକ କହୁଛନ୍ତି। ତେବେ ଏହି ବନ୍ୟା ପାଇଁ ପାକିସ୍ତାନ ଭାରତକୁ ଦୋଷ ଦେଉଛି। ଭାରତ ପାଣି ଅଟକାଇ ଛାଡ଼ିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି।

ସିନ୍ଧୁ ନଦୀ ପ୍ରଣାଳୀର ନଦୀଗୁଡ଼ିକ ପାକିସ୍ତାନ ଏବଂ ଭାରତରେ ଥିବା ପଞ୍ଜାବ ପ୍ରଦେଶର ଲୋକକଥା ଏବଂ ସଂସ୍କୃତିର ଅଂଶ ହୋଇ ରହିଛି। ବିଭାଜନକୁ ମଧ୍ୟ ନଦୀ ପରି ଉଲ୍ଲେଖ କରାଯାଇଛି। ଏହାକୁ ନେଇ ଗୁରଦାସ ମାନ-ଦିଲଜିତ୍ ଦୋସାଞ୍ଜ୍ ପଞ୍ଜାବୀ ଗୀତ ଲେଖିଛନ୍ତି। ପାକିସ୍ତାନର ପଞ୍ଜାବର ରାଜଧାନୀ ଲାହୋରର ସହିତ ରାବୀ ନଦୀର ପ୍ରେମକାହାଣୀ ବହୁ ଶତାବ୍ଦୀ ପୁରୁଣା। ତେଣୁ ଚାରି ଦଶନ୍ଧିରୁ ଅଧିକ ସମୟ ପରେ ରାବି ଲାଗି ଲାହୋରରେ ବନ୍ୟା ଆସିବାରୁ କେବଳ ବ୍ୟାପକ କ୍ଷତି ଘଟାଇନଥିଲା, ବରଂ ସ୍ମୃତିର ଏକ ବନ୍ୟା ମଧ୍ୟ ଆସିଥିଲା।

ସତଲେଜ୍ ଏବଂ ଚେନାବ ସହିତ ରାବି ପଞ୍ଜାବର ସବୁଠୁ ଭୟଙ୍କର ବନ୍ୟା ସୃଷ୍ଟି କରିଥିଲା। ଲାହୋରର ଅଧିବାସୀ ସେତୁ ଉପରେ ଏକାଠି ହୋଇ ପରିବାର ସହ ନଦୀ ବଢି ଦେଖୁଥିଲେ। ଚଳିତ ଥର ଉଭୟ ପଞ୍ଜାବକୁ ରାବି କ୍ରୋଧର ସମ୍ମୁଖୀନ ହେବାକୁ ପଡିଛି। ଭାରତର ଗୁରୁଦାସପୁର ଏବଂ ପଠାନକୋଟରୁ ପାକିସ୍ତାନର ନାରୋୱାଲ, ସାହିୱାଲ, କସୁର ଏବଂ ଲାହୋର ପର୍ଯ୍ୟନ୍ତ ସହରଗୁଡିକୁ ରାବି ବୁଡାଇ ଦେଇଛି। କରତାରପୁରର ଗୁରୁଦ୍ୱାର ସାହିବକୁ ମଧ୍ୟ ବନ୍ୟାପାଣି ପ୍ରବେଶ କରିଛି।

## ବୁଡ଼େଇଲା, ଭସେଇଲା, କନ୍ଦେଇ ସତେଜ କଲା ସ୍ମୃତି

ରାବି ନଦୀ ହିମାଚଳ ପ୍ରଦେଶର ବାରା ଭଙ୍ଗାଲ ଅଞ୍ଚଳରୁ ବାହାରି ଚମ୍ବା ଉପତ୍ୟକା ଦେଇ ପଞ୍ଜାବରେ ପ୍ରବେଶ କରିଛି। ପାକିସ୍ତାନର ନାରୱାଲରେ ପ୍ରବେଶ କରିବା ପୂର୍ବରୁ ପଞ୍ଜାବର ପଠାନକୋଟ, ଅମୃତସର ଏବଂ ଗୁରୁଦାସପୁର ଜିଲ୍ଲା ଦେଇ ପ୍ରବାହିତ ହୋଇଛି। ସେଠାରୁ ଏହା ଲାହୋର ଆଡକୁ ଯାଇ ଶେଷରେ ଚେନାବ ନଦୀରେ ମିଶିଛି। ରାବି ଲାହୋରରେ ପ୍ରବେଶ କରି ଏହି ସହରର ଦୁର୍ବଳ ଭିତ୍ତିଭୂମିକୁ ବିପର୍ଯ୍ୟସ୍ତ କରିଦେଇଛି। ନଦୀବନ୍ଧ ଭାଙ୍ଗି ଯାଇଛି, ସହରୀ ଯୋଜନା ଭୁଶୁଡ଼ି ପଡ଼ିଛି ଏବଂ ସହରର ପରିବେଶଗତ ଅବହେଳା ପଦାରେ ପଡ଼ିଯାଇଛି। ରାବି ନଦୀ ବନ୍ଧ ପ୍ରକଳ୍ପକୁ ବିକାଶ ଭାବେ ଦେଖାଯାଉଥିବାବେଳେ ଏବେ ଏହା ଇତିହାସରୁ କିଛି ଶିକ୍ଷା ଗ୍ରହଣ କରିନାହିଁ ବୋଲି ଲାଗୁଛି। କାରଣ ପୂର୍ବରୁ ହୋଇଥିବା ଭୁଲ୍‌ଗୁଡ଼ିକର ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ଶେଷ ଥର ପାଇଁ ୧୯୮୮ରେ ରାବି ଯୋଗୁଁ ଲାହୋରରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ଏହା ପରଠାରୁ କୌଣସି ବନ୍ୟା ଆସି ନ ଥିବାରୁ ମୁକାବିଲା ପାଇଁ ପାକିସ୍ତାନ ପ୍ରସ୍ତୁତ ନ ଥିଲା। ଫଳରେ ରାବିରେ ୧୪ ଲକ୍ଷ କ୍ୟୁସେକ ଜଳ ମାଡ଼ି ଆସି ସୀମାରେ ଥିବା ୩୦ କିମିର ଲୁହା ବାଡ଼କୁ ଭସାଇ ନେଇଥିଲା। ପହଲଗାମ ଆକ୍ରମଣକୁ ନେଇ ସିନ୍ଧୁ ଚୁକ୍ତି ରଦ୍ଦ କରିବା ପରେ ଏପରି ହୋଇଛି। 'ଇଷ୍ଟର୍ଣ୍ଣ ଇଣ୍ଡସ ରିଭର ସିଷ୍ଟମ'ରେ ପ୍ରବାହିତ ହେଉଥିବା ଏହି ରାବି ନଦୀ ଆଣିଥିବା ବନ୍ୟାକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ 'ମେମେ'ର ବନ୍ୟା ଆସିଥିଲା। ପାଣି ରୋକିବାକୁ ଭାରତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପାକିସ୍ତାନର ସିଂହ ଭାଗ କେମିତି ବୁଡିଗଲା ବୋଲି ଲୋକେ ପଚାରୁଛନ୍ତି।

ରାଜ୍ୟରେ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ

# ଆଜି ସବୁ ଏସ୍‌ପି ଅଫିସ ଘେରିବ ମହିଳା ବିଜେଡି

ଭୁବନେଶ୍ୱର,୧୬।୯ (ସମିସ): ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଲୋମଟାଙ୍କୁରା ଘଟଣାରୁ ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଡ଼ିଥିବା ପ୍ରମାଣିତ ହେଉଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଏପରି ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପି ଅଫିସ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଧାରଣା ଦିଆଯିବା ସହ ଏସ୍‌ପିମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳାଙ୍କୁ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମା' ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିର ସଦ୍ୟତମ ନମୁନା। ଏହି ଘଟଣା ଗୋପାଳପୁର ବେଳାଭୂମିରେ




ଘଟିଥିବା ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି। ରାଜ୍ୟରେ ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଇତ୍ୟାଦି ଘଟଣା ଯେପରି ଥମିବାର ନାଁ ନେଉନାହିଁ। ଦୁଷ୍କର୍ମ ଓ ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ଗୋପାଳପୁର ଘଟଣା ପରେ ଆମେରିକା ପକ୍ଷରୁ ଜାରି ଆଡଭାଇଜରିରେ ମହିଳା ସୁରକ୍ଷା ସ୍ଥିତି ଠିକ୍ ନଥିବା ଦର୍ଶାଇ ଓଡ଼ିଶା ସମେତ ୬ଟି ରାଜ୍ୟକୁ ତାଙ୍କ ଦେଶର ମହିଳାମାନଙ୍କୁ ଯିବାକୁ ବାରଣ କରାଯାଇଥିଲା। ସେହିପରି, ଏଫଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଲଜ୍ଜାଜନକ ବୋଲି ଦେଇଥିବା ମନ୍ତବ୍ୟ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲା। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯିବ।

ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହିଳାଙ୍କ ବିରୋଧରେ ଅପରାଧ ସୀମା ସରହଦ ଉଲ୍ଲଙ୍ଘନ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଗତ ୧୪ ମାସର ବିଜେପି ଶାସନରେ ସମସ୍ତ ବର୍ଗର ବ୍ୟକ୍ତିମାନଙ୍କ ଭିତରୁ ମହିଳାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ମାତ୍ର ରାଜ୍ୟ ସରକାର ମହିଳା ସୁରକ୍ଷାର ଡିଣ୍ଡିମ ପିଟୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟର ସମସ୍ତ ଲଭର୍ସ ପଏଣ୍ଟରେ ସୁରକ୍ଷା ପ୍ରଦାନ ପାଇଁ ଘୋଷଣା କରିଥିଲେ। ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ପରେ ଶ୍ରୀମତୀ ପରିଡ଼ାଙ୍କ ଘୋଷଣା ପାଣିରେ ଗାର ସଦୃଶ୍ୟ ହୋଇଛି। ରାଜ୍ୟ ପୁଲିସ କର୍ତ୍ତୃପକ୍ଷ ପୁଲିସ କର୍ମଚାରୀ ଅଭାବ ରହିଛି ବୋଲି ସଫେଇ ଦେଉଛନ୍ତି। ରାଜ୍ୟର ନେତା, ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ବ୍ୟସ୍ତ ଅଛି, କିନ୍ତୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ କର୍ମଚାରୀଙ୍କ ଅଭାବ ରହିଛି ବୋଲି ଦର୍ଶାଯିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଜେଡି ନେତ୍ରୀ ମିନତି ବେହେରା କହିଥିଲେ ଯେ ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ମହିଳା ଓ ଶିଶୁ ଡେସ୍କଗୁଡ଼ିକ ବର୍ତ୍ତମାନ କାର୍ଯ୍ୟ କରୁନାହିଁ। ଫଳରେ ଅତ୍ୟାଚାରର ଶିକାର ହେଉଥିବା ମହିଳାମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡ଼ା ୧୮୧ ହେଲ୍ପଲାଇନ ମଧ୍ୟ କାର୍ଯ୍ୟ କରୁନାହିଁ। ଗତ ୧୪ମାସର ବିଜେପି ଶାସନରେ ରାଜ୍ୟରୁ ଯୁବତୀ ଚାଲାଣ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଏଥିପ୍ରତି ନିଘା ନାହିଁ। ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ସବୁ ଜାଣି ବି ସରକାର ନିରବ ରହିବା କ୍ଷୋଭର ବିଷୟ: ନବୀନ

## ଚାଷୀଙ୍କ ପାଇଁ ସ୍ୱର ଆହୁରି ଶାଣିତ କରିବ ବିଜେଡି



ଭୁବନେଶ୍ୱର, ୧୬।୯ (ସମିସ): ସରକାର ଯେତେ ବାହାସ୍ଫୋଟ ମାରିଲେ ମଧ୍ୟ ରାଜ୍ୟରେ ସାର ସଂକଟର ସମାଧାନ ହେଉନାହିଁ। ସମସ୍ୟାକୁ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ସରକାରୀ ଅପାରଗତାକୁ ନେଇ ବିରୋଧୀ ଦଳ ବର୍ଷୁଛନ୍ତି। ଏହି କ୍ରମରେ ଚାଷୀଙ୍କ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ସାର ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। କେଉଁଠି ଘଣ୍ଟାଘଣ୍ଟା ଲମ୍ବା ଧାଡ଼ି ତ କେଉଁଠି ସାରା ରାତି ଅନିଦ୍ରା ପରେ ବି ସାର ମିଳୁ ନାହିଁ। ଚାଷ ସମୟରେ ସାର ନ ପାଇ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। କିନ୍ତୁ ସାର ସଙ୍କଟ ନେଇ ସବୁ ଜାଣି ବି ସରକାର ନିରବ ରହିବା ସବୁଠୁ କ୍ଷୋଭର ବିଷୟ। ଏନେଇ ବିଜୁ ଜନତା ଦଳ ଜୋରଦାର ପ୍ରତିବାଦ କରିଛି। ଚାଷୀ ଭାଇଭଉଣୀଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛି। ସାର ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦଳ ଗଣଧାରଣା ଦେବା ସହ ରାଜ୍ୟପାଳଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛି। ଯଥାଶୀଘ୍ର ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଚାଷୀଙ୍କ ହକ୍ ପାଇଁ ବିଜୁ ଜନତା ଦଳର ସ୍ୱର ଆହୁରି ଶାଣିତ ହେବ ବୋଲି ନବୀନ କହିଛନ୍ତି।

# ନୂଆପଡ଼ା ଉପନିର୍ବାଚନ: ୭ରେ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୧୬।୯ (ସମିସ): ଉପନିର୍ବାଚନ ହେବାକୁ ଥିବା ନୂଆପଡ଼ା ବିଧାନସଭାରେ ଆଉ ୫୬ଟି ନୂତନ ମତଦାନ କେନ୍ଦ୍ର ଖୋଲାଯିବ। ପୂର୍ବରୁ ମୋଟ୍ ୩୦୨ଟି ମତଦାନ କେନ୍ଦ୍ର ଥିବାବେଳେ ଏହା ୩୫୮କୁ ବୃଦ୍ଧି ପାଇଛି। ତନ୍ମଧ୍ୟରୁ ସହରାଞ୍ଚଳରେ ୩୬ଟି ଏବଂ ଗ୍ରାମାଞ୍ଚଳରେ ୩୨୨ଟି ମତଦାନ କେନ୍ଦ୍ର କରାଯାଇଛି। ଏହାସହ ୫୨ଟି କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) କରିବାକୁ ଆୟୋଗ ସୂଚନା ଦେଇଥିଲେ। ତଦନୁଯାୟୀ ଗତକାଲି ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଭୋଟର ତାଲିକା ନେଇ କାହାର ଆପତ୍ତି ଥିଲେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଅଭିଯୋଗ ଦାଖଲ କରିପାରିବେ। ସମସ୍ତ ଅଭିଯୋଗକୁ ଅକ୍ଟୋବର ୭ ତାରିଖ ମଧ୍ୟରେ ସମାଧାନ କରାଯିବ। ଏହାପରେ ୯ ତାରିଖ ଦିନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ନୂଆପଡ଼ାରେ ମୋଟ୍ ୨ଲକ୍ଷ ୪୮ହଜାର ୨୫୬ ଭୋଟର୍ ରହିଛନ୍ତି। ତନ୍ମଧ୍ୟରୁ ୧ଲକ୍ଷ ୨୨ହଜାର ୧୦୩ ପୁରୁଷ ଥିବାବେଳେ ୧ଲକ୍ଷ ୨୬ହଜାର ୧୩୨ ମହିଳା ଓ ୨୧ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

ଡବଲ ଇଞ୍ଜିନ ସରକାର ଆଦିବାସୀ ବିରୋଧୀ

# ୫ ମାସ ହେବ ମିଳୁନି ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି

ଭୁବନେଶ୍ୱର,୧୬।୯ (ସମିସ): ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଏବଂ ଦେଶର ରାଷ୍ଟ୍ରପତି ମଧ୍ୟ ଆଦିବାସୀ। ଏହାଫଳରେ ରାଜ୍ୟର ଆଦିବାସୀମାନଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି ଆଶା ରହିଥିଲା; କିନ୍ତୁ ଆଦିବାସୀଙ୍କ ଦୁଃଖ ଦୂର ହେବା ପରିବର୍ତ୍ତେ ରାଜ୍ୟର ଆଦିବାସୀ ଛାତ୍ର ଛାତ୍ରୀଙ୍କୁ ମୌଳିକ ଅଧିକାରରୁ ସରକାର ବଞ୍ଚିତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ମଙ୍ଗଳବାର ଲକ୍ଷ୍ମୀପୁର କଂଗ୍ରେସ ଯୁବ ବିଧାୟକ ପବିତ୍ର ସାଉଁନ୍ତା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟର ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପ୍ରାକ ମାଟ୍ରିକ ଛାତ୍ର ବୃତ୍ତିକୁ ରାଜ୍ୟ ସରକାର ଦୀର୍ଘ ୫ ମାସ ହେଲା ବନ୍ଦ କରି ରଖିଛନ୍ତି। ବୃତ୍ତି ବନ୍ଦ ହୋଇଯିବା ଫଳରେ ରାଜ୍ୟର ୫୩ ହଜାର ଗରିବ ଆଦିବାସୀ ପିଲାଙ୍କୁ ଅନେକ କଷ୍ଟ ଭୋଗିବାକୁ ପଡୁଛି। ଯଦି ସରକାର ଛାତ୍ର ଛାତ୍ରୀଙ୍କ ବୃତ୍ତି ପୁନଃଲାଗୁ ନ କରନ୍ତି, ତେବେ ନିକଟରେ ହେବାକୁ ଥିବା ବିଧାନସଭା ଅଧିବେଶନରେ କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ସରକାରଙ୍କୁ ଉଚିତ ଜବାବ ମାଗିବ ବୋଲି ବିଧାୟକ ଶ୍ରୀ ସାଉଁନ୍ତା ପ୍ରକାଶ କରିଛନ୍ତି।

କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ରାଜ୍ୟରେ ୫୩ ହଜାର ଛାତ୍ର ଛାତ୍ରୀଙ୍କୁ ଆଜିକୁ ୫ମାସ ହେଲାଣି ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଏପର୍ଯ୍ୟନ୍ତ ମିଳିନାହିଁ। ସୁନ୍ଦରଗଡ଼ ଜିଲ୍ଲାରେ ଗଣାଶିକ୍ଷା ବିଭାଗ ଦ୍ୱାରା ୨୮୭ ଟି ଛାତ୍ରବାସରେ ୨୮ ହଜାର ଅନୁସୂଚିତ ଜାତି ଓ ଆଦିବାସୀ ବର୍ଗର ଛାତ୍ର ଛାତ୍ରୀ ମାନେ ପାଠ ପଢୁଛନ୍ତି। ସେହିଭଳି ଭାବରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ



ଓ ସଂଖ୍ୟା ଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୩୮ ଛାତ୍ରାବାସରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗତ ଏପ୍ରିଲ ମାସ ଠାରୁ ଆଜି ପର୍ଯ୍ୟନ୍ତ ଅନୁଦାନ ବା ଛାତ୍ରବୃତ୍ତି ମିଳିଲା ନାହିଁ। ସରକାର ଛାତ୍ର ବୃତ୍ତି ସ୍ୱରୂପ ନବମ ଓ ଦଶମ ଶ୍ରେଣୀର ଛାତ୍ର ମାନଙ୍କୁ ୧୦୫୦ ଟଙ୍କା ଦେଉଥିବା ବେଳେ ଛାତ୍ରୀ ମାନଙ୍କୁ ୧୧୦୦ ଟଙ୍କା ଦେଉଛନ୍ତି। ଏହି ଅର୍ଥରାଶିକୁ ମାସକ ମଧ୍ୟରେ ସେମାନେ ଚାରି ଓଳି ସକାଳ ଜଳଖିଆ, ଦୁଇ ପହର ଭାତ, ଅପରାହ୍ନ ଜଳଖିଆ ଓ ରାତ୍ରି ଭୋଜନ କରିଥାନ୍ତି। ଏଥିରେ ମଧ୍ୟ ନିତ୍ୟ ବ୍ୟବହାର ଜିନିଷ(ସାବୁନ, ତେଲ, ପେନ୍)। ଏହି ପଞ୍ଚମାସ କାଳ ଛାତ୍ରବୃତ୍ତି ନ ଦେବା ହେତୁ ଏବେଠାରୁ ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ହାତ ଟେକି ଦେଇଛନ୍ତି ବୋଲି ସେ କହିଛନ୍ତି।

ପ୍ରି-ମାଟ୍ରିକ ଛାତ୍ର ବୃତ୍ତି-ଏସଟି ଛାତ୍ର ବୃତ୍ତି କେନ୍ଦ୍ର

**ବୃତ୍ତି ଅପେକ୍ଷାରେ ୫୩ ହଜାର ଛାତ୍ରଛାତ୍ରୀ**

ସରକାର ୭୫ ପ୍ରତିଶତ ଦେଉଥିବା ବେଳେ ରାଜ୍ୟ ସରକାର ୨୫ ପ୍ରତିଶତ ଦେଉଛନ୍ତି। ସେହିଭଳି ଅନୁସୂଚିତ ଜାତିବର୍ଗଙ୍କ ପାଇଁ ୬୦ ପ୍ରତିଶତ ଦେଉଥିବା ବେଳେ ୪୦ ପ୍ରତିଶତ ରାଜ୍ୟ ସରକାର ଦେଉଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ ପ୍ରତିଶତ ଦେଉଛନ୍ତି। ଏହି ଛାତ୍ର ବୃତ୍ତି ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ତାଙ୍କ ଭାଗ ପ୍ରଦାନ କରିସାରିବାର ପ୍ରମାଣ ଦେବା ପରେ କେନ୍ଦ୍ର ସରକାର ତାଙ୍କ ଅଂଶଧନ ସିଧାସଳଖ ଡିବିଟି ମାଧ୍ୟମରେ ବ୍ୟାଙ୍କ୍ ଖାତାକୁ ଆସିଥାଏ। ଉଭୟ ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାର ଆଦିବାସୀ ବିରୋଧୀ ବୋଲି ଏଥିରୁ ପ୍ରମାଣିତ ହୋଇଥିଲା କଂଗ୍ରେସ କହିଛି।

# ଦୁର୍ଦ୍ଦାନ୍ତ ଦୀପକକୁ ଏନ୍‌କାଉଣ୍ଟର୍

ସମ୍ବଲପୁର, ୧୬।୯ (ସମିସ): ସମ୍ବଲପୁରରେ ପୁଣି ଏନ୍‌କାଉଣ୍ଟର୍। ବିଭିନ୍ନ ଥାନାରେ ୨୧ରୁ ଊର୍ଦ୍ଧ୍ୱ ସଂଗୀନ ମାମଲାରେ ଜଡ଼ିତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ଦୀପକ ମଣ୍ଡଳକୁ ଆଜି ସଂଧ୍ୟାରେ ରେଙ୍ଗାଲି ପୁଲିସ ଏନ୍‌କାଉଣ୍ଟର୍ କରିଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଛି। ଚିକିତ୍ସା ଲାଗି ତାକୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି। ତା' ପାଖରୁ ପୁଲିସ ୭.୬୫ ଏମ୍‌ଏମ୍ ବିଶିଷ୍ଟ ଗୋଟିଏ ଦେଶୀ ବନ୍ଧୁକ, ୨ଟି ଗୁଳି ଓ ଗୋଟିଏ ସ୍କୁଟି ଜବତ କରିଛି।

ସୂଚନାନୁଯାୟୀ, ରମ୍ପେଲା ଜଙ୍ଗଲ ନିକଟରେ ଦୀପକ ଥିବା ସୂଚନା ପାଇ ପୁଲିସ୍ ସେଠାରେ ଚଢ଼ଉ



(ଫାଇଲ୍ ଫଟୋ)

କରିଥିଲା। ପୁଲିସ ତାକୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ଦୀପକ ପ୍ରଥମେ ପୁଲିସ ଉପରକୁ ୩ରାଉଣ୍ଡ ଗୁଳି ଚଳାଇଥିଲା। ଜବାବରେ ପୁଲିସ ମଧ୍ୟ ତା' ଉପରକୁ ଗୁଳି ଚାଳନା କରିଥିଲା। ଏଥିରେ ଦୀପକରୁ ଡାହାଣ ଗୋଡ଼ରେ ଗୋଟିଏ ଗୁଳି ବାଜିଥିଲା। ପରେ ପୁଲିସ ତାକୁ କାବୁ କରିନେଇଥିଲା।

ଉଲ୍ଲେଖଯୋଗ୍ୟ, ଦୀପକ ନାଁରେ ସମ୍ବଲପୁରର ବିଭିନ୍ନ ଥାନାରେ ୨୧ଟି ମାମଲା ରହିଛି। ଅଇଁଠାପାଲି ଥାନାରେ ୧୦ଟି ମାମଲା ଥିବା ବେଳେ ବୁର୍ଲା ଥାନାରେ ୩ଟି, ଧନୁପାଲି ଥାନାରେ ୧, କ୍ଷେତରାଜପୁର ଥାନାରେ ୨ଟି, ସଦରରେ ଗୋଟାଏ ଓ ଟାଉନ ଥାନାରେ ୪ଟି ମାମଲା ରହିଛି। ଅଭିଯୁକ୍ତ ଅନେକ ସମୟରେ ଫେରାର ରହିଥିଲା। ପୁଲିସ ବାରମ୍ବାର ଚେଷ୍ଟା ପରେ ମଧ୍ୟ ଧରିବାରେ ବିଫଳ ହେଉଥିଲା।

# ଆତ୍ମସମର୍ପଣ କଲେ ମହିଳା ମାଓବାଦୀ

ନୂଆପଡ଼ା,୧୬।୯ (ସମିସ): ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଜଣେ ମହିଳା ମାଓବାଦୀ। ତାଙ୍କ ନାମ ଜାନସି ଉର୍ଫ ବଛେଲା ଅଟାମୀ। ସେ ନଗରୀ ଏରିଆ ମାଓ ସଂଗଠନର ସଚିବ ଥିଲେ। ଜାନସି



ମହାରାଷ୍ଟ୍ର ଗଡ଼ଚିରୋଲିର ମୂଳବାସିନ୍ଦା। ଦୀର୍ଘ ୨୦ବର୍ଷ ହେବ, ସେ ଧମତରୀ-ଗରିଆବନ୍ଧ- ନୂଆପଡ଼ା ଡିଭିଜନ କମିଟିର ସକ୍ରିୟ ସଦସ୍ୟ ଥିଲେ। ଜାନସୀ, କେନ୍ଦ୍ର କମିଟି ସଦସ୍ୟ ଚଳପତିର ଘନିଷ୍ଠ ସହଯୋଗୀ ସତ୍ୟମ ଗାବଡେଙ୍କ ସ୍ତ୍ରୀ। ଗତ ଜାନୁଆରୀ ମାଓ ଏନକାଉଣ୍ଟର୍‌ରେ ଚଳପତି ସହ ସତ୍ୟମ ଗାବଡେ ମଧ୍ୟ ନିହତ ହୋଇଥିଲା। ଜାନସିଙ୍କ ନାମରେ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଜାନସୀ ମାଓ ସଂଗଠନ ଛାଡ଼ି ଗରିଆବନ୍ଧ ଏସ୍‌ପି ନିଖିଲ ରଖେଚାଙ୍କ ନିକଟରେ ଆତ୍ମସମର୍ପଣ କରିଛି।


# 'ଉତ୍କଳ'ରେ ଭୟଙ୍କର ଆର୍ଥିକ ଅନିୟମିତତା

## ୨୪୧ କୋଟି ଭରଣା ନିମନ୍ତେ ଅଡ଼ିଟ ଟିମ୍‌ର ସୁପାରିସ


ଭୁବନେଶ୍ୱର,୧୬।୯ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରୁ ହୋଇଛି ବ୍ୟାପକ ଅର୍ଥ ହରିଲୁଟ୍। ଲୁଚା ଛପାରେ ନୁହେଁ; ସମସ୍ତଙ୍କ ଜ୍ଞାତସାରରେ ଲୁଟ୍ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମରେ ଚାରଣା ଖର୍ଚ୍ଚକୁ ବାରଣା ଦର୍ଶାଯାଇଛି। ବିଶ୍ୱବିଦ୍ୟାଳୟ କୋଷାଗାରରୁ ଅଧିକାରୀମାନେ ମିଳିମିଶି ଟଙ୍କା ଉଠାଇ ନେଇଛନ୍ତି; ହେଲେ ଅଡିଟ୍ ସମୟରେ ଖର୍ଚ୍ଚର ହିସାବ ଦେଇ ପାରୁ ନାହାନ୍ତି। ଆବଶ୍ୟକ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରି ନ ପାରି ଅଡ଼ିଟ୍‌ରେ ଧରା ପଡ଼ିଛନ୍ତି। ୨୦୧୫-୧୬ ରୁ ୨୦୧୯-୨୦ ଆର୍ଥିକବର୍ଷ ଅର୍ଥାତ୍ ମାତ୍ର ୫ ବର୍ଷରେ ୨୪୧କୋଟିରୁ ଅଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଧରିଛି ଅଡ଼ିଟ୍ ଟିମ୍। ଏସବୁ ଅର୍ଥ ଭରଣା କରିବାକୁ ଅଡିଟ୍ ରିପୋର୍ଟରେ ସୁପାରିସ୍ କରାଯାଇଥିଲେ ମଧ୍ୟ ଅଧିକାରୀମାନେ ଅର୍ଥ ଦାଖଲ କରିବା ପରିବର୍ତ୍ତେ ସମୟ ଗଡ଼ାଇ ଚାଲିଛନ୍ତି।

ଲୋକାଲ୍ ଫଣ୍ଡ ଅଡିଟ୍ ରିପୋର୍ଟ ଅନୁସାରେ ୨୦୧୫-୧୬ ଆର୍ଥିକ ବର୍ଷରେ ସମୁଦାୟ ୨୦କୋଟି ୧୫ଲକ୍ଷ ୯୦ହଜାର ୬ଟଙ୍କା ହଡ଼ପ କରାଯାଇଛି। ସମୁଦାୟ ୪୪ଜଣ ଅଧିକାରୀ ଏହି ଟଙ୍କା ଆତ୍ମସାତ୍ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତନ୍ମଧ୍ୟରୁ ୨ଜଣ ଅଧିକାରୀ ତାଙ୍କଠାରୁ ଆଦାୟ ହେବାକୁ ଥିବା ଟଙ୍କା ଭରଣା କରିଛନ୍ତି। ତତ୍କାଳୀନ କୁଳସଚିବ ପ୍ରାୟ ୧୩ଲକ୍ଷ ଟଙ୍କା ଭରଣା କରିବାକୁ ଥିବାବେଳେ ୮ଜଣ ଅଧିକାରୀ ଲକ୍ଷାଧିକ ଟଙ୍କା ଫେରସ୍ତ କରିବାକୁ ସୁପାରିସ୍ ହୋଇଛି। ସେହିପରି ୨୦୧୬-୧୭ରେ ଲୁଟ୍ ଅର୍ଥ ଶହେକୋଟି ଅତିକ୍ରମ କରିଛି। ସମୁଦାୟ ୬୭ ଜଣ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ୧୦୧ କୋଟି ୫୯ଲକ୍ଷ ୮୬ହଜାର ୭୩୮ ଟଙ୍କା ଭରଣା କରିବାକୁ ଅଡ଼ିଟ୍ ଟିମ୍ ସୁପାରିସ କରିଛି। ତତ୍କାଳୀନ କୁଳସଚିବଙ୍କ ନାମରେ ୯ଲକ୍ଷରୁ ଅଧିକ ଟଙ୍କା ବକେୟା ରହିଛି, ଏପରିକି ଜଣେ ତତ୍ତ୍ୱାବଧାରକ (କେୟାରଟେକର)ଙ୍କ ଠାରୁ ୪ଲକ୍ଷ ୩୪ହଜାରରୁ ଅଧିକ ଟଙ୍କା ଭରଣା କରିବାକୁ କୁହାଯାଇଛି। କେୟାରଟେକର୍ ଏତେ ଟଙ୍କାର କାରବାର କିପରି କରୁଥିଲେ ନା ତାଙ୍କ ନାମରେ ଆଉ କେଉଁ ଅଧିକାରୀ ନେଣଦେଣ କରୁଥିଲେ ତାକୁ ନେଇ ପଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୭-୧୮ରେ ୫୨ ଜଣ ଅଧିକାରୀ ମିଳିତ ଭାବେ ୫୫କୋଟି ୮୧ଲକ୍ଷ ୨୬ହଜାର ୮୬୪ ଟଙ୍କା ହଡ଼ପ କରିଛନ୍ତି। ତନ୍ମଧ୍ୟରୁ ମାତ୍ର ୨ଜଣ କର୍ମଚାରୀ ଟଙ୍କା ଫେରସ୍ତ କରିଛନ୍ତି। ୨୦୧୮-୧୯ରେ ୪୦ ଜଣ କର୍ମଚାରୀ ୬୩କୋଟି ୫୫ଲକ୍ଷ ୭୨ହଜାର ୯୫୮ ଟଙ୍କା, ୨୦୧୯-୨୦ରେ ୭୩ଲକ୍ଷ ୭୫ହଜାର ୪୪୮ ଟଙ୍କା ହେରଫେର୍ କରାଯାଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ଏସବୁ ଅର୍ଥ ଭରଣା କରିବାକୁ ସୁପାରିସ୍ କରିବା ସହ କେଉଁ ଅଧିକାରୀ କେତେ ଟଙ୍କା ହଡ଼ପ କରିଛନ୍ତି, ତାହାର ତାଲିକା ମଧ୍ୟ କରାଯାଇଛି।

ଅଡିଟ୍‌ରେ ତଞ୍ଚକତା ଧରା ପଡ଼ିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମୟ ଉପଯୋଗୀ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଅର୍ଥ ଭରଣା କରିବା ପୂର୍ବରୁ ବହୁ ଅଧିକାରୀ ଅବସର ନେଇ ସାରିଲେଣି। କିଛି ଅଧ୍ୟାପକ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ମଧ୍ୟ ହୋଇ ସାରିଛି। ହେଲେ ସେମାନଙ୍କ ଠାରୁ ଏହି ଅର୍ଥ ଆଦାୟ କରିବାକୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ସେମାନଙ୍କୁ ନୋଅବଜେକସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ପ୍ରଦାନ କରାଯାଇଥିବାରୁ ବିନା ଦ୍ୱନ୍ଦରେ ସେମାନେ ପେନସନ୍ ପାଉଛନ୍ତି। ସରକାରୀ ଅର୍ଥ ହେରଫେର କରିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାହା ଆଦାୟ କରିବାକୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ପୂର୍ବତନ ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟରେ ମାତ୍ର ୫ ବର୍ଷରେ ଏତେ ପରିମାଣରେ ଟଙ୍କା ହଡ଼ପ ହେଉଥିବାରୁ କ୍ରମାଗତ ଭାବେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନ ହ୍ରାସ ପାଉଛି। ଏପରିକି ବ୍ୟାପକ ଦୁର୍ନୀତି ହିଁ ଏନ୍‌ଆଇଆର୍‌ଏଫ୍ ଓ ନାକ୍ ପରି ମାନ୍ୟତା ହ୍ରାସ ପାଇବାର ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି।

## ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଦିବସ



ସମ୍ବଲପୁର,୧୬।୯(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ସ୍ନାତକୋତ୍ତର ହିନ୍ଦୀ ବିଭାଗ ପକ୍ଷରୁ ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଫେସର ଦାଶରଥି ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ବେହେରା ତାଙ୍କ ବକ୍ତବ୍ୟରେ ରାଜଭାଷା ହିନ୍ଦୀ ଭାଷାର ମହତ୍ତ୍ୱ ପ୍ରତିପାଦନ କରିବା ସହ ଭାରତର ରଚନାତ୍ମକ ପ୍ରଗତିରେ ଏହି ଭାଷାର ଉପଯୋଗିତା ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ ଯେ, ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଆଧାରକୁ ସୁଦୃଢ଼ କରିବାରେ ହିନ୍ଦୀ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହିନ୍ଦୀ ଆଜି କେବଳ ସମ୍ପର୍କ ନୁହେଁ ବରଂ ଲକ୍ଷ ଲକ୍ଷ ଶିକ୍ଷିତଙ୍କ ରୋଜଗାରର ମାଧ୍ୟମ ହୋଇପାରିଛି। ବିଭିନ୍ନ ପତ୍ରକାର, ପ୍ରବଚକ, କବି ନିଜ ନିଜ କ୍ଷେତ୍ରରେ କେବଳ ସକ୍ଷମ ହୋଇନାହାନ୍ତି ଅନେକଙ୍କୁ ରୋଜଗାର ପନ୍ଥା ଦେଖାଇ ପାରିଛନ୍ତି। ମହାବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଆଜି ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ହିନ୍ଦୀ ଭାଷା ଓ ସାହିତ୍ୟର ବିଶାଳ କ୍ଷେତ୍ର ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ହେମନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ନିରୁପମା ଭୋଇ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ଏହିଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ନିକିତା ବନ୍ଦିବାର ତଥା ଯୋଗେଶ୍ୱରୀ ରଣା ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜିଲ୍ଲାରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ



ସମ୍ବଲପୁର, ୧୬।୯ (ସମିସ):ରାଜ୍ୟସ୍ତରୀୟ ଅଙ୍ଗନବାଡ଼ି କେନ୍ଦ୍ର ସମୂହର ଉଦ୍‌ଘାଟନ ଉତ୍ସବ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଓସ୍ୱାନ ହଲ୍‌ଠାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଡିଏସ୍‌ଡବ୍ଲ୍ୟୁଓ ସଞ୍ଜୁକ୍ତା ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳବାର ରାଜ୍ୟରେ ୧୯୩୧ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ୧୭ଟି କେନ୍ଦ୍ର ରହିଛି। ଏଥିରୁ ୫ଟି ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟ ୭ଟି ନିର୍ମାଣାଧୀନ ଅଛି। ଆଇସିଡିଏସ ପ୍ରକଳ୍ପ ଅଧୀନରେ ରେଢ଼ାଖୋଲରେ ୨ଟି, ନାକଟିଦେଉଳରେ ୨ଟି, ବାମରାରେ ଗୋଟିଏ, ରେଙ୍ଗାଲିରେ ୨ଟି, ମାନେଶ୍ୱରରେ ୩ଟି, ସମ୍ବଲପୁର ସହରାଞ୍ଚଳରେ ୨ଟି ଅଙ୍ଗନବାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ। ମନ୍ତ୍ରୀ ଶ୍ରୀ ନାଏକ କହିଲେ ଯେ, ଅଙ୍ଗନବାଡ଼ି କେନ୍ଦ୍ର ସରକାରଙ୍କ ଏକ ପ୍ରମୁଖ ଅଭିମୁଖୀ। ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ୧୬ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯିବ। ସେଥିରେ ସ୍ୱଚ୍ଛ ପାନୀୟ ଜଳଯୋଗାଣ ସୋଲାର ସିଷ୍ଟମ ମାଧ୍ୟମରେ ଉପଲବ୍ଧ ହେବାସହ ଅନ୍ୟ ସୁବିଧା ରହିବ। ମନ୍ତ୍ରୀ ଶ୍ରୀ ନାଏକ ସମ୍ବଲପୁର ସହରାଞ୍ଚଳର ନୂତନ କାନିଳୁରି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଦିବସ



ସମ୍ବଲପୁର,୧୬।୯ (ସମିସ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ ଅନୁଷ୍ଠାନର ମୁଖ୍ୟାଳୟରେ ଉଭୟ ଭୌତିକ ଏବଂ ଆଭାସୀ ମାଧ୍ୟମରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ଏକତା, ସାଂସ୍କୃତିକ ଐତିହ୍ୟ ଏବଂ ଜାତୀୟ ଙ୍ଗଠନର ପ୍ରତୀକ ଭାବରେ ହିନ୍ଦୀ ଭାଷାର ଗୁରୁତ୍ୱକୁ ଆଲୋକପାତ କରିଥିଲା। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇ ଦେଶ ଗଠନ, ଦାୟିତ୍ୱ ଓ ଭାଷାର ଗର୍ବ ବିଷୟରେ ଉଦ୍‌ବୋଧନ ଦେଇ, ଶିକ୍ଷା ଏବଂ ଦୈନନ୍ଦିନ ଜୀବନରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ମହାରାଷ୍ଟ୍ରର ୱାର୍ଦ୍ଧାସ୍ଥିତ ମହାତ୍ମା ଗାନ୍ଧୀ ଆନ୍ତର୍ଜାତୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଏବଂ ଡିନ୍ ଡଃ ଦେବରାଜ ଉର୍ଫ଼ାଲ୍ ମୋତ୍‌ରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଭାରତର ବିବିଧ ଭାଷାଗତ ପରିଦୃଶ୍ୟରେ ଭାଷା ଏକ ସମ୍ପର୍କ ଭାବରେ ହିନ୍ଦୀର ଅଭିବୃଦ୍ଧି ଏବଂ ଗୁରୁତ୍ୱ ଉପରେ ସେ ତାଙ୍କ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ କୁଳସଚିବ ଡଃ ଚିତ୍ତ ରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ, ଡଃ ସଚ୍ଚିଦାନନ୍ଦ ବକ୍ସି (ନିର୍ଦ୍ଦେଶକ, ବିଦ୍ୟାଳୟମାନବିକତା ଏବଂ ସାମାଜିକ ବିଜ୍ଞାନ), ଉପକୁଳସଚିବ ମେଡିକାଲ ଯୋଜନାକାନ୍ତ ନାୟକ ତଥା ଓଏସ୍‌ଓୟୁର ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ହିନ୍ଦୀ କବିତା ରଚନା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଡଃ ମୀନା ସୋନି ପ୍ରଥମ, ସତ୍ୟମ ଗୌଡ଼ ଦ୍ୱିତୀୟ, ସୁସ୍ମିତା ଦାସ ତୃତୀୟ ଏବଂ ସୋମଦତ୍ତା ଜେନାଙ୍କୁ ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଥିଲା।

## ଓଏଏସ ସ୍ତରରେ ଛୋଟ ଅଦଳବଦଳ

ଭୁବନେଶ୍ୱର, ୧୬।୯ (ସମିସ): ଓଏଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ ହୋଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଜାରି ବିଜ୍ଞପ୍ତି ଅନୁସାରେ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର(ପ୍ରଶାସନ) ଭାବେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ସଂଗ୍ରାମ କେଶରୀ ପଣ୍ଡା ଏହି ଦାୟିତ୍ୱ ଜାରି ରଖିବେ। ପୂର୍ବରୁ ତାଙ୍କର ପଦମପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ହୋଇଥିବା ବଦଳି ନିର୍ଦ୍ଦେଶନାମାକୁ ବାତିଲ କରାଯାଇଛି। ଏହାସହ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ୍‌ର ଅତିରିକ୍ତ କମିସନର ସରୋଜିନୀ ପ୍ରଧାନ କୁଲ୍ଲୁଙ୍କୁ ପଦମପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଏହାସହ 'ରୋଟି' ଯୁଗ୍ମ ନିର୍ଦ୍ଦେଶକ ମନୋଜ ପାତ୍ରଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିସନର ଭାବେ ବଦଳି କରାଯାଇଛି।

# ଜିଲ୍ଲା ପରିଷଦ ବୈଠକରେ ସାର ପାଇଁ ହଟ୍ଟଗୋଳ





ସମ୍ବଲପୁର, ୧୬।୯ (ସମିସ) : ସମ୍ବଲପୁର ଜିଲ୍ଲାର ପ୍ୟାକ୍ସ ଓ ଲ୍ୟାମ୍ପସରେ ୟୁରିଆ ସାର ମିଳୁନଥିବାବେଳେ ପ୍ରାଇଭେଟ୍ ବିତରକ ଦୁଇରୁ ତିନିଗୁଣା ଦରରେ ବିକ୍ରୟ କରୁଛନ୍ତି। ଶୋଷଣର ଶିକାର ହେଉଛି ଚାଷୀ। କୃଷି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ 'ଶୂନ'। ଆଜି ଜିଲ୍ଲା ପରିଷଦ ବୈଠକରେ ଉଠିଥିଲା ଚାଷୀଙ୍କୁ ୟୁରିଆ ସାର ଯୋଗାଣ ପ୍ରଶ୍ନ। ଏହାକୁ ନେଇ ବୈଠକରେ ହୋଇଥିଲା ହଟ୍ଟଗୋଳ। ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ମଧ୍ୟ ଚାଷୀଙ୍କୁ ସାର ଯୋଗାଇବାକୁ ନେଇ ଜିଲ୍ଲା ପ୍ରଶାସନ ଓ ମନ୍ତ୍ରୀଙ୍କୁ ଘେରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ଖରିଫ୍ ଋତୁରେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ବୃହତ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) ମାନଙ୍କରେ ୟୁରିଆ ସାର ମିଳୁନାହିଁ। ପ୍ରାଇଭେଟ୍ ବିତରକ ମାନେ ଦୁଇରୁ ତିନିଗୁଣା ଦରରେ ୟୁରିଆ ବିକ୍ରୟ କରୁଛନ୍ତି। ସଠିକ୍ ସମୟରେ ଖରିଫ୍ ଚାଷରେ ସାର ଓ କୀଟନାଶକ ଦେବାକୁ ଯାଇ ଚାଷୀ ପ୍ରାଇଭେଟ୍ ବିତରକ ମାନଙ୍କ ଲୁଟ୍‌ର ଶିକାର ହେଉଛି।

ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନବମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ଏପ୍ରିଲ ୨୨ ବୈଠକର ଦୃଢ଼ୀକରଣ ଏବଂ ପ୍ରାରମ୍ଭିକ ବକ୍ତବ୍ୟ ପରେ ଖରିଫ୍ ଚାଷ ଉପରେ ଆଲୋଚନା ଆରମ୍ଭ ନହେଉଣୁ କଥା କଟାକଟି ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟସଭ୍ୟାମାନେ ମଧ୍ୟ ଚାଷୀଙ୍କୁ ସାର ଯୋଗାଣରେ ଅବ୍ୟବସ୍ଥାକୁ ନେଇ ପ୍ରତିବାଦ କରିଥିଲେ। ରେଙ୍ଗାଲି ଜିଲ୍ଲା ପରିଷଦ ସଭ୍ୟ ଦେ'ନାରାୟଣ ତିୱାରୀ ଅଭିଯୋଗ କରିଥିଲେ ଯେ, ଜିଲ୍ଲାକୁ ଯେଉଁ ସାର ଆସୁଛି ତାହାକୁ ସିଧାସଳଖ ଚାଷୀଙ୍କୁ ଦିଆନଯାଇ ବେପାରୀ ମାନଙ୍କୁ ଦେଇ ଦିଆଯାଉଛି। ସେମାନେ ୟୁରିଆ ବସ୍ତା ପିଛା ୨୬୭ ଟଙ୍କା ୫୦ ପଇସା ବଦଳରେ କଳାବଜାରରେ ଚାଷୀଙ୍କୁ ଦେଖି ୭୦୦ରୁ ୮୦୦ ଟଙ୍କାରେ ବିକ୍ରୟ କରୁଛନ୍ତି। ଅତ୍ୟାବଶ୍ୟକ କରୁଥିବା ଚାଷୀ ଦେଖିଲେ ତାହା ୧୨୦୦ ଟଙ୍କା ପର୍ଯ୍ୟନ୍ତ ଯାଉଛି। କୃଷି ବିଭାଗ ଅଧିକାରୀଙ୍କୁ ୟୁରିଆ କଳବଜାର ହେଉଥିବା ଅଭିଯୋଗ କଲେ ସେହି ଖବର ସେମାନେ ପ୍ରାଇଭେଟ୍ ବିତରକଙ୍କୁ ଦେଉଥିବା ଭଳି ଶ୍ରୀ ତିୱାରୀ ସଙ୍ଗୀନ ଅଭିଯୋଗ କରିଥିଲେ। ସରକାର ଜିଲ୍ଲାର ପ୍ୟାକ୍ସ ଓ ଲ୍ୟାମ୍ପସ ଗୁଡ଼ିକ ଜରିଆରେ ଚାଷୀଙ୍କୁ କାହିଁକି ସଠିକ୍ ଦରରେ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ କହିଲେ ଯେ, ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ୟୁରିଆ ସାର ଯୋଗାଣ ହୋଇନାହିଁ। ପ୍ରାଇଭେଟ୍‌ରେ ମିଳୁଥିବାବେଳେ ପ୍ୟାକ୍ସ / ଲ୍ୟାମ୍ପସରେ ମିଳୁନାହିଁ। ଚାଷୀମାନେ ସାର ବିନା ହଇରାଣ ହେଉଛନ୍ତି। ଏପରିସ୍ଥଳେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଭାପତି ଶ୍ରୀମତୀ ନାୟକ ପ୍ରସ୍ତାବ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ୟୁରିଆ ସାର ନିଅଣ୍ଟ ନେଇ ସ୍ୱୀକାର କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ୟୁରିଆ ସାରକୁ ନେଇ ଜିଲ୍ଲା ପରିଷଦ ବୈଠକରେ ସବିଶେଷ ଆଲୋଚନା ହୋଇଛି। ଜିଲ୍ଲାରେ ଚାଷୀମାନଙ୍କୁ ସାର ଯୋଗାଇ ଦିଆଯାଇଛି। ଆମକୁ ଆଉ କିଛି ସାର ଦରକାର। ଆମେ ତାହା ମାଗିଛୁ। ଚାଷୀମାନେ ଆଉ ଅଧିକ ସାର ଚାହୁଁଛନ୍ତି। ୩୧୦୦ ଟଙ୍କାରେ ଧାନ ବିକ୍ରୟ କରିବାକୁ ନେଇ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଯାଇଛି। ଚଳିତବର୍ଷ ଅଧିକ ସଂଖ୍ୟକ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସାର କଳାବଜାରକୁ ନେଇ ମନ୍ତ୍ରୀ ଶ୍ରୀ ନାଏକ ଜିଲ୍ଲାପାଳଙ୍କ ପଦକ୍ଷେପକୁ ସ୍ୱାଗତ କରିବାସହ ପ୍ରଥମକରି ସମ୍ବଲପୁର ଜିଲ୍ଲାରେ ୩ ଜଣ ବିତରକଙ୍କ ଲାଇସେନ୍ସ ବାତିଲ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯେ, ଚଳିତବର୍ଷ ପ୍ରାୟ ୨୦ ପ୍ରତିଶତ ବେଶୀ ଧାନ ଚାଷ ହୋଇଥିବାରୁ ୟୁରିଆ ସାର ନିଅଣ୍ଟ ପଡ଼ିଛି। ତେବେ, ସରକାରଙ୍କୁ ଅଧିକ ସାର ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି।

ଜିଲ୍ଲା ପରିଷଦ ବୈଠକରେ ଖରିଫ ଧାନଚାଷକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। କୃଷି ଓ ଉଦ୍ୟାନକୃଷି ବିଭାଗ ବିଭିନ୍ନ ବିହନ, ସାର ଆଦି ଯୋଗାଇବା ସମୟରେ ବିଳମ୍ବ କରୁଛନ୍ତି କିମ୍ବା ଜାଣିଶୁଣି ଚାଷୀଙ୍କୁ ପ୍ରାଇଭେଟ୍ ବିତରକଙ୍କ ପାଖକୁ ଯାଇ ଅଧିକ ଦରରେ କିଣିବାକୁ ବାଧ କରୁଛନ୍ତି। ଏଣୁ ବୈଠକରେ କୃଷି ଓ ଉଦ୍ୟାନକୃଷି ବିଭାଗ କାର୍ଯ୍ୟର ତଦନ୍ତ କରାଯିବାକୁ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ମାନେ ପ୍ରସ୍ତାବ ଦେଇଛନ୍ତି। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥର ଧାନ ଚାଷ ବେଶୀ ହୋଇଥିବାରୁ ୟୁରିଆ ପୁରିଲାନି ବୋଲି କହୁଥିବାରୁ ମଣ୍ଡି ଓ ମାର୍କେଟୟାର୍ଡ ଭିତ୍ତିଭୂମି ପ୍ରସ୍ତୁତ ରଖିବାସହ ଧାନ କିଣାବିକାରେ ଯେଭଳି ପୁଣି ଅବ୍ୟବସ୍ଥା ନହେବ ସେଥିପ୍ରତି ପୂର୍ବରୁ ପ୍ରସ୍ତୁତ ରହିବାକୁ ସିଏସ୍‌ଓ ଓ ଆର୍‌ଏମ୍‌ସି ତଥା ଡିଆର୍‌ସିଏସ୍‌ଙ୍କୁ ଜିଲ୍ଲା ପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।

### ଜିଲ୍ଲାରେ ବିଭିନ୍ନ ଯୋଜନା ଅଗ୍ରଗତି ଆଲୋଚନା

ସମ୍ବଲପୁର: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନବମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ତଥା ସମ୍ବଲପୁର, ରେଢ଼ାଖୋଲ ଓ ରେଙ୍ଗାଲି ବିଧାୟକ ଏବଂ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

ବୈଠକରେ କୃଷି ବିଭାଗର ବିହନ ଯୋଗାଣ, ରାସାୟନିକ ସାର, ପିଏମ-କିସାନ, ସିଏମ-କିସାନ ଖରିଫ୍ ଓ ରବି ଋତୁର ଚାଷକାର୍ଯ୍ୟ, ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ, ଉଦ୍ୟାନ ବିଭାଗର ଅଗ୍ରଗତି ଓ ବିଭିନ୍ନ କାର୍ଯ୍ୟକ୍ରମ, ମତ୍ସ୍ୟ ବିଭାଗର ଅଗ୍ରଗତି ଓ କାର୍ଯ୍ୟକ୍ରମ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ, ସମବାୟ ବିଭାଗର କୃଷି ଋଣ, ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ବିଭାଗର ଶିଶୁ ବାଟିକା ଯୋଜନା, ଶିକ୍ଷାନୁଷ୍ଠାନ ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ଆବଶ୍ୟକସଂଖ୍ୟକ ଶିକ୍ଷକ, ଅତ୍ୟାଧୁନିକ ଶ୍ରେଣୀ ଗୃହ ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର ଆନୁସଙ୍ଗିକ ବ୍ୟବସ୍ଥା, ପିଏମ୍‌ଶ୍ରୀ ଯୋଜନା, ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ପ୍ରାଣୀ ସମ୍ପଦ ବିଭାଗ, ଗ୍ରାମ୍ୟ ନିର୍ମାଣ/ଜଳସେଚନ/କ୍ଷୁଦ୍ର ଜଳସେଚନ/ଉଠା ଜଳସେଚନ ଓ ପୂର୍ତ୍ତ ବିଭାଗର କାର୍ଯ୍ୟକଳାପ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଶକ୍ତି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ/ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ,ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର, ଅନ୍ଧତ୍ୱ ଦୂରୀକରଣ ଆଦି ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ଏହାସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଜଙ୍ଗଲ ବିଭାଗ, ଶ୍ରମ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ପରିମଳ ବିଭାଗର ଓଡ଼ିଶା ଜୀବିକା ମିଶନ, ଓରମାସର କାର୍ଯ୍ୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆବାସ ଯୋଜନାର ଅଗ୍ରଗତି ତଥା ସମ୍ପୂର୍ଣ୍ଣ କରିବା ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ।

## ସମ୍ବଲପୁର ତହସିଲର ୧୨ ଆର୍‌ଆଇଙ୍କ ଦରମା ବନ୍ଦ

ସମ୍ବଲପୁର,୧୬।୯(ସମିସ): ସମ୍ବଲପୁର ସଦର ଅଧିବାସୀଙ୍କ ପଟ୍ଟା ସଂଶୋଧନ ବା ଆର୍‌ଓଆର୍‌ର ଖାନା-୨ (କଲମ୍-୨)କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅପ୍‌ଡେଟ୍ କରିବାପାଇଁ ସରକାର, ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ତଥା ସଦର ତହସିଲଦାର କାର୍ଯ୍ୟାଳୟରୁ ବାରମ୍ବାର ନିର୍ଦ୍ଦେଶ ଜାରି କରାଯାଇଛି। ତେବେ, କେତେକ ରାଜସ୍ୱ ନୀରିକ୍ଷକ (ଆର୍‌ଆଇ) ଓ ଅନ୍ୟ ଷ୍ଟାଫ୍ ମାନଙ୍କ ନିମ୍ନମାନର ପ୍ରଦର୍ଶନ ଯୋଗୁଁ ବହୁସଂଖ୍ୟାରେ ସି୨ସି କେସ ବଳକା ରହିଛି କିମ୍ବା ଅପ୍‌ଡେଟ୍ ହୋଇପାରିନାହିଁ। ତାହାକୁ ଦୃଷ୍ଟିରେ ରଖି ସମ୍ବଲପୁର ସଦର ତହସିଲଦାର ନିମ୍ନମାନର ପ୍ରଦର୍ଶନ କରିଥିବା ସମ୍ବଲପୁର ତହସିଲର ୧୨ ଜଣ ରାଜସ୍ୱ ନୀରିକ୍ଷକଙ୍କ ଦରମା ବନ୍ଦ କରିଦେଇଥିବା ଜଣାପଡ଼ିଛି। ଦିଆଯାଇଥିବା ଲକ୍ଷ୍ୟରୁ ୨ ପ୍ରତିଶତରୁ କମ ସଂଶୋଧନ କରାଯାଇଥିବାରୁ ତହସିଲଦାର ଏତାଦୃଶ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨ ଲକ୍ଷ ୨୬ ହଜାର ୯୦୭ରୁ ଊର୍ଦ୍ଧ୍ୱ ପଟ୍ଟାଧାରୀଙ୍କ ଆର୍‌ଓଆର୍‌କୁ ଏହି ପ୍ରକ୍ରିୟାରେ ଯାଞ୍ଚ କରାଯାଇ ସଂଶୋଧନ କରାଯିବ। ଜିଲ୍ଲାର ସମସ୍ତ ତହସିଲରେ ୫ ରୁ ୭ ପ୍ରତିଶତ ସଂଶୋଧନ କରାଯାଇଥିବାବେଳେ ସମ୍ବଲପୁର ତହସିଲରେ ଏହା ନିରାଶାଜନକ ହୋଇଥିବା ସୂଚନା ମିଳିଛି।ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ କହିଛନ୍ତି, ଜିଲ୍ଲାରେ ପଟ୍ଟା ସଂଶୋଧନ ମିଶନ୍ ମୋଡ୍‌ରେ ଚାଲିଛି। ଆର୍‌ଆଇ ମାନଙ୍କୁ ଟାର୍ଗେଟ ଦିଆଯାଇଛି। ସେମାନେ ପ୍ରତିଦିନ ୧୫ଟି କରିବା କଥା। ସେମାନଙ୍କ ମଧ୍ୟରୁ ଯେଉଁମାନେ ନିମ୍ନମାନର ପ୍ରଦର୍ଶନ କରିଛନ୍ତି, ସଦର ତହସିଲଦାର ସେମାନଙ୍କ ଦରମା ବନ୍ଦ କରିଛନ୍ତି। ଯେଉଁମାନଙ୍କ ଅଜା କିମ୍ବା ବାପା ନାମରେ ଜମିଜମା ଅଛି ଓ ସେମାନେ ମୃତ୍ୟୁବରଣ କରିସାରିଲେଣି, ସେମାନଙ୍କ ଉତ୍ତରାଧିକାରୀମାନେ ଆର୍‌ଆଇଙ୍କ ସହିତ ଯୋଗାଯୋଗ କରି କଲମ-୨ ସଂଶୋଧନ କରି ନିଜ ନାମରେ ପଟ୍ଟା କରନ୍ତୁ ବୋଲି ସେ ସମ୍ବଲପୁରବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହାଦ୍ୱାରା ଋଣ ତଥା ଆବାସ ଓ ଅନ୍ୟ ପ୍ରମାଣ ପାଇବାରେ ଅସୁବିଧା ହେବନାହିଁ ବୋଲି ସେ କହିଛନ୍ତି।

## ଏନ୍‌ଏସସିବି କଲେଜ, ବୁର୍ଲା ଡିଏଭିରେ ବିଶ୍ୱ ଓଜୋନ ଦିବସ

ସମ୍ବଲପୁର, ୧୬।୯ (ସମିସ): ନେତାଜୀ ସୁଭାଷଚନ୍ଦ୍ର ବୋଷ କଲେଜରେ ଆଜି ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲ ସଭାପତିତ୍ୱରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ସାଇନ୍ସ ସୋସାଇଟି, ଇକୋ କ୍ଲବ ଏବଂ ଏନଏସଏସ ୟୁନିଟ୍ ମାନଙ୍କ ମିଳିତ ଉଦ୍ୟମରେ ଆୟୋଜିତ





କାର୍ଯ୍ୟକ୍ରମରେ ଗଣିତ ବିଭାଗ ମୁଖ୍ୟ ଡଃ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ଆଦିତ୍ୟ ମେହେର ଓଜୋନ ସ୍ତର ସୁରକ୍ଷା ପାଇଁ ସାମଗ୍ରିକସ୍ତରରେ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ରସାୟନ ବିଭାଗ ମୁଖ୍ୟ ଡଃ ସନ୍ତୋଷ ରଞ୍ଜନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଜୋନ ସ୍ତର, ଏହାର ରାସାୟନିକ ସଂରଚନା, ଓଜୋନ ସ୍ତର କ୍ଷୟର କାରଣ ଏବଂ ନିରାକରଣ ତଥା ଏହାର ସୁରକ୍ଷା ଦିଗରେ ସମସ୍ତଙ୍କ ଭୂମିକା ଉପରେ ଆଲୋଚନା କଲେ। ରସାୟନ ବିଭାଗର ଅଧାପକ ଡଃ ଅଜୟ ମିଶ୍ର ମଧ ନିଜ ମତାମତ ରଖିଥିଲେ। ସଭାରେ ଡଃ ସେନ ସେଠ, ଡଃ କିରଣ କୁମାର ପାତ୍ର, ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର (ଯୁକ୍ତ-୨) ସତ୍ୟପ୍ରକାଶ ଟୁଡୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଏନଏସଏସ ଅସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ରୋଜାଲି ସେଠ ମଞ୍ଚ ସମନ୍ୱୟ କରିଥିଲେ। ଶେଷରେ ଇକୋ କ୍ଲବ ଅଧିକାରୀ ମିନତି ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ବିଶ୍ୱ ଓଜୋନ୍ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ରାଜେନ୍ଦ୍ର ବେଦବାକ୍ ପୌରହିତ୍ୟ କରିଥିବାବେଳେ ବିଦ୍ୟାଳୟର ଜୀବବିଜ୍ଞାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦାସ ଓଜୋନ୍ ଗ୍ୟାସ୍‌ର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ ସାହୁ ଓଜୋନ୍ ଗ୍ୟାସ୍‌ର ସୁରକ୍ଷା କବଚ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ପଦାର୍ଥ ବିଜ୍ଞାନ ଶିକ୍ଷକ ସୌଭାଗ୍ୟ ମିଶ୍ର ଓଜୋନ୍ ବିଷୟରେ ବାସ୍ତବିତ ତଥ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଶ୍ରୀ ବେଦବାକ୍ ତାଙ୍କ ଅଭିଭାଷଣରେ ବିଶ୍ୱ ଓଜୋନ୍ ଦିବସ ପାଳନର ପ୍ରାସଙ୍ଗିକତା ଏବଂ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜୟନ୍ତୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଶିକ୍ଷକ ଦେବେଶ ପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଝରଣର ବିକାଶ ନେଇ ବିକାଶ ମଞ୍ଚର ବୈଠକ




ସମ୍ବଲପୁର,୧୬।୯ (ସମିସ):ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ୍ ଦେବଝରଣ ଜଳପ୍ରପାତ ନିକଟରେ ଦେବଝରଣ ବିକାଶ ମଞ୍ଚ ତରଫରୁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଦେବଝରଣର ବିକାଶ ସମ୍ବନ୍ଧରେ ଆଲୋଚନା ହେବା ସହ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚର ଆବାହକ ଅରୁଣ ଦେହୁରୀ ସଭାପତିତ୍ୱ କରିଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ଆଇନଜୀବୀ ସଞ୍ଜୟ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷ ଶିବରାମ ସାହୁ, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଧା, ଜୁଯୁମୁରା ପୂର୍ବତନ ବ୍ଲକ୍ ଅଧକ୍ଷ ଅଶ୍ୱିନୀ କୁମୁରା, ବୁରଡ଼ା ସରପଞ୍ଚ ରାଜା ପାଲ, ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକ, ଜୁଯୁମୁରା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଆଜକୁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ବିକାଶ ମଞ୍ଚ ଗଠନ କରି ଦେବଝରଣର ବିକାଶ ପ୍ରତି ପ୍ରଚେଷ୍ଟା ଜାରି ରହିଛି। ଦିନେ ଦେବଝରଣକୁ ଲୋକେ ଜାଣିନଥିବା ବେଳେ ଆଜି ପର୍ଯ୍ୟଟନ ମାନଚିତ୍ର ରେ ସ୍ୱତନ୍ତ୍ର ଭାବେ ସ୍ଥାନ ପାଇଥିବା ଆବାହାକ ଅରୁଣ କହିଛନ୍ତି। ଦେବଝରଣର ବିକାଶ ପାଇଁ ସ୍ୱଳ୍ପ ଅବଦାନ ହେଲେ ମଧ୍ୟ ଯେଉଁମାନେ ଆତ୍ମୀୟତା ପ୍ରଦର୍ଶନ କରିଛନ୍ତି ତାଙ୍କ ନିକଟରେ ବିକାଶ ମଞ୍ଚ ଋଣୀ ହୋଇରହିବ। ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା, ସମ୍ବଲପୁର ବନଖଣ୍ଡ ଅଧିକାରୀ ସଞ୍ଜୟ କୁମାର ବିକାଶ ଦିଗରେ ସହାୟକ ହୋଇଛନ୍ତି। ପୂର୍ତ୍ତ ରାସ୍ତା ପାଇଁ ତତ୍କାଳୀନ ପୂର୍ତ୍ତ ସଚିବ ଙ୍କ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ସାଂସଦ ଅମରନାଥ ପ୍ରଧାନ ଓ ପୂର୍ବତନ ବିଧାୟକ ରୋହିତ ପୂଜାରୀ ମଧ୍ୟ ସହଯୋଗ କରିଛନ୍ତି।ଯଦିଓ ଆଜି ଦେବଝରଣ ର ଯାହା ବି ବିକାଶ ହୋଇଛି ଏଥିରେ ବିକାଶ ମଞ୍ଚର ହିଁ ହାତ ଅଛି। ଏହାକୁ ସ୍ୱୀକାର କରିବାକୁ ପଡିବ ବୋଲି ପ୍ରକାଶ କରିଛନ୍ତି ଜୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମନ୍ଦାକିନୀ ବିଶ୍ୱାଳ ଜଳ ପ୍ରପାତରେ ପର୍ଯ୍ୟଟକ ବୁଡି ପ୍ରାଣ ହରାଉଛନ୍ତି ଏଣୁ ଏହା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଥିଲେ। ଏହାର ପ୍ରଚାର ପ୍ରସାର ବୃଦ୍ଧି କରିବା ସହ ସଫାସୁତରା, ବିକାଶ, ପାରିପାଶ୍ୱର୍ର ଉନ୍ନତି, ଜଳ ପ୍ରପାତ ନିକଟରେ ସୁରକ୍ଷା ବାଡ଼ ଉପରେ ମତ ରଖିଥିଲେ ବୁରଡ଼ା ସରପଞ୍ଚ ରାଜା ପାଲ ଓ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା।ବଣଭୋଜୀ ସ୍ଥଳରେ ଆବର୍ଜନା ପଡିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଏନ୍‌ଏସି ଅଧକ୍ଷ ଶିବରାମ ସାହୁ। ଆବର୍ଜନା ପକାଇବା ପାଇଁ କୋଡିଏଟି ଆବର୍ଜନା କୁଣ୍ଡ ନିଜସ୍ୱ ଅର୍ଥରୁ ପ୍ରଦାନ କରିବା ସହ ଏକତା ହୋଇ ଏହାର ବିକାଶ କରିବା ବଲି ପ୍ରକାଶ କରିଥିଲେ। ବ୍ଲକ୍ ଅଧକ୍ଷ ପ୍ରଦୀପ ପ୍ରଧାନ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଆମେ ଏହା ପାଇଁ କାମ କରିବା। ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେବା। ଏହାର ଉନ୍ନତି ପାଇଁ ଅବଶ୍ୟକ ପଡିଲେ ସାଂସଦ, ବିଧାୟକ ଓ ଜଙ୍ଗଲ ମନ୍ତ୍ରୀଙ୍କୁ ଭେଟିବା। ଆଗାମୀ ଦିନରେ ଦେବଝରଣ ମହୋତ୍ସବ ଆୟୋଜନ କରାଯିବ ବୋଲି ପ୍ରକାଶ କରିଛନ୍ତି। ବିଶିଷ୍ଟ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ଦେବଝରଣ ବିକାଶ ପାଇଁ ପ୍ରଥମେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ତିଆରି ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।ସମସ୍ତେ ଏକତ୍ରିତ ହୋଇ ଦେବଝରଣର ବିକାଶ ପାଇଁ କାମ କରିବାକୁ ଅନ୍ୟ ଅତିଥି ମାନେ ମତଦେଇଥିଲେ। ସର୍ବସମ୍ମତିକ୍ରମେ ଦେବଝରଣର ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ, ରାସ୍ତା,ସୁରକ୍ଷା ଓ ନିରାପତ୍ତା ଓ ପ୍ରଶାସନର ଦୃଷ୍ଟି ଗୋଚର ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଷଡାନନ ପ୍ରଧାନ, ଅବନୀ କୁମୁରା, ଦୀପକ ବିଶ୍ୱାଳ, ଦୀପକ ପ୍ରଧାନ, ସଞ୍ଜୟ ବିଶ୍ୱାଳ, ପ୍ରଦୀପ ପ୍ରଧାନ, ଜୟନ୍ତ ପ୍ରଧାନ, ରାଜା ପାଲ, ଶିବରାମ ସାହୁ, ସୁଭାଶିଷ ପାଢ଼ୀ ପ୍ରମୁଖଙ୍କୁ ନେଇ ଉପାଦେଷ୍ଟା କମିଟି ଗଠନ କରାଯାଇଛି। ବୈଠକ ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମ ସଭାପତି ବିରେନ ଭୋଇ ଓ ସମ୍ପାଦକ ଗୌତମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ବ୍ରାଉନସୁଗର ଜବତ, ୫ ଗିରଫ

ସମ୍ବଲପୁର,୧୬।୯(ସମିସ):ଧନୁପାଲି ପୁଲିସ ଓ ସଦର ଅବକାରୀ ପୃଥକ ଭାବେ ଚଢଉ କରି ୨୦ ଗ୍ରାମ ବ୍ରାଉନସୁଗର ଜବତ କରି ମୋଟ ୫ ଜଣଙ୍କୁ ଗିରଫ କରିଛନ୍ତି।ଅବକାରୀ ପୁଲିସ ସୋମବାର ସୁନାପାଲି ଅଞ୍ଚଳରେ ଚଢଉ କରି ୯.୮ ଗ୍ରାମ ଧଳାଜହର ଜବତ କରିଛି। ଏହି ଘଟଣାରେ ସୁନାପାଲି ଅଞ୍ଚଳର ୨ ଜଣ ମହିଳା ସମେତ ଜଣେ ପୁରୁଷଙ୍କୁ ଗିରଫ କରିଛି।ସେମାନେ ହେଲେ ଏମଡି ମୁସ୍ତାଫ ଓରଫ ଭୁଜାଲି(୨୯), ଖେରୁନ ଖାତୁନ(୫୭) ଓ ସବନମ ଖାତୁନ(୨୮)।ସେହିପରି ଧନୁପାଲି ପୁଲିସ ସୁନାପାଲି ପଡ଼ିଆରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ଖବର ପାଇଥିଲା। ପରେ ଘଟଣାସ୍ଥଳକୁ ଯାଇ ଜଣେ ଦମ୍ପତିକୁ ଗିରଫ କରିଥିଲା।ସେମାନେ ହେଲେ ଏମଡି ୱାଜିର(୪୩) ଓ ୱାଜିର ସ୍ତ୍ରୀ ସାମସଦ ବେଗମ(୩୦)।ସେମାନଙ୍କ ନିକଟରୁ ୧୫ ଗ୍ରାମ ବ୍ରାଉନସୁଗର ଓ ୬୧ ହଜାର ଟଙ୍କା ଜବତ କରିଛି। କଲିକତାରୁ ବ୍ରାଉନସୁଗର ଆଣି ସମ୍ବଲପୁରରେ ଅଧିକ ଦରରେ ବିକ୍ରି କରୁଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।







# ଧୁରୁଆପଡ଼ା-ପରଧିଆପଡ଼ା ରାସ୍ତା କାଦୁଅ ପଚ ପଚ

କୁଚିଣ୍ଡା,୧୬।୯ (ସମିସ)





ସମ୍ବଲପୁର ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ବାମରା ବ୍ଲକ୍‌ର ଏଭଳି ଏକ ଗାଁ ଅଛି, ଯେଉଁଠି ଆଜକୁ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରାସ୍ତାର ଉନ୍ନତିକରଣ କରାଯାଇନାହିଁ। ଉକ୍ତ ଗାଁର ଏକମାତ୍ର ମାଟି ରାସ୍ତା ବର୍ଷା ଋତୁରେ କାଦୁଅରେ ଭର୍ତ୍ତି ହୋଇ ବଡ଼ ବଡ଼ ଗାତ ହୋଇ ପାଣି ଭର୍ତ୍ତି ହୋଇ ରହିଥାଏ। ସବୁଦିନିଆ ଭଲ ରାସ୍ତାଟିଏ ନ ଥିବା ସେହି କାଦୁଅ ପଚ ପଚ ଭିତରେ ହିଁ ଲୋକେ ବାଧ ହୋଇ ପାଠପଢ଼ା, ମେଡିକାଲ,ମଜୁରୀ କାମ ସମେତ ଭତ୍ତା,ସରକାରୀ ଚାଉଳ ପାଇଁ ଯିବା ଆସିବା କରୁଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଚାରି ଚକିଆ ଯିବା ତ ଦୂରର କଥା, ସାଇକଲ କି ମୋଟରସାଇକଲରେ ଯାଆସ କରିବା କାଠିକର ହୋଇଥାଏ। ଉକ୍ତ ଗାଁ ହେଉଛି ଜରାବଗା ପଞ୍ଚାୟତ ଲପଡ଼ା ରାଜସ୍ୱ ଗ୍ରାମରେ ଥିବା ଧୁରୁଆପଡ଼ା ଓ ପରଧିଆପଡ଼ା। ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ଅନେକ ଥର ଗ୍ରାମବାସୀ ପଞ୍ଚାୟତ ଠାରୁ ବିଡ଼ିଓ,ଉପ ଜିଲ୍ଲାପାଳ ତଥା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।ଗତ ଅଗଷ୍ଟ ୨୦ ତାରିଖ ଦିନ ମଧ ଏକ ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ମଞ୍ଜୁ ନାଏକଙ୍କ ପ୍ରସୂତି ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସ ଡକା ଯାଇଥିଲା। ମାତ୍ର ରାସ୍ତା କଦର୍ଯ୍ୟ ଥିବାରୁ ଗାଁ ଭିତରକୁ ନ ଆସି ଅଧା ବାଟରେ ହିଁ ଅଟକି ରହିଥିଲା। କୌଣସି ନ ଉପାୟ ନ ପାଇ ପ୍ରସୂତି ମାଁ ଚାଲି ଚାଲି ପ୍ରାୟ ଦେଢ଼ କିମି ଆମ୍ବୁଲାନ୍ସ ପାଖକୁ ଯାଇ ଆମ୍ବୁଲାନ୍ସରେ ବାମରା ଡାକ୍ତରଖାନା ପର୍ଯ୍ୟନ୍ତ ଯାଇଥିଲେ। ବିଗତ ୩ ଦିନ ପରେ ବି ଏକ ଶିଶୁ କନ୍ୟାକୁ ଜନ୍ମଦେଇ ପୁଣି ସେହି ବାଟ ଦେଇ ବର୍ଷରେ ଭିଜି ଭିଜି ଘରକୁ ଫେରିଥିଲେ।ଉକ୍ତ ଦୃଶ୍ୟ ଦେଖି ଗାଁ ଲୋକେ ସମ୍ବେଦନଶୀଳ ହୋଇ ପଡ଼ିଥିଲେ।ରାସ୍ତାର ଉନ୍ନତି ଆଉ କେବେ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବାମରା ବ୍ଲକ୍ ବିଜେପି ମଣ୍ଡଳ ଉପସଭାପତି ନିଲମ୍ବିତ



କୁଚିଣ୍ଡା,୧୬।୯ (ସମିସ): ସମ୍ବଲପୁର ଜିଲ୍ଲାର ବାମରା ବ୍ଲକ୍ ଅନ୍ତର୍ଗତ କେଶାଇବାହାଲ ବିଜେପି ମଣ୍ଡଳର ଉପସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁରେଶ କୁମାର ଘୋଷଙ୍କୁ ପାର୍ଟି ଅନୁଶାସନ ଉଲ୍ଲଂଘନ କରିବାରୁ ଦଳରୁ ୨ ବର୍ଷ ପାଇଁ ନିଲମ୍ବିତ କରାଯାଇଛି। ସୂଚନା ଅନୁସାରେ, ସୁରେଶ କୁମାର ଘୋଷ କେତେକ ବିଜେପି କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ସୋସିଆଲ ମିଡ଼ିଆରେ ଅଶାଳୀନ ମନ୍ତବ୍ୟ ପୋଷ୍ଟ କରିଥିଲେ।ଏହାକୁ ନେଇ ଗତ ରବିବାର ସନ୍ଧ୍ୟାରେ କେଶାଇବାହାଲ ଠାରେ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ସୁରେଶ ନିଜ ଭୁଲ ସ୍ୱୀକାର କରି କ୍ଷମା ପ୍ରାର୍ଥନା କଲେ ମଧ୍, ବିଜେପି ପକ୍ଷରୁ ତାଙ୍କ କ୍ଷମା ପ୍ରାର୍ଥନାକୁ ଅସ୍ୱୀକାର କରାଗଲା।ପରିଣାମସ୍ୱରୂପ, ପାର୍ଟି ପକ୍ଷରୁ ସୁରେଶ କୁମାର ଘୋଷଙ୍କୁ ୨ ବର୍ଷ ପାଇଁ ତାଙ୍କ ପଦବୀ ଓ ପ୍ରାଥମିକ ସଦସ୍ୟତାରୁ ନିଲମ୍ବିତ କରିବାର ନିଷ୍ପତ୍ତି ନିଆଯାଇଛି। ଏହା ସମ୍ବନ୍ଧରେ ରବିବାର ସନ୍ଧ୍ୟା ୫ଟା ସମୟରେ ବାମରାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଆଧିକାରିକ ସୂଚନା ପ୍ରଦାନ କରିଛନ୍ତି। ଦଳର ନିଷ୍ପତ୍ତିକୁ ସୁରେଶ କୁମାର ଘୋଷ ସ୍ୱାଗତ କରିଛନ୍ତି।

## ଦୀପକ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୧୬।୯ (ସମିସ): ଭାରତୀୟ ଲେଖକଙ୍କ ପ୍ରତିନିଧି ଦଳ ସଦସ୍ୟ ଭାବରେ ଆନ୍ତର୍ଜାତିକ ପୁସ୍ତକ ମେଳାରେ ଯୋଗଦେଇ ମସ୍କୋରୁ ଫେରିଥିବା ଓଡ଼ିଶା ସାଂସ୍କୃତିକ ସମାଜର କାର୍ଯ୍ୟକାରୀ କମିଟି ସଦସ୍ୟ ଦୀପକ ପଣ୍ଡାଙ୍କୁ ଆଜି ସାଂସ୍କୃତିକ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ପଣ୍ଡା କହିଲେ ଯେ, ପଶ୍ଚିମ ଓଡ଼ିଶାର ମହାନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ସ୍ତରରେ ପ୍ରଦର୍ଶନ ପାଇଁ ଆମକୁ ଉତ୍କୃଷ୍ଟ ପରିପାଟୀର ସଚିତ୍ର ପୁସ୍ତକ ପ୍ରକାଶନ କରିବାକୁ ହେବ। ବିଶ୍ୱ ଭାତୃତ୍ୱଭାବ, ଶାନ୍ତି ଓ ସୌହାର୍ଦ୍ଦ, ଭାରତର ଅତୀତ ଗୌରବ, ଉତ୍କର୍ଷତା ସହିତ ସମ୍ବଲପୁରୀ ଭାଷା, ସମ୍ବଲପୁରୀ ଲୋକନୃତ୍ୟ, ସମ୍ବଲପୁର ସଂଗ୍ରାମ, ଶୀତଳଷଷ୍ଠୀ ଓ ଅନ୍ୟାନ୍ୟ ସ୍ଥାନୀୟ ପ୍ରସଙ୍ଗକୁ ବିଶ୍ୱ ମଞ୍ଚରେ ଉପସ୍ଥାପନ କରିବାର ବିରଳ ସୁଯୋଗ ପାଇଛନ୍ତି। ହିନ୍ଦୀ ଭାଷାରେ ଭାରତୀୟତା ଅଛି। ଏହା ଭାରତର ସମ୍ପର୍କ ଭାଷା ହେବା ଉଚିତ। ଭାଷା ଅସଲ ପରିଚୟ ଓ ସ୍ୱାଭିମାନ ଅଟେ। ଯଦି ଭାରତ ବହୁଭାଷୀ ଚରିତ୍ରକୁ ଜାରି ରଖି ସଂସ୍କୃତ ଓ ହିନ୍ଦୀକୁ ମହତ୍ତ୍ୱ ଦେବ ତେବେ ଏହାର ଦ୍ରୁତ ବିକାଶ ସମ୍ଭବପର ହେବ ବୋଲି କହିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଓ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏସଡବ୍ଲ୍ୟୁ ଗ୍ରୁପ୍‌କୁ ଷ୍ଟାର ଏମ୍ପ୍ଲୟମେଣ୍ଟ ପୁରସ୍କାର



ସମ୍ବଲପୁର,୧୬।୯ (ସମିସ): ଜେଏସଡବ୍ଲ୍ୟୁ ଗ୍ରୁପ୍ ବିଭିନ୍ନ ବର୍ଗରେ ସର୍ବାଧିକ ସଂଖ୍ୟକ ନିଯୁକ୍ତି ପାଇଁ "ଷ୍ଟାର ଏମ୍ପ୍ଲୟମେଣ୍ଟ ପୁରସ୍କାର ୨୦୨୪-୨୫ (ପାରମ୍ପରିକ ଶିଳ୍ପ) ହାସଲ କରିଛି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଅଧିକାରୀ, ଶିଳ୍ପ ନେତାଙ୍କ ଉପସ୍ଥିତିରେ ଓୟୁଏଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏସଏଲ/ ଜେୟୁଏସଏଲ/ ଆଇଏସପିର ଖଣି/ କୋଇଲା ଖଣି ଏବଂ ଗୋଷ୍ଠୀ କର୍ପୋରେଟ୍ ବ୍ୟାପାର (ଓଡିଶା) ସଭାପତି ଅନିଲ କୁମାର ସିଂହ ଏହି ପୁରସ୍କାର ଗ୍ରହଣ କରିଥିଲେ।


● ବିଦ୍ୟୁତ୍ ସରଞ୍ଜାମ ଚୋରି ନେଇ ଉଦ୍‌ବେଗ

## ରୋକିବାରେ ବିଦ୍ୟୁତ୍ ଉପଭୋକ୍ତା ଓ ଜନସାଧାରଣ ସହଯୋଗ କରନ୍ତୁ



ସମ୍ବଲପୁର,୧୬।୯ (ସମିସ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ଏହାର ବିଦ୍ୟୁତ୍ ବିତରଣ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ସରଞ୍ଜାମ ଚୋରି ଘଟଣାରେ ଉଦ୍‌ବେଗ ପ୍ରକାଶ କରାଯାଇଛି। କମ୍ପାନୀର ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ ଅଧିନସ୍ଥ ରେଙ୍ଗାଲି, ପରମାଣପୁର, ଲଇଡ଼ା ଇତ୍ୟାଦି ଅଞ୍ଚଳରେ ବିଗତ ୪ ବର୍ଷ ମଧ୍ୟରେ ୪୭ରୁ ଅଧିକଥର ବିଦ୍ୟୁତ୍ ସରଞ୍ଜାମ ଚୋରିହେବା ନଜରକୁ ଆସିଛି। ବିଗତ ତିନିବର୍ଷ ମଧ୍ୟରେ କେବଳ ରେଙ୍ଗାଲି ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ସର୍ବାଧିକ ୨୯ ଥର, ଲଇଡ଼ା ଏବଂ ପରମାଣପୁର ସେକ୍ସନ ଅଞ୍ଚଳରେ ୯ଥର ଲେଖାଏଁ ବିଦ୍ୟୁତ୍ ସରଞ୍ଜାମ ଚୋରି ହୋଇଛି। ତେବେ ଏହିପରି ଚୋରି କେବଳ କମ୍ପାନୀକୁ ଆର୍ଥିକ କ୍ଷତିକୁ ନୁହେଁ, ବରଂ ହଜାର ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ଯୋଗାଣ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ଭଳି ଅତ୍ୟାବଶ୍ୟକ ସେବାଗୁଡ଼ିକ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସାଧାରଣ ଜନଜୀବନରେ ଗୁରୁତର ଅସୁବିଧା ସୃଷ୍ଟି ହେଉଛି। ଏହିସବୁ କ୍ଷତି ବିତରକ କମ୍ପାନୀର ଆର୍ଥିକ କ୍ଷୟକ୍ଷତିଠାରୁ ବହୁଗୁଣରେ ଅଧିକ। ପ୍ରକାଶଥାଉ କି, ଚୋରି ହୋଇଥିବା ସରଞ୍ଜାମକୁ ପୁଣିଥରେ ପୁନଃସ୍ଥାପିତ କରିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ, ଯାହା ବାର୍ଷିକ ଖର୍ଚ୍ଚରେ ଯୋଡ଼ାଯାଇ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କୁ ଅବଗତ କରାଯାଏ। ଏହିପରି ଘଟଣା ଗୁଡ଼ିକ ସମ୍ବନ୍ଧିତ ପୋଲିସ୍ ଷ୍ଟେସନରେ ଏଫଆଇଆର୍ ମଧ ଦାଖଲ କରାଯାଇଛି ଏବଂ ଜିଲ୍ଲାର ସର୍ବୋଚ୍ଚ ପୋଲିସ୍ ଅଧିକାରୀଙ୍କୁ ଲିଖିତ ଭାବରେ ସୂଚନା ଦିଆଯାଇଛି। ଏଣୁ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି ଯେ, ଯଦି କୌଣସି ସ୍ଥାନରେ ବିଦ୍ୟୁତ୍ ସରଞ୍ଜାମ ଚୋରି ଦୃଷ୍ଟିକୁ ଆସେ, ତେବେ ତୁରନ୍ତ ଟିପିଡବ୍ଲୁଓଡିଏଲ୍ ନିକଟସ୍ଥ କାର୍ଯ୍ୟାଳୟ କିମ୍ବା ବିଦ୍ୟୁତ୍ ବିତରକ କମ୍ପାନୀର କର୍ମଚାରୀ ତଥା ଉକ୍ତ ଅଞ୍ଚଳର ପୋଲିସ ଅଧିକାରୀଙ୍କୁ ଖବର ଦିଅନ୍ତୁ।

## ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



ସମ୍ବଲପୁର, ୧୬।୯ (ସମିସ): ନୃସିଂହ ଗୁରୁ ଟାଉନ ହାଇସ୍କୁଲଠାରେ ପୂର୍ବତନ ଛାତ୍ର ସଞ୍ଜୟ କୁମାର ସାହୁଙ୍କ ବିୟୋଗରେ ଶୋକସଭା ବରିଷ୍ଠ ସଭ୍ୟ ଗୋରେଖଲାଲ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ନୀରବ ପ୍ରାର୍ଥନା କରି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପୁରାତନ ଛାତ୍ରସଂଘ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱର୍ଗତ ସଞ୍ଜୟ ସାହୁଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ମିଶ୍ର, ସୁରେନ୍ଦ୍ର ନାଇକ, କିଶୋର ମହାକୁଡ଼, ଦିଲୀପ ମିଶ୍ର, ବିବେକ ଗୁରୁ, ବେଦବ୍ୟାସ ସୂପକାର, ଶିକ୍ଷୟିତ୍ରୀ ସଂଯୁକ୍ତା କିସାନ, ଦୀପ୍ତିବାଳା ମିଶ୍ର ଓ ଦେବସ୍ମିତା ପାଢ଼ୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଭିମ୍‌ସାର ସିକିଲ ସେଲ୍ ପକ୍ଷରୁ ରକ୍ତଶିକୁଳି ସଚେତନତା

ସମ୍ବଲପୁର,୧୬।୯ (ସମିସ): ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ସିକିଲ ସେଲ ଅନୁଷ୍ଠାନ ପକ୍ଷରୁ ଆଜି ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ରକ୍ତଶିକୁଳି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିକିଲ ସେଲ ଅନୁଷ୍ଠାନର ବରିଷ୍ଠ ସ୍ୱାସ୍ଥ୍ୟ ପରିଚାଳକ ଡା. ଶିରୀଶ ପଟେଲ ସିକିଲ ସେଲ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟ ସେବା ଏବଂ ସିକିଲ ସେଲ ରୋଗୀ କିଭଳି ନିଜକୁ ସ୍ୱାସ୍ଥ୍ୟବାନ ଓ ସୁସ୍ଥ ରଖିପାରିବେ ସେନେଇ ମାର୍ଗଦର୍ଶନ କରିଥିଲେ। ସାଇଣ୍ଟିଫିକ୍ ଅଧିକାରୀ ଡ.କିଶଳୟ ଦାସ ସିକିଲ ସେଲ ରୋଗର ଚିହ୍ନଟ ଏବଂ ସିକିଲ ସେଲ ରୋଗର ନିରୂପଣ ସହିତ ଏହାର ଲକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ସିକିଲ ସେଲ ପ୍ରକଳ୍ପର ବରିଷ୍ଠ ପରିଚାଳକ ବିଜୟାନନ୍ଦ ନାୟକ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୧ ଜୁଲାଇ ୨୦୨୩ରେ ସିକିଲ ସେଲ ଆନିମିଆ ନିରାକରଣ ମିଶନର ଗଠନ ଏବଂ ୨୦୪୭ ମସିହା ସୁଦ୍ଧା ସିକିଲସେଲ ମୁକ୍ତ ଭାରତ ଗଠନରେ ସହଭାଗିତା ଦେବା ବିଷୟରେ ଆଲୋଚନା କରିଥିଲେ।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମକୃଷ୍ଣ ରଥ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ତଥା ଶିକ୍ଷକମାନେ ଯୋଗ ଦେଇଥିଲେ।

## ବଂଶାଜାଲରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ରେଢ଼ାଖୋଲ,୧୬।୯ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଦିନ ହର୍ବାଲଲାଇଫ୍ ଏବଂ ବଂଶାଜାଲ ମାଁ ଶୁଆନୀଦେବୀ କଳା ପରିଷଦ ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଂଶାଜାଲ ପଞ୍ଚାୟତର ନାଏବ ସରପଞ୍ଚ ଶ୍ରୀମତୀ ସୁବାସିନୀ ପ୍ରଧାନ ,ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୁଣନିଧି ପ୍ରଧାନ, ପୂର୍ବତନ ନାଏବ ସରପଞ୍ଚ ରତନ କୁମାର ରଣା, ଗ୍ରାମରକ୍ଷୀ ପୂର୍ଣ୍ଣଚନ୍ଦ୍ର ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ କଳା ପରିଷଦର ସଭାପତି ସଂଜୟ ସାଗର ସ୍ୱାଗତ ଭାଷଣ ଦେବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମ କଳା ପରିଷଦର କୋଷାଧ୍ୟକ୍ଷ ସରୋଜ କୁମାର ସାଗରଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା। ସ୍ୱାସ୍ଥ୍ୟ ସଚେତନତାର ପ୍ରଶିକ୍ଷକ ଅରୁନ କୁମାର ପଧାନ ଯୋଗ ଦେଇ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁକୁ ବେହେରା,କରନ ବାଘ, ଅମନ ବାଘ ପ୍ରମୁଖ ସହଯୋଗ କରିଥିଲେ।ଶେଷରେ କଳା ପରିଷଦର ସମ୍ପାଦକ ହେମାନନ୍ଦ ଉର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ

ସମ୍ବଲପୁର,୧୬।୯ (ସମିସ):ଧନୁପାଲି ଥାନା ଭତ୍ରା ଅଞ୍ଚଳରେ ଦୁର୍ଘଟଣାରେ ଜଣେ ବୃଦ୍ଧା ପ୍ରାଣ ହରାଇଛନ୍ତି। ସେ ହେଉଛନ୍ତି ଗୁଣ୍ଡେରପୁରର ସୁନାବାଗ(୮୬)। ରାସ୍ତାରେ ଯାଉଥିବା ସମୟରେ ତାଙ୍କୁ କାର ନଂ-ଓଡି୧୫ଏ-୦୬୫୦ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଶିଶୁ ସୁରକ୍ଷା କମିଟିର ତ୍ରୈମାସିକ ବୈଠକ

ଭଟଲି,୧୬।୯ (ସମିସ): ବେଟି ବଚାଓ ବେଟି ପଢ଼ାଓ ଓ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭଟଲି ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କ ଫୋର୍ସ ଏବଂ ଶିଶୁ ଶ୍ରମିକ ନିରାକରଣ କମିଟିର ତ୍ରୈମାସିକ ବୈଠକ ଅନୁଷ୍ଠିତ ହେବା ସହିତ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଡିପିଓ ସୈରେନ୍ଦ୍ରୀ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଚେୟାରମେନ ନିତ୍ୟାନନ୍ଦ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର, ଏବିଡିଓ ଜ୍ୟୋତ୍ସ୍ନାମୟୀ ଗଡତିୟା, ପ୍ରୋଗ୍ରାମ ଅଫିସର ମଙ୍ଗଳିକା ଦାସ, ଜିଲ୍ଲା କୋର୍ଡିନେଟର ତରୁନସେନ ପୃଷେଠ, ସୁପରଭାଇଜର ଅନିତା ପୁରୋହିତ ପ୍ରମୁଖ ଯୋଗଦେଇ ଭ୍ରୁଣ ହତ୍ୟାକୁ ବନ୍ଦ କରିବା ଏବଂ ଅଧାରୁ ପାଠ ଛାଡିଥିବା କିଶୋରୀ ବାଳିକାମାନଙ୍କୁ ବିଦ୍ୟାଳୟରେ ସାମିଲ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ, ଏସଏସଜି ମହିଳା, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଚିଚିଣ୍ଡା ଧନୁଯାତ୍ରା ପାଇଁ ନୂତନ କମିଟି ଗଠିତ

ଭେଡେନ,୧୬।୯ (ସମିସ): ଭେଡେନ ବ୍ଲକ୍ ଅଧୀନ ଚିଚିଣ୍ଡା ଠାରେ ୧୮ ରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ଧନୁଯାତ୍ରା ଅନୁଷ୍ଠିତ ହେବ। ଏହାକୁ ନେଇ ମେହେର ପଡା କଲ୍ୟାଣ ମଣ୍ଡପରେ ବୈଠକ ଅନୁଷ୍ଠିତ ହୋଇ ନୂତନ କମିଟି ଗଠନ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସୁଶାନ୍ତ ପଧାନ, ଉପ ସଭାପତି ଝଗଡୁ ପଧାନ, ସମ୍ପାଦକ ଭାବେ ସଞ୍ଜୀବ ମେହେର, ସହ ସମ୍ପାଦକ ରାଧେଶ୍ୟାମ ମେହେର, କୋଷାଧ୍ୟକ୍ଷ ଭାବେ ଶେଷଦେବ ମେହେରଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ସନ୍ତୋଷ ପାଣ୍ଡେ, ମୁକେଶ ସାହୁ, ମକରଧ୍ୱଜ ମେହେର, ଦୁର୍ଜନ ମହାନନ୍ଦ, ଦୀନବନ୍ଧୁ ମେହେର, ସାନ ରାଉତିଆ, ସାଧୁ ସୁରୟାଲ, ବୃନ୍ଦାବନ ବେହେରା, ଲକ୍ଷଣ ମହାନନ୍ଦ, ସୁଶୀଲ ମେହେର, ସନ୍ତୋଷ କୁଦେଇଙ୍କୁ ମନୋନୀତ କରାଯାଇଛି। ଶେଷରେ ମକରଧ୍ୱଜ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

● ଆବଶ୍ୟକ ଥିଲା ୧୧ ହଜାର ୫ଶହ ମେଟ୍ରିକ ଟନ୍ ସାର

## ଦିଆଯାଇଛି ୧୨ହଜାର ୨୪୫ ମେଟ୍ରିକ ଟନ୍

ନୂଆପଡା,୧୬।୯ (ସମିସ):ଜିଲ୍ଲାରେ ସାରର କଳାବଜାର ଏବଂ ଅଭାବକୁ ନେଇ ବିଭିନ୍ନ ସମୟରେ ଦାବି ଅଭିଯୋଗ ଆସୁଛି ହେଲେ ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ତରଫରୁ ଚାଷୀଙ୍କୁ କିପରି ସହଜ ଏବଂ ସରଳ ଭାବରେ ୟୁରିଆ ସାର ମିଳିପାରିବ ସେଥିପ୍ରତି ଧ୍ୟାନ ଦିଆଯାଇଛି ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି। ଜିଲ୍ଲା ପାଇଁ ୧୧ହଜାର ୫୦୦ମାଟ୍ରିକ ଟନ୍ ୟୁରିଆ ସାରର ଆବଶ୍ୟକ୍ତା ଥିବା ବେଳେ ଅଦ୍ୟାବଧି ୧୨ହଜାର ୨୪୫ମେଟ୍ରିକ ଟନ୍ ସାର ଯୋଗାଣ ହୋଇଛି। ଜିଲ୍ଲାରେ ୩୩୪ ଜଣ ଡିଲରଙ୍କ ଲାଇସେନ୍ସ ରହିଥିବା ବେଳେ ୨୬ଟି ପ୍ୟାକ୍ସ ରହିଛି। ଏଥିରୁ ୨୪୮ ଜଣ ଡିଲର ସକ୍ରିୟ ରହିଛନ୍ତି। ପୂର୍ବ ବର୍ଷମାନଙ୍କରେ ପ୍ୟାକ୍ସକୁ କମ ମାତ୍ରାରେ ସାର ଦିଆଯାଉଥିବାରୁ ଏଥିପ୍ରତି ଧ୍ୟାନ ଦିଆଯାଇ ୩୫ପ୍ରତିଶତ ପ୍ୟାକ୍ସକୁ ଏବଂ ୬୫ପ୍ରତିଶତ ଡିଲରମାନଙ୍କୁ ଦିଆଯାଇଛି। ୭ଟି ଲାଇସେନ୍ସକୁ ରଦ୍ଦ କରାଯାଇଛି। ୫୭ଜଣ ଡିଲରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି କହିଛନ୍ତି। ତଥାପି ଆଗାମୀ ଦିନରେ ଚାଷୀଙ୍କ ଚାହିଦାକୁ ନଜରରେ ରଖି ପୁଣି ୩ହଜାର ମେଟ୍ରିକ ଟନ ସାର ପାଇଁ ଡିମାଣ୍ଡ ପଠାଯାଇଛି। ଏଥିରୁ ଦୁଇ ଦିନ ମଧ୍ୟରେ ୧୨୫୭ମେଟ୍ରିକ ଟନ ସାର ଆସିବ। ଚାଷୀଙ୍କୁ କିପରି ଆବଶ୍ୟକ ମୁତାବକ ସାର ମିଳିବ ସେଥିପାଇଁ ଗ୍ରାମସେବକ ଏବଂ ସଂପାଦକଙ୍କ ଦ୍ୱାରା ସାର ବଣ୍ଟନ ଚାଲିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

**୫୭ଡିଲରଙ୍କୁ କାରଣଦର୍ଶାଅ ,୭ଟି ଲାଇସେନ୍ସ ରଦ୍ଦ**

## ଗାଇସିଲେଟ ଥାନା ନୂତନ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

ଗାଇସିଲେଟ,୧୬।୯ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ଥାନାରେ ନୂତନ ଥାନାଧିକାରୀ ଭାବେ ମାରିନସ ମିଞ୍ଜ ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗାଇସିଲେଟ ୟୁଥ୍ କ୍ଲବ୍ ସଭାପତି ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ୟୁଥ୍ କ୍ଲବ୍, ଗ୍ରାମ୍ୟ ଉନ୍ନୟନ କମିଟି, ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସରପଞ୍ଚ ଶରତ ଚନ୍ଦ୍ର କାଲୋ, ଜନକ କଲେତ, ଖିରେଶ୍ୱର ସେଠ, ରବୀନ୍ଦ୍ର ପଣ୍ଡା, ଗଣେଶ ପଣ୍ଡା, ସୋନୁ ପଣ୍ଡା, ବିକ୍ରମ ପୁରୋହିତ, ସୁରେଶ ପାଣିଗ୍ରାହୀ, ମନୋହର ପାଣିଗ୍ରାହୀ, ପୁରୁଷୋତ୍ତମ ସାହୁ, ଦୈତାରି ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମ୍ୟ ଉନ୍ନୟନ କମିଟି ସଭ୍ୟ ସମୀର ସାହୁ, ସମାଜସେବୀ ମନୋଜ ଦାଶ ଯୁବ ସାମ୍ବାଦିକ ଭାଗିରଥି ଭୋଇ ମଧ ନୂତନ ଥାନାଧିକାରୀଙ୍କୁ ଗାଇସିଲେଟ କାର୍ଯ୍ୟାଳୟରେ ଭେଟି ସ୍ୱାଗତ କରିଥିଲେ। ଏହି କ୍ରମରେ ଅଞ୍ଚଳର ଆଇନ ଶୃଙ୍ଖଳା ଉପରେ ଆଲୋଚନା କରାଯାଇଥିଲା। ଗାଇସିଲେଟ ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ରକ୍ଷା, ବେଆଇନ କାରବାର, ମଦ୍ୟପଙ୍କୁ ନିୟନ୍ତ୍ରଣ, ଚୋରା ଚାଲାଣ ଆଦି ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ନୂତନ ଥାନା ଅଧିକାରୀ ମତବ୍ୟକ୍ତ କରିଥିଲେ।

## ସୁପ୍ରିୟା ସ୍ମାରକୀ ଆନ୍ତଃ କ୍ଲବ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ




**ପ୍ରଥମ ଦିନର ମ୍ୟାଚ୍ ପ୍ରବଳ ବର୍ଷା ଯୋଗୁଁ ସ୍ଥଗିତ**

ବରଗଡ଼,୧୬।୯ (ସମିସ): ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱରେ ଓ ବରିଷ୍ଠ କ୍ରୀଡା ଶିକ୍ଷକ ତଥା ପ୍ରତିଯୋଗିତାର ମ୍ୟାଚ୍ କମିସନର ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ସାଧାରଣ ସମ୍ପାଦକ ଅରୁଣ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଅନ୍ୟତମ ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର, ସାଧାରଣ ସମ୍ପାଦକ କିଶୋର ମିଶ୍ର, ଯୁଗ୍ମ ସମ୍ପାଦକ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଅଭୟ ପଟ୍ଟନାୟକ, ଫୁଟବଲ ସମ୍ପାଦକ ସେକ ସବଦର, କ୍ରୀଡା ସମ୍ପାଦକ ହରଦୀପ ସିଂ, କୋଷାଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର, କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ, ଆଉଟ୍‌ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, ପ୍ରାକ୍ତନ ଖେଳାଳି ପ୍ରେମନାଥ ଗିରି, ପ୍ରଦୀପ ନନ୍ଦ, ଅତିଶ୍ ପଣ୍ଡା, ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଉଦ୍‌ଘାଟନୀ ଦିବସର ଏକମାତ୍ର ମ୍ୟାଚ୍‌ଟି ସ୍ୱାଧୀନ କ୍ଲବ୍ ଡୁମ୍ବେର ପାଲି ଓ ଏସସି କୁଶନପୁରୀ ମଧ୍ୟରେ ହେବାର ଥିଲା। କିନ୍ତୁ ପ୍ରବଳ ବର୍ଷା ଯୋଗୁଁ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଛି। ମ୍ୟାଚ୍‌ଟି ଆସନ୍ତା ୧୯ ତାରିଖରେ ସକାଳେ ଖେଳା ଯିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ କାର୍ଯ୍ୟକ୍ରମ ସଂଯୋଜନାରେ ରମାକାନ୍ତ (ବାବଲୁ) ଦାଶ ଓ ବିକାଶ ବିଶ୍ୱାଳ ସହଯୋଗ କରିଥିଲେ। ଆସନ୍ତା କାଲି ପ୍ରଥମ ମ୍ୟାଚ୍ ସୁପ୍ରିମ ଆଥେଲେଟିକ ଆସୋସିଏସନ, ଚିଚିଣ୍ଡା ଓ ପଞ୍ଚାୟତ କଲେଜ, ବରଗଡ଼ ଏବଂ ଦ୍ୱିତୀୟ ମ୍ୟାଚ୍ ଏୟାସି, ଡୁଙ୍ଗୁରି ଓ ୟୁଥ ଆଥେଲେଟିକ ଆସୋସିଏସନ, ବରଡୋଲ ମଧ୍ୟରେ ଅନୁଷ୍ଠିତ ହେବ।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ପାଇକମାଲ,୧୬।୯ (ସମିସ): ପାଇକମାଲ ଥାନା ପରିସରରେ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସଭାପତିତ୍ୱରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗକୁ ଆସୁଥିବା ଶାରଦୀୟ ଦୁର୍ଗାପୂଜା ପାଇଁ କିପରି ଶାନ୍ତି ଶୃଙ୍ଖଳାରେ ପୂଜା ସମ୍ପାଦନ କରାଯିବା ଏନେଇ ଆଲୋଚନା ହୋଇଥିଲା। ବୈଠକରେ ପାଇକମାଳ, ମାଣ୍ଡୋସିଲ ଓ ଜର୍ଜଗଡରେ ହେଉଥିବା ଚାଟି ପୂଜା ମଣ୍ଡପର ପୂଜା କମିଟି ତଥା ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଏସଆଇ ବିରେନ୍ଦ୍ର ବାଗ ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ପାଠପଢ଼ାର ଅନୁଭୂତି ତିକ୍ତ ହୋଇପାରେ, କିନ୍ତୁ ଏହାର ଫଳ ମଧୁର।
-ଆରିଷ୍ଟୋଟଲ୍

ସକାଳ THE SAKALA

## ମାଧୁରୀର ଲୁହ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗତ ସୋମବାରେ ଏକ ରାୟ ଆସିଛି, ଯାହା ଅନେକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ, ଅଥଚ ଭାବାବେଗ ସମ୍ପର୍କିତ ଏକାଧିକ ପ୍ରଶ୍ନ ଉତ୍ଥାପନକାରୀ। ମାନବ ସ୍ୱାର୍ଥ-ପରିବେଶ-ପଶୁ ଅଧିକାର ସମ୍ବନ୍ଧିତ ଏହି ରାୟଟି ମଧ୍ୟ ଖବରର ଗହଳି ଭିତରେ ଲୁଚି ଯାଇଥା'ନ୍ତା କିମ୍ବା ସେତେ ଗୁରୁତ୍ୱ ପାଇ ନ ଥା'ନ୍ତା, ଯଦି ତାହା ତା'ପରଦିନ(ମଙ୍ଗଳବାର) ହିଁ ମୁଖ୍ୟସ୍ରୋତ ମୁଦ୍ରିତ ଖବରକାଗଜର ପ୍ରଥମ ପୃଷ୍ଠାର ଅର୍ଦ୍ଧାଧିକ ମଣ୍ଡନ କରି ନ ଥା'ନ୍ତା। ବସ୍ତୁତଃ ବିଜ୍ଞାପନଧର୍ମୀ ଏହି ଦେୟଯୁକ୍ତ ଖବରଟି ପ୍ରକାଶ ପାଇବା ପରେ ହିଁ ଅଧିକାଂଶ ପାଠକ ପ୍ରସଙ୍ଗର ଗୁରୁତ୍ୱ ବିଷୟରେ ଜାଣିବାକୁ ପାଇଛନ୍ତି। ପ୍ରସଙ୍ଗଟି ସାଧାରଣ ଲାଗୁଥିଲେ ମଧ୍ୟ କୋଟିକୋଟି ଟଙ୍କା ବ୍ୟୟରେ ଖବର-ବିଜ୍ଞାପନ ଆକାରରେ ରାୟଟିର ବିସ୍ତୃତ ବିବରଣୀ ପ୍ରକାଶିତ ହେବା ପଛରେ ଯେ ଏହାର ଅସାଧାରଣତା ଲୁଚି ରହିଛି, ତାହା ଅନସ୍ୱୀକାର୍ଯ୍ୟ।

ଗତ ଜୁଲାଇ ମାସରେ ସାମାଜିକ ଗଣମାଧ୍ୟମରେ ଏକ ରିଲ୍‌ସ(ସୂଚନା) ପ୍ରସାରିତ ହୋଇଥିଲା, ଯେଉଁଥିରେ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲା ଅଧୀନସ୍ଥ ଶିରୋଲ୍ ତାଲୁକାର ନନ୍ଦିନୀ ଗ୍ରାମରେ ଥିବା ଏକ ଜୈନ ମଠରେ ବହୁବର୍ଷ ଧରି ରହିଆସୁଥିବା ମହାଦେବୀ (ଡାକନାମ ମାଧୁରୀ) ନାମ୍ନୀ ହାତୀକୁ ବଳପୂର୍ବକ ଜନୈକ ବିଶିଷ୍ଟ ଶିଳ୍ପପତିଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାଣୀ ଉଦ୍ଧାର କେନ୍ଦ୍ର(ଅଭୟାରଣ୍ୟ)କୁ ନିଆଯାଉଥିବାର ଦୃଶ୍ୟ ସହିତ ଆଶ୍ରମବାସୀଙ୍କ ବିବଶତା, ଅନ୍ତେବାସୀଙ୍କ ମାଧୁରୀ ପ୍ରତି ସମବେଦନା ଜନିତ ଲୁହ ଓ କୋହର ଦୃଶ୍ୟ ଭରି ରହିଥିଲା। ସବୁଠାରୁ ହୃଦୟବିଦାରକ ଥିଲା ମାଧୁରୀର ଆଖିରୁ ଅନବରତ ଝରୁଥିବା ଲୁହ। ଘଟଣା ପଛର ପୃଷ୍ଠଭୂମି ଥିଲା ଏହିପରି - ମାଧୁରୀର ଚିକିତ୍ସା ଓ ଯତ୍ନ ଜରୁରୀ ଦର୍ଶାଇ ଏକ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ପଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବମ୍ବେ ଉଚ୍ଚ ନ୍ୟାୟାଳୟ ମାଧୁରୀକୁ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କାଏମ୍ ରଖିଥିଲେ।

ମାଧୁରୀ ଅଞ୍ଚଳବାସୀଙ୍କ ଏତେ ପ୍ରିୟ ଥିଲା ଯେ ସମ୍ପୃକ୍ତ ଶିଳ୍ପପତିଙ୍କ ସମସ୍ତ ବ୍ୟବସାୟିକ ସଂସ୍ଥା ସହିତ ଆଖପାଖ ତିନି ଗ୍ରାମବାସୀ ଅସହଯୋଗ କରିବା ସହିତ ୩୦ ହଜାର ଲୋକ ୪୫ କିମି ବ୍ୟାପୀ ମାନବ ଶୃଙ୍ଖଳ ଓ ନିରବ ପଦଯାତ୍ରା କରିଥିଲେ। ମାତ୍ର ଚାରିଦିନ ମଧ୍ୟରେ ଦେଢ଼ ଲକ୍ଷ ମୋବାଇଲ୍ ଫୋନ୍ ଗ୍ରାହକ ସମ୍ପୃକ୍ତ ସଂସ୍ଥାର ସେବାରୁ ଓହରି ଆସିଥିଲେ। ଏହାପରେ ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ଅବୈଧ ଦର୍ଶାଇ ତା'ର କାର୍ଯ୍ୟକଳାପ ଉପରେ କଟକଣା ଜାରି କରିବାକୁ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଏପରିକି ପଶୁ ଅଧିକାର ପାଇଁ ଲଢ଼ୁଥିବା ସମ୍ପୃକ୍ତ ଆମେରିକୀୟ ବେସରକାରୀ ସଂସ୍ଥା ବିପୁଳ ଅର୍ଥଲୋଭରେ ମାଧୁରୀକୁ ସ୍ଥାନାନ୍ତର କରିବା ପାଇଁ ମସୁଧା କରିଥିବା ଅଭିଯୋଗ ଆସିଥିଲା ଏବଂ ସଂସ୍ଥାର ଭାରତୀୟ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ମଧ୍ୟ ଜନମତ ସୃଷ୍ଟି ହୋଇଥିଲା। ମାଧୁରୀକୁ ପୁଣି ଆଶ୍ରମକୁ ଫେରାଇ ଆଣିବା ଲାଗି୨ ଲକ୍ଷ ଦସ୍ତଖତ ସଂଗ୍ରହ କରାଯାଇଥିଲା।

ଘଟଣା ସମ୍ପର୍କରେ ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) ଗଠନ କରିଥିଲେ। ଏସ୍‌ଆଇଟିର ରିପୋର୍ଟ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ଅଭୟାରଣ୍ୟର ପ୍ରତିଷ୍ଠା, କାର୍ଯ୍ୟକଳାପ ଓ ଲକ୍ଷ୍ୟକୁ ତ୍ରୁଟିଶୂନ୍ୟ ଓ ସର୍ବଆଇନ ସମ୍ମତ ଦର୍ଶାଇଛନ୍ତି। ତେଣୁ ସ୍ୱାଭାବିକ ଭାବେ ସମ୍ପୃକ୍ତ ଶିଳ୍ପପତି ନିଜ ଉପରେ ଆସିଥିବା ଅଭିଯୋଗର ବହୁ ପ୍ରଶ୍ନବାଣରୁ ମୁକ୍ତ ହେବାର ଆନନ୍ଦ ଗଣମାଧ୍ୟମ ଜରିଆରେ ପ୍ରକାଶ କରିଛନ୍ତି।

ସମ୍ପୃକ୍ତ ପଶୁ ଅଧିକାର ସଂଗଠନର ଅଭିଯୋଗ ଅନୁଯାୟୀ ମାଧୁରୀକୁ ଅତି ଅମାନବୀୟ ଭାବେ ୨୦୧୨ରୁ ୨୦୨୩ ମଧ୍ୟରେ ମହାରାଷ୍ଟ୍ରରୁ ତେଲେଙ୍ଗାନାକୁ ବିନା ବିଭାଗୀୟ ଅନୁମତିରେ ୧୩ ଥର ବ୍ୟବସାୟିକ ଉଦ୍ଦେଶ୍ୟରେ ଚଲାଇ ଚଲାଇ ନିଆଯାଇଛି। ୨୦୧୭ରେ ମାଧୁରୀ ଗୁରୁତର ହେବା ପରେ ତା'ର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ୨୦୨୩ ଜାନୁଆରୀ ମାସରେ ତେଲେଙ୍ଗାନାର ଜଙ୍ଗଲ ବିଭାଗ ବନ୍ୟଜନ୍ତୁ(ସୁରକ୍ଷା) ଆଇନ୍ ୧୯୭୨ ଅନୁଯାୟୀ ସମ୍ପୃକ୍ତ ଜୈନ ମଠ ବିରୋଧରେ ଏକ ଅଭିଯୋଗ ଦାଖଲ କରିଥିଲା। ସମ୍ପୃକ୍ତ ବେସରକାରୀ ସଂସ୍ଥା ମାଧୁରୀର ଗୁରୁତର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ୨୦୨୩ ଅକ୍ଟୋବର ମାସରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଆଗରେ ଅଭିଯୋଗ ପରେ ୨୦୨୩ ଅଗଷ୍ଟରେ ଏକ ଡାକ୍ତରୀ ଦଳ ପରୀକ୍ଷା କରି ମାଧୁରୀର ପାଦ ଓ ଗୋଡ଼ରେ ଘା' ହୋଇଥିବା ଏବଂ ସେ ମାନସିକ ଅବସାଦ ଭିତରେ ଥିବା ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଆଧାରରେ ମାଧୁରୀର ଚିକିତ୍ସା ପାଇଁ କର୍ତ୍ତୃପକ୍ଷ ଆଶ୍ରମକୁ ତିନିମାସ ସମୟ ଦେଇଥିଲେ। ନଭେମ୍ବର ୨୦୨୪ରେ ପୁନଃ ଯାଞ୍ଚ ବେଳେ ଜଣାପଡ଼ିଲା ଯେ ଆଶ୍ରମ ପକ୍ଷରୁ ମାଧୁରୀର ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଅବହେଳା ପ୍ରଦର୍ଶନ କରାଯାଇଛି। ସେହି ସମୟ ମଧ୍ୟରେ ମାଧୁରୀକୁ ଦୁଇଦୁଇ ଥର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ପୁଣି ମୂଳ ଆଶ୍ରମକୁ ଫେରାଇ ଅଣାଯାଇଥିଲା। ଶେଷରେ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀର ସ୍ଥାନାନ୍ତର ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ।

ଯଦି ଡାକ୍ତରୀ ଦଳ ଓ ଏସ୍‌ଆଇଟି ରିପୋର୍ଟ ଆଧାରରେ ସମ୍ପୂର୍ଣ୍ଣ ଘଟଣାକୁ ତର୍ଜମା କରାଯାଏ ତେବେ ସାମାଜିକ ଗଣମାଧ୍ୟମରେ ମାଧୁରୀ ପ୍ରତି ସମ୍ବେଦନଶୀଳତା ଆଳରେ ସମ୍ପୃକ୍ତ ଶିଳ୍ପପତିଙ୍କ ବିରୋଧରେ କେବଳ ଏକ ଉଚ୍ଚାଟ ସୃଷ୍ଟି କରାଯାଇଥିଲା ବୋଲି କୁହାଯାଇପାରେ। ଅପରପକ୍ଷରେ ଯଦି ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ବିଶ୍ୱାସକୁ ନିଆଯାଏ ତେବେ ଆମ ବ୍ୟବସ୍ଥାରେ ଅର୍ଥ ଓ ପ୍ରତିପତ୍ତିର ପ୍ରଭାବକୁ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ, ପ୍ରତିପତ୍ତି ଓ ଛଦ୍ମ ଭାବାବେଗର ପ୍ରଚାରପ୍ରସାରର ଏହି ଲୁଚକାଳି ଖେଳରେ ବିଚରା ମାଧୁରୀ କିନ୍ତୁ ମୋହରା ହୋଇସାରିଛି। ତା' ଆଖିରୁ ଝରୁଥିବା ଲୁହ ଆଶ୍ରମରୁ ବିଦାୟ ଜନିତ ଭାବପ୍ରବଣତା କିମ୍ବା ଶ୍ରମକ୍ଳାନ୍ତ ଜନିତ ଦୁଃଖ ଲାଘବର ଆନନ୍ଦାଶ୍ରୁ ତାହା ବୁଝିବାର ଶକ୍ତି ମଣିଷର ନାହିଁ। ଅର୍ଥ ଓ ପ୍ରତିପତ୍ତି ଆଗରେ ଭାବପ୍ରବଣତା ବିବଶ ହୋଇଛି ନା ଭକ୍ତି, ପରମ୍ପରାର ରୁଢ଼ିବାଦରେ ପଶୁମନର ଭାବ ବୁଝିବାରେ ଅବହେଳା ହୋଇଛି ତା'ର ଉତ୍ତର ଖୋଜି ପାଇବା ଆମ ବ୍ୟବସ୍ଥାରେ ନାହିଁ। ବାସ୍ତବତା ଓ ଛଳନାକୁ ବୁଝିପାରୁଥିବା ମାଧୁରୀ ହିଁ କହିପାରନ୍ତା ତା' କୋହ ଓ ଲୁହ ପଛର କାରଣ ଓ କାହାଣୀ।

## 'ଜେନ୍ ଜେଡ୍'ଙ୍କ ଈପ୍‌ସିତ ବିଶ୍ୱ

ଡ.ବିମଳ ଷଡ଼ଙ୍ଗୀ

୨୦୨୫ମସିହା ସେପ୍ଟେମ୍ବର ମାସର ପ୍ରାରମ୍ଭରେ ନେପାଳରେ ଶାସକ ବିରୋଧୀ ହିଂସାତ୍ମକ ଆନ୍ଦୋଳନରେ 'ଜେନ୍ ଜେଡ୍'ଙ୍କ ଭୂମିକା ସାରା ବିଶ୍ୱରେ ଚର୍ଚ୍ଚାକୁ ଆସିଛି। ତେବେ ଏ 'ଜେନ୍ ଜେଡ୍' କିଏ ଓ ସେମାନେ କାହିଁକି ଏପରି ପଦକ୍ଷେପ ନେଲେ ତାହା ଆଲୋଚନାସାପେକ୍ଷ। ବିଶ୍ୱରେ ୧୯୯୭-୨୦୧୨ମସିହା ମଧ୍ୟରେ ଜନ୍ମିତ ଯୁବବର୍ଗଙ୍କୁ 'ଜେନ୍ ଜେଡ୍' ବା 'ଜେଡ୍ ଜେନେରେସନ' କୁହାଯାଉଛି। ସେହି ସମୟରେ ଜନ୍ମିତ ପିଲାମାନେ ବହୁତ ସଂବେଦନଶୀଳ ଓ ଇଣ୍ଟରନେଟ ବ୍ୟବହାରରେ କୁଶଳୀ। ସେମାନେ ଏପରି ଏକଯୁଗରେ ଜନ୍ମିତ, ଯାହା ସେମାନଙ୍କୁ ପ୍ରତିକ୍ଷଣରେ ଇଣ୍ଟରନେଟ, କୃତ୍ରିମ ବୁଦ୍ଧିମତ୍ତା ଆଦି ବିକଶିତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସଶକ୍ତ କରିଥାଏ। ସେମାନେ ମୁଖ୍ୟତଃ ସାମାଜିକ ଗଣମାଧ୍ୟମ ଦ୍ୱାରା ଜଳବାୟୁ ପରିବର୍ତ୍ତନ, ଦୁର୍ନୀତି, ବେକାରୀ, ବେରୋଜଗାରୀ, ସମାଜର ଅସମାନତା ଏବଂ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକୁ ଅତି କମସମୟରେ ଖୁବ ନିକଟରୁ ଅନୁଭବ କରନ୍ତି। ସେଥିପାଇଁ ସେମାନେ ଏକ ସ୍ୱଚ୍ଛ, ନିରପେକ୍ଷ ଓ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ଦୃଢ଼ ଆଶା ରଖିଥିବା ଏକ ପିଢ଼ି ଭାବରେ ପରିଚିତ।

୧୯୯୦ଦଶକ ପୂର୍ବରୁ ଯେତେବେଳେ ସାମାଜିକ ଗଣମାଧ୍ୟମ ବୋଲି କିଛି ନ ଥିଲା, ସେତେବେଳେ କୌଣସି ଘଟଣା ବା ଦୁର୍ଘଟଣାକୁ ଆମେମାନେ ବହୁତ ପରେ ଜାଣିବାକୁ ପାଉଥିଲେ। ମାତ୍ର 'ଜେନ୍ ଜେଡ୍' ବର୍ଗର ପିଲାମାନେ ଖୁବକମ୍ ସମୟ ମଧ୍ୟରେ ସାରା ବିଶ୍ୱ କିପରି ପରିଚାଳିତ ହେଉଛି ତାହା ଜାଣିବାକୁ ସକ୍ଷମ ହେଉଛନ୍ତି। ଯାହାଫଳରେ ଅତିଶୀଘ୍ର ପ୍ରତ୍ୟେକ କାର୍ଯ୍ୟକୁ ତୁଳନା କରିବାକୁ ସେମାନେ ପଛାଉନାହାନ୍ତି। କେଉଁମାନେ ଅନ୍ୟାୟ କରି ଟଙ୍କା ଠୁଳ କରୁଛନ୍ତି, କେଉଁମାନେ ଶିକ୍ଷା ବ୍ୟବସାୟ ନାମରେ ସାରା ଦେଶକୁ ଲୁଟି ଦେଶର ଭବିଷ୍ୟତଙ୍କୁ ବିନା ଶିକ୍ଷାରେ ଖାଲି ସାର୍ଟିଫିକେଟ ବିକୁଛନ୍ତି, କେଉଁମାନେ ସ୍ୱାସ୍ଥ୍ୟ ବ୍ୟବସାୟରେ ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରୁଛନ୍ତି, କେଉଁମାନେ ଜାଲିଆତି କରି କିଣା ପିଏଚଡି ଡିଗ୍ରୀ ସହିତ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ହୋଇଛନ୍ତି, ଜାଲ ସାର୍ଟିଫିକେଟ ଧାରଣ କରି ଶିକ୍ଷକତା କରୁଛନ୍ତି, କେଉଁମାନେ ଜନତାଙ୍କ ଟଙ୍କାରେ ବିଦେଶ ବୁଲି, ନିଜ ପିଲାଙ୍କୁ ବିଦେଶରେ ପାଠ ପଢ଼ାଇ ଭଲ ଚାକିରି ହାତେଇବାକୁ ସକ୍ଷମ ହେଉଛନ୍ତି, କେଉଁମାନେ ଭ୍ରଷ୍ଟାଚାର ଲିପ୍ତ ହୋଇ ନିଜ ପରିବାରକୁ ଭଲରେ ରଖୁଛନ୍ତି, ଅଥଚ ସାଧାରଣ ବ୍ୟକ୍ତି ଅନାହାରରେ ମରୁଛନ୍ତି, କେଉଁମାନେ ଦେଶର ଖଣି ଖାଦାନ ଲୁଟ କରୁଛନ୍ତି ଆଦି ସମ୍ବାଦ ତୀବ୍ର ଅସନ୍ତୁଷ୍ଟ ଓ ବିବ୍ରତ କରୁଛି ଏବଂ ବେଳେ ବେଳେ ତାହା ବିସ୍ଫୋରକର ରୂପ ନେଉଛି। ନେପାଳରେ ଏବେ ତାହା ହିଁ ଘଟିଛି।

ପୂର୍ବ ପିଢ଼ି ଅପେକ୍ଷା 'ଜେନ୍ ଜେଡ୍' ଅଧିକ ଶିକ୍ଷିତ ଓ ସଚେତନ। ବିଶ୍ୱ ଜଳବାୟୁ ଆନ୍ଦୋଳନରେ ଗ୍ରେଟା ଥନବର୍ଗଙ୍କ ପରି ଅଭିଯାନ ସେମାନଙ୍କୁ ଏକ ସ୍ୱଚ୍ଛ ବିଶ୍ୱସୃଷ୍ଟି ପାଇଁ ଦୃଢ଼ ଭାବରେ ପ୍ରଭାବିତ କରିଛି। ସେମାନେ କେବଳ ଅଭିଯୋଗ କରନ୍ତି ନାହିଁ ସଚେତନତା ବୃଦ୍ଧି କରିବା, ଅଭିଯାନ ଆୟୋଜନ କରିବା ଏବଂ ପରିବର୍ତ୍ତନ ପାଇଁ ଚାପ ପକାଇବା ପାଇଁ ସାମାଜିକ ଗଣମାଧ୍ୟମ ଓ ନବସୃଜନର ବ୍ୟବହାର କରନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ପ୍ରଯୁକ୍ତିବିଦ୍ୟା ସହିତ ଏକ ସ୍ୱଚ୍ଛ ଓ ଅଧିକ ନୈତିକ ସମାଜର ଗଠନ ସମ୍ଭବ। ସେଥିପାଇଁ ଯେତେବେଳେ ନେପାଳରେ ସାମାଜିକ ଗଣମାଧ୍ୟମକୁ ବନ୍ଦ କରାଯାଇଥିଲା ସେତେବେଳେ ସେମାନେ ଭାବିଥିଲେ ଯେ ସେମାନଙ୍କ ସ୍ୱରକୁ ଚାପିବାର ଉଦ୍ୟମ ହୋଇଛି।

ଅରପପକ୍ଷରେ ଯେତେବେଳେ ସେମାନେ ଅନୁଭବ କରିବେ ଯେ ଆଜିର ମାତ୍ରାଧିକ ସାମାଜିକ ଗଣମାଧ୍ୟମ ସେମାନଙ୍କ ଜୀବନପ୍ରତି ବିପଦ, ସେତେବେଳେ ନୂଆ ରୂପରେ ବିଦ୍ରୋହ ଆସିପାରେ। ଯେପରି ନେପାଳ ସରକାର ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ସାମାଜିକ ଗଣମାଧ୍ୟମ ପ୍ରତିବନ୍ଧକକୁ ଉଠାଇ ଦେଇଥିଲେ ଏବଂ ଭାବିଥିଲେ 'ଜେନ୍ ଜେଡ୍' ଗୋଷ୍ଠୀ ଶାନ୍ତ ହୋଇଯିବେ। ମାତ୍ର ତାହା ହୋଇନଥିଲା। କାରଣ ଅଧିକାଂଶ ନେପାଳୀ ଯୁବକ ଓ ଯୁବତୀ ଯେତେବେଳେ କୌଣସି ରୋଜଗାର ମାଧ୍ୟମ ପାଇବାକୁ ଏବଂ ବଞ୍ଚିବାକୁ ସଂଘର୍ଷ କରିବା ସହିତ ଘୋର ଆର୍ଥିକ ସଙ୍କଟରେ କାଳାତିପାତ କରୁଥିଲେ, ସେତେବେଳେ ଧନୀ ଓ ଆର୍ଥିକ ସମ୍ବଳ ଥିବା ପିତାମାତାଙ୍କ, ବିଶେଷକରି ଚଳଚ୍ଚିତ୍ର, ସଙ୍ଗୀତ, ରାଜନୀତି କିମ୍ବା ବ୍ୟବସାୟ ଭଳି ଶିଳ୍ପର ମାଲିକମାନଙ୍କ ସନ୍ତାନସନ୍ତତିମାନେ ଖୁବ ଆୟସରେ ଜୀବନ ବିତାଉଥିଲେ। ଏ ସବୁ ମଧ୍ୟ 'ଜେନ୍ ଜେଡ୍' ବର୍ଗ ସାମାଜିକ ଗଣମାଧ୍ୟମ ଜରିଆରେ ଜାଣିପାରୁଥିଲେ। ତେଣୁ ସାମାଜିକ ଗଣମାଧ୍ୟମ ନିଷେଧକୁ 'ଜେନ୍ ଜେଡ୍' ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଦୁର୍ନୀତି ଓ ଅସମାନତାକୁ ପ୍ରକାଶ କରିବାର କ୍ଷମତା ଉପରେ ଆକ୍ରମଣ ଭାବରେ ଦେଖିଥିଲେ। ଯାହାଫଳରେ ସେମାନଙ୍କ ମନରେ କ୍ରୋଧ ଜାତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ତାହା ଗଣଆନ୍ଦୋଳନରେ ପରିଣତ ହୋଇଥିଲା।

ବାଂଲାଦେଶ, ଶ୍ରୀଲଙ୍କା ପରେ ନେପାଳର ଘଟଣା ବର୍ତ୍ତମାନ ସମୟର ଭ୍ରଷ୍ଟାଚାର, ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ, ପରିବେଶ ସମସ୍ୟା, ବେରୋଜଗାରୀ, ବେକାରୀ, ପୋଷଣ ବିହୀନ ଖାଦ୍ୟର ଅଭାବ ଆଦି ସାମାଜିକ ବ୍ୟବାସ୍ଥା ବିରୁଦ୍ଧରେ 'ଜେନ୍ ଜେଡ୍' ଯୁବପିଢ଼ିଙ୍କ ଏକ ଯୁଦ୍ଧ କହିଲେ ଭୁଲ ହେବନାହିଁ। ଯଦି କେହି ଦୁର୍ନୀତିକୁ ସମାଧାନ କରିବା ପରିବର୍ତ୍ତେ କ୍ରୋଧକୁ ଚୁପ୍ କରିବାକୁ ଚେଷ୍ଟା କରନ୍ତି ତା'ହେଲେ ନେପାଳ ଅବସ୍ଥା ଅନ୍ୟରାଷ୍ଟ୍ରରେ ହୋଇପାରେ ବୋଲି ସେମାନେ ସାରା ବିଶ୍ୱକୁ ଏକ ବାର୍ତ୍ତା ମାଧ୍ୟମରେ ଚେତାଇ ଦେଇଛନ୍ତି। ବୃଦ୍ଧି ପାଉଥିବା ପ୍ରଦୂଷଣ ସ୍ତର, ପ୍ଲାଷ୍ଟିକର ଅଧିକ ବ୍ୟବହାର, ବେକାରୀ, ପୋଷଣଯୁକ୍ତ ଖାଦ୍ୟର ଅଭାବ, ଦରଦାମ ବୃଦ୍ଧି, ଶିକ୍ଷାର ଘରୋଇକରଣ, ବ୍ୟୟବହୁଳ ସ୍ୱାସ୍ଥ୍ୟସେବା, ଦୁର୍ନୀତି, ଖଣି ଖଦାନ ମାଧ୍ୟମରେ ଦେଶର ଅର୍ଥ ଲୁଟ ଏବଂ ପରିବେଶଗତ ସମସ୍ୟା ସହିତ ଅଳ୍ପସଂଖ୍ୟକ ଖଳବ୍ୟକ୍ତିଙ୍କର ପରିବାର ରାଜକୋଷ ଲୁଟ୍ କରି ଆୟସରେ ଜୀବନଯାପନ ସେମାନଙ୍କ ଭବିଷ୍ୟତକୁ ସିଧାସଳଖ ପ୍ରଭାବିତ କରିଥିଲା। ସେମାନେ କେବଳ ନିଜ ପାଇଁ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ମଧ୍ୟ ଏକ ସ୍ୱଚ୍ଛ ପରିବେଶ ଓ ସମାଜ ଚାହିଁଥିଲେ।

'ଜେନ୍ ଜେଡ୍' ସାମାଜିକ ବ୍ୟବସ୍ଥା ଏବଂ ସ୍ୱଚ୍ଛତାର ଅଭାବ ଥିବା ବ୍ୟବସ୍ଥାକୁ ପ୍ରଶ୍ନ କରିବାକୁ ବ୍ୟଗ୍ର ରହିଥା'ନ୍ତି। ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ସମାଜର ଅର୍ଥ ହେଉଛି ସାର୍ବଜନୀନ ଜୀବନରେ ସଚ୍ଚୋଟତା ଏବଂ ପ୍ରତିଷ୍ଠାନରେ ନିରପେକ୍ଷତା। ଏହି କାରଣରୁ ଦୁର୍ନୀତି ବିରୁଦ୍ଧରେ ଆନ୍ଦୋଳନ ଏବଂ ଦାୟିତ୍ୱ ପାଇଁ ଦାବି ନେପାଳରେ ଛାତ୍ରଛାତ୍ରୀ, ଯୁବକମାନେ ବୟସ୍କଙ୍କଠାରୁ ଦୃଢ଼ ସମର୍ଥନ ପାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, 'ଜେନ୍ ଜେଡ୍' ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏବଂ ସମାଧାନ-ମୁଖୀ। ଯେଉଁ ବ୍ୟକ୍ତି ମୋବାଇଲ, କମ୍ପ୍ୟୁଟର, ଇଣ୍ଟରନେଟ୍, ଡିଜିଟାଲ ଉପକରଣ ବାବଦରେ ଜ୍ଞାନୀ ଏବଂ ସେଗୁଡ଼ିକୁ ସହଜରେ ବ୍ୟବହାର କରିପାରେ, ନୂଆ-ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରିପାରେ ଏବଂ ଯେଉଁ ବ୍ୟକ୍ତି ସମସ୍ୟାରେ ବୁଡ଼ିରହିବା ଅପେକ୍ଷା ସମାଧାନ ଖୋଜିବାକୁ ଧ୍ୟାନ ଦେଇଥାଏ ସେମାନେ ହିଁ ପରିବର୍ତ୍ତନ ଆଣିପାରିବେ।

'ଜେନ୍ ଜେଡ୍' କେବଳ ଅଭିଯୋଗ କରନ୍ତି ନାହିଁ ଉପାୟ ମଧ୍ୟ ଦେଇଥା'ନ୍ତି। ଆବର୍ଜନାର ପୃଥକୀକରଣ ଅଭିଯାନ ହେଉ, ସମାଜ ସଚେତନତା କାର୍ଯ୍ୟକ୍ରମ ହେଉ କିମ୍ବା ଅନଲାଇନର ବ୍ୟବହାର ହେଉ, ସବୁକ୍ଷେତ୍ରରେ ସମସ୍ୟା ସମାଧାନରେ ସେମାନେ ପାରଙ୍ଗମ। ସେମାନେ ବିଶ୍ୱାସ କରିଥିଲେ ଯେ ପ୍ରଯୁକ୍ତିବିଦ୍ୟା ପ୍ରକୃତ ପରିବର୍ତ୍ତନ ଆଣିପାରେ, ଏକ ସୁସ୍ଥ ସମାଜ ଗଢ଼ିବାରେ ସହାୟକ ହୋଇପାରେ। କିନ୍ତୁ ବର୍ତ୍ତମାନର ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟିକ, ରାଜନୈତିକ, ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ଯେପରି ଭାବରେ ଦ୍ରୁତ ଅବକ୍ଷୟ ଘଟିଚାଲିଛି, ତାହାକୁ ସେମାନେ ଖୁବ ସମ୍ବେଦନଶୀଳ ଭାବରେ ପର୍ଯ୍ୟବେକ୍ଷଣ କରୁଛନ୍ତି। ସମୟ ପୂର୍ବରୁ ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଉତ୍ତମ ଶିକ୍ଷାବ୍ୟବସ୍ଥା, ସୁଲଭ ସ୍ୱାସ୍ଥ୍ୟ ସେବା, ପ୍ରଦୂଷଣ ମୁକ୍ତ ପରିବେଶ, ରୋଜଗାର ମାଧ୍ୟମ, ସମାଜବାଦୀ କାର୍ଯ୍ୟକ୍ରମ, ପୋଷଣ ଯୁକ୍ତ ଖାଦ୍ୟବ୍ୟବସ୍ଥା, ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଆଦି ପ୍ରଚଳିତ ନହେଲେ ଖୁବ ଶୀଘ୍ର ସାରା ବିଶ୍ୱରେ ଏକ ନୂତନ ସମୀକରଣ ସୃଷ୍ଟି ହେବ, ଯାହାକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। କାରଣ ବିଶ୍ୱର ଭବିଷ୍ୟତର ମାଲିକ 'ଜେନ୍ ଜେଡ୍' ପିଢ଼ି।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ଡିଜିଟାଲ୍ ସହାନୁଭୂତି

ଡ. ସନ୍ତୋଷ କୁମାର ବିଶ୍ୱାଳ

ଏହା କହିବା ପାଇଁ ପର୍ଯ୍ୟାପ୍ତ ଯେ ସାରାବିଶ୍ୱକୁ ଏବେ ସହାନୁଭୂତି ଓ ଆରୋଗ୍ୟର ଆବଶ୍ୟକତା ଅଛି। ବିଶ୍ୱ ଏବେ ବିଭାଜନ, ଦ୍ୱନ୍ଦ୍ୱ ଓ ସଂଘର୍ଷ ଦେଇ ଗତି କରୁଛି, ଯାହା ବୁଝାମଣା ଓ କରୁଣାର ଅଭାବରୁ ସୃଷ୍ଟି ହୋଇଛି। ୟୁକ୍ରେନରେ ରୁଷିଆ ଆକ୍ରମଣ ହେଉ କିମ୍ବା ନୂଆଦିଲ୍ଲୀର ଅନେକ ସ୍କୁଲକୁ ସମ୍ପ୍ରତି ବୋମା ଧମକ କିମ୍ବା ଦିଲ୍ଲୀରେ ବୁଲା କୁକୁରଙ୍କ ଉପରେ ଭାରତର ସୁପ୍ରିମକୋର୍ଟଙ୍କ ରାୟ। ଏସବୁ ଘଟଣା ଏହି ବର୍ଷରେ ଘଟିଛି।

ନୂଆଦିଲ୍ଲୀରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ଚତୁର୍ଥ ଥର ପାଇଁ ଅନେକ ସ୍କୁଲକୁ ବୋମା ଧମକ ଦିଆଯାଇଥିଲା, ଯାହା ଫଳରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସତର୍କତା ଏବଂ ସୁରକ୍ଷା ବୃଦ୍ଧି କରାଯାଇଥିଲା। ଯଦିଓ ବୋମା ଧମକ ଏକ ମିଥ୍ୟା ସତର୍କତା ବୋଲି ଜଣାପଡ଼ିଥିଲା, ଆଇନ ପ୍ରବର୍ତ୍ତନ ଏବଂ ଜନ ସୁରକ୍ଷା ଅଧିକାରୀମାନେ ପ୍ରତ୍ୟେକ ବୋମା ଧମକ ଉପରେ ତତ୍ପରତାର ସହିତ କାର୍ଯ୍ୟ କରିଥିଲେ। ଏହି ଧମକଗୁଡ଼ିକୁ ନେଇ ସର୍ବସ୍ତରୀୟ ନିନ୍ଦା ପ୍ରକାଶ ହୋଇଛି ଏବଂ ଏହା ଜାତୀୟ ମନୋବିକାଶର ଆକାର ନେଇ ସୋସିଆଲ ମିଡିଆରେ ସହାନୁଭୂତି ପ୍ରକାଶ କରୁଥିବା ପୋଷ୍ଟରେ ଭରି ରହିଛି।

ନେଟିଜେନ୍‌ମାନେ ସୋସିଆଲ ମିଡିଆ ମାଧ୍ୟମରେ ସେମାନଙ୍କର ଭାବନା ପ୍ରକାଶ କରୁଛନ୍ତି। ଅଧିକାଂଶ କ୍ରୋଧ ଓ ସହାନୁଭୂତି ପ୍ରକାଶ କରୁଛି, ଯାହା ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ସାମୂହିକ ପ୍ରତିକ୍ରିୟାକୁ ଆକାର ଦେଇଛି। ସଂଘର୍ଷକୁ ସାବଧାନତାର ସହିତ ପରିଚାଳନା କରିବାର ଅଭ୍ୟାସ, ଡିଜିଟାଲ୍ କ୍ଲାନ୍ତି ବିଷୟରେ ସଚେତନତା ଏବଂ ଡିଜିଟାଲ୍ ସମ୍ପ୍ରେଷଣରେ ନିଜ ପ୍ରତି ସହାନୁଭୂତି ଏହି ସବୁକିଛି ଡିଜିଟାଲ୍ ସହାନୁଭୂତିକୁ ସମର୍ଥନ କରିବାର ସର୍ବୋତ୍ତମ ମାନକ ବୋଲି ଗ୍ରହଣ କରାଯାଇଛି। ଏହା ଡିଜିଟାଲ୍ ମିଡିଆ ସାକ୍ଷରତାର ଆବଶ୍ୟକତାକୁ ସ୍ପଷ୍ଟ କରେ। ଡିଜିଟାଲ୍ ସହାନୁଭୂତି ଓ ସମ୍ମିଶ୍ରଣ ସଂସ୍କୃତି ସହିତ ଜଡ଼ିତ, ଯାହା ଲୋକମାନଙ୍କର ମାଧ୍ୟମ ସହିତ ସମ୍ପର୍କରେ ଏକ ପରିବର୍ତ୍ତନକୁ ପ୍ରକାଶ କରେ। ସମବେଦନା ଖୋଜିବା ପାଇଁ ସୋସିଆଲ ମିଡିଆର ବୃଦ୍ଧି ମଧ୍ୟରେ ଆଧୁନିକ ଜୀବନଶୈଳୀ ଆମକୁ ଆମ ଡିଜିଟାଲ ଜୀବନରେ ଡିଜିଟାଲ ସହାନୁଭୂତି ଖୋଜିବାକୁ ବାଧ୍ୟ କରିଛି। ଦିଲ୍ଲୀର ବୁଲା କୁକୁର ନୀତି ପରିବର୍ତ୍ତନ ପରେ, ଡିଜିଟାଲ୍ ସହାନୁଭୂତି ନୂଆ ଦୃଷ୍ଟିକୋଣ ସହିତ ପ୍ରମୁଖ ହୋଇଥିଲା। ଡିଜିଟାଲ ଦୃଶ୍ୟରେ କିଛି ରାଜନେତାଙ୍କ ମତ ବିଭାଜିତ ହୋଇଥିଲା। ନେଟିଜେନମାନେ ସାର୍ବଜନୀନ ସୁରକ୍ଷା ଏବଂ ପଶୁକଲ୍ୟାଣର ଆଲୋଚନାରେ ନିୟୋଜିତ ଥିଲେ।

ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ସମାନ ପ୍ରକାରର ସମବେଦନା ଦେଖାଯାଇଛି। ଏହି ବର୍ଷ ଆରମ୍ଭରେ ବେଙ୍ଗାଲୁରୁର ଜଣେ ପିତା ଏବଂ ୟୁଆଣ୍ଡଆଇର ସହପ୍ରତିଷ୍ଠାତା ଅଜିତ ଶିବରାମ, ଯିଏ ଶିକ୍ଷା ଓ ଅବହେଳିତ ପିଲାମାନଙ୍କ ପ୍ରତି ତାଙ୍କର ସମର୍ପଣ ପାଇଁ ଜଣାଶୁଣା, ଲିଙ୍କଡିନ୍‌ରେ ଏକ ପୋଷ୍ଟ ଲେଖିଥିଲେ ଯେ ଭାରତରେ ଝିଅମାନଙ୍କୁ ପାଳନ ପୋଷଣ କରିବା ଏକ କ୍ରାନ୍ତିକାରୀ କାର୍ଯ୍ୟ। ଯେତେବେଳେ ମହାକୁମ୍ଭ ସାରା ବିଶ୍ୱରେ ଭକ୍ତ, ଦାର୍ଶନିକ ଓ ଗବେଷକଙ୍କ ଭିଡ଼ ଜମିଥିଲା, ସେତେବେଳେ ଆଇଆଇଟି ବମ୍ବେର ପୂର୍ବତନ ଛାତ୍ର ଅଭୟ ସିଂହ, ଯିଏ ବାୟୁମଣ୍ଡଳ ଇଞ୍ଜିନିୟରିଂରେ ନିଜ କ୍ୟାରିଅରକୁ ଛାଡ଼ି ଆଧ୍ୟାତ୍ମିକତାକୁ ଅନୁସରଣ କରିଛନ୍ତି, ତାଙ୍କର ବ୍ୟକ୍ତିଗତ ସଂଘର୍ଷ ଓ ସାଧନା ପଥଗୁଡ଼ିକୁ ସେୟାର କରିଥିଲେ, ଯାହା ସୋସିଆଲ ମିଡିଆ ଉପଭୋକ୍ତାମାନଙ୍କ ମଧ୍ୟରେ ସହାନୁଭୂତିପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିଥିଲା।

ଯେତେବେଳେ ଆମର କାର୍ଯ୍ୟ ସମ୍ପର୍କ ସ୍କ୍ରିନ୍ ଦ୍ୱାରା ମଧ୍ୟସ୍ଥତାରେ ପରିଣତ ହୁଏ, ବ୍ୟକ୍ତିବିଶେଷମାନେ ସଚେତନ ଭାବରେ ନିଜର କାର୍ଯ୍ୟସ୍ଥଳରେ ସହକର୍ମୀମାନଙ୍କ ପାଇଁ ସହାନୁଭୂତି ପ୍ରକାଶ କରିବା ଦରକାର। ଆମେ ଏପରି ଏକ ଯୁଗରେ ଅଛୁ, ଯେଉଁଠାରେ ବୈଷୟିକ ଦକ୍ଷତା ଆବଶ୍ୟକ। କିନ୍ତୁ ସେମାନେ ନିଜେ ପର୍ଯ୍ୟାପ୍ତ ନୁହେଁ। ଭାବପ୍ରବଣ ବୁଦ୍ଧିମତ୍ତା, ବିଶେଷକରି ଡିଜିଟାଲ୍ ସହାନୁଭୂତି ପ୍ରଭାବଶାଳୀ ନେତୃତ୍ୱ ପାଇଁ ଏକ ମୁଖ୍ୟ କୌଶଳ ହୋଇଛି। କୋଭିଡ୍ ସମୟରେ ଏହିପ୍ରକାରର ସହାନୁଭୂତି ଖୁବ୍ ପ୍ରକାଶ ପାଇଥିଲା, ଯେତେବେଳେ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଭାବପ୍ରବଣ ସଂଯୋଗ, ମାନସିକ ସ୍ୱାସ୍ଥ୍ୟ ସହାୟତା ପାଇଁ ଏକ ମଧ୍ୟସ୍ଥତା ସ୍ଥାନରେ ପରିଣତ ହୋଇଥିଲା।

ଭୌଗୋଳିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ କାରଣଗୁଡ଼ିକୁ ବିଚାର କରି ଡିଜିଟାଲ୍ ସହାନୁଭୂତିର ଅନ୍ତର୍ଦୃଷ୍ଟି, ପ୍ରକାଶନ ଓ ଅଭ୍ୟାସ ଭିନ୍ନ ହୁଏ। ଏହା ସ୍ପଷ୍ଟ ଭାବରେ ଗ୍ଲୋବାଲ୍ ଉତ୍ତର ଓ ଗ୍ଲୋବାଲ୍ ଦକ୍ଷିଣ ମଧ୍ୟରେ ଏକ ଦ୍ୱିଭାଜନ ସୃଷ୍ଟି କରେ। ଗ୍ଲୋବାଲ୍ ଉତ୍ତରରେ, ଡିଜିଟାଲ୍ ସହାନୁଭୂତି ଏକ ବ୍ୟକ୍ତିଗତ ପ୍ରକୃତିର ଥାଏ, ଯାହାର ବୃହତ ସାମାଜିକ ପ୍ରଭାବ ଥାଏ। ପ୍ରତିପକ୍ଷରେ, ଗ୍ଲୋବାଲ୍ ଦକ୍ଷିଣରେ ଏପରି ସହାନୁଭୂତି ସାଧାରଣତଃ ସମୁଦାୟକେନ୍ଦ୍ରିତ ଥାଏ, ଯାହା ପ୍ରଧାନତଃ ତତ୍କାଳିକ ଆବଶ୍ୟକତା ପୂରଣ ପାଇଁ ଏବଂ ପ୍ରାୟତଃ ଭିତ୍ତିଭୂମି ଚ୍ୟାଲେଞ୍ଜ ଏବଂ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ସୃଷ୍ଟି ହୋଇଥିବା ବାଧା ହୁଏ।

ଭାରତରେ ଡିଜିଟାଲ୍ ସହାନୁଭୂତି ଏବେ ବି ପ୍ରାରମ୍ଭିକ ଅବସ୍ଥାରେ ଅଛି। ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ମାନବୀୟ ସମ୍ପର୍କ ଓ ସମ୍ବେଦନଶୀଳତାକୁ ରକ୍ଷା କରିବା ପ୍ରାଥମିକତା ପାଇବା ଆବଶ୍ୟକ। ସେହି ସମୟରେ ଡିଜିଟାଲ୍ ବିଭାଜନକୁ ସମାଧାନ କରିବା, ସମାବେଶୀ ଓ ସୁରକ୍ଷିତ ସ୍ଥଳକୁ ପୁନଃକଳ୍ପନା କରିବା, ସାମାଜିକ ଉପକାର ପାଇଁ ଡିଜିଟାଲ୍ ସହାନୁଭୂତିକୁ ପ୍ରୋତ୍ସାହିତ କରିବା ଏବଂ ଆନ୍ତଃସଂସ୍କୃତି ସହାନୁଭୂତିକୁ ବୃଦ୍ଧି କରିବା ଆବଶ୍ୟକ ହୋଇଛି।

(ସହଯୋଗୀ ପ୍ରାଧ୍ୟାପକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ)

ଭୁବନେଶ୍ୱର, ମୋ: ୮୩୩୧୮୧୪୫୮୨

## ବିଦୁର ଛତା-ମୂଳକ ଚୌରା ମଠ

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ମହାଭାରତ ଯୁଦ୍ଧ ପୂର୍ବରୁ ଶେଷପ୍ରୟାସ ସ୍ୱରୂପ ଶ୍ରୀକୃଷ୍ଣ ଶାନ୍ତିଦୂତ ଭାବେ ହସ୍ତିନା ଦରବାରକୁ ଯାଇଥିବା ବେଳେ ମହାତ୍ମା ବିଦୁରଙ୍କ ଘରେ ବିନା ଡାକରାରେ ଅତିଥି ହୋଇ ଖାଇବାକୁ ପହଞ୍ଚି ଗଲେ। ବିଦୁର ଥିଲେ ସମ୍ପର୍କରେ ରାଜା ଧୃତରାଷ୍ଟ୍ରଙ୍କ ଭାଇ ଓ ହସ୍ତିନା ଦରବାରର ମହାମନ୍ତ୍ରୀ। ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରୁଥିଲେ ମଧ୍ୟ ସେ ରାଜକୋଷରୁ ପାରିଶ୍ରମିକ ବାବଦରେ କଡ଼ାଏ କଉଡ଼ି ଗ୍ରହଣ କରୁ ନ ଥିଲେ। ତେଣୁ ଅଭାବ ଅନଟନ ଭିତରେ ତାଙ୍କର ଜୀବନ ବିତୁଥିଲା। ଦ୍ୱାରକାଧୀଶଙ୍କ ପରି ଜଣେ ରାଜକୀୟ ଅତିଥିଙ୍କ ସତ୍କାରରେ ବିଦୁର ପତିପତ୍ନୀ ଅତ୍ୟନ୍ତ ଭକ୍ତି ସହକାରେ ତିନୋଟି ଖୁଦପିଠା ପରଶି ଦେଲେ। ଖୁଦପିଠା ଖାଇ ଶ୍ରୀକୃଷ୍ଣ ପରମ ତୃପ୍ତିଲାଭ କଲେ। ସେ ପିଠାର ସ୍ୱାଦରେ ମୁଗ୍ଧ ହୋଇ ବାରମ୍ବାର ଖାଇବା ପାଇଁ ତାଙ୍କ ମନରେ ଅଭିଳାଷ ସୃଷ୍ଟି ହେଲା। ଭକ୍ତ ବିଦୁର ମଧ୍ୟ ଶ୍ରୀକୃଷ୍ଣଙ୍କ ସନ୍ତୋଷ ଭାବ ଦେଖି ବାରମ୍ବାର ସେ ପିଠା ଖୁଆଇବା ପାଇଁ ଅଭିଳାଷ ପୋଷଣ କଲେ।

ଦ୍ୱାପର ଯୁଗର ଅବସାନ ପରେ ଶ୍ରୀକୃଷ୍ଣ କଳି ଯୁଗରେ ଜଗନ୍ନାଥ ରୂପେ ନୀଳାଚଳରେ ଆବିର୍ଭୂତ ହେଲେ। ମହାତ୍ମା ବିଦୁର ତାଙ୍କର ପୂର୍ବଇଚ୍ଛା ଚରିତାର୍ଥ କରିବା ପାଇଁ ପୁଣି ଥରେ ନର ଦେହ ଧରି ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହେଲେ। ସେ ସ୍ୱର୍ଗଦ୍ୱାର ନିକଟରେ ଏକ ଚଉରା ପାଖରେ ଗୋଟିଏ ଛତା ତଳେ ବାସ କଲେ ଏବଂ ତିନୋଟି ଖୁଦପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ସମର୍ପଣ କଲେ। ମହାପ୍ରଭୁ ଏ ପ୍ରକାର ମଉକାକୁ ଅପେକ୍ଷା କରିଥିଲେ। ତେଣୁ ସେ ବିଦୁରଙ୍କ ପାଖକୁ ଯାଇ ଖୁଦ ପିଠା ଭୋଜନ କରିବାକୁ ଲାଗିଲେ। ଏ ପଟେ ମହାପ୍ରଭୁଙ୍କ ମଣୋହି ପାଇଁ ସେବକମାନେ ଛପନଭୋଗ ବାଢ଼ିଲେ। କିନ୍ତୁ ସେତେବେଳେ ପ୍ରଭୁ ଶ୍ରୀମନ୍ଦିରରେ ଅନୁପସ୍ଥିତ ଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ। କୌଣସି କାରଣରୁ ପ୍ରସାଦ ଅଶୁଦ୍ଧ ହୋଇଛି ବୋଲି ବିଚାର କରି ସେବକମାନେ ସେ ପ୍ରସାଦକୁ ପୋତି ଦେଇ ପୁଣି ନିଷ୍ଠାର ସହ ପ୍ରସାଦ ପ୍ରସ୍ତୁତ କଲେ। ପୁଣି ଥରେ ଧୂପ ବସିଲେ ମଧ୍ୟ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ନାହିଁ। କଥାଟା ରାଜାଙ୍କ କାନକୁ ଗଲା। ପଣ୍ଡିତମାନଙ୍କ ସହ ବିଚାରବିମର୍ଶ ପରେ ମଧ୍ୟ ସେମାନେ କୌଣସି ନିର୍ଣ୍ଣୟରେ ପହଞ୍ଚି ପାରିଲେ ନାହିଁ।

ଶ୍ରୀକ୍ଷେତ୍ରରେ ମୁଳକ ଦାସ ନାମରେ ଜଣେ ପରମ ଭକ୍ତ ସନ୍ନ୍ୟାସୀ ବାସ କରୁଥିଲେ। ମହାପ୍ରସାଦ ବିନା ସେ ଅନ୍ୟ କୌଣସି ଖାଦ୍ୟ ଗ୍ରହଣ କରୁ ନ ଥିଲେ। ଠାକୁର ଚଳୁରେ ଦର୍ଶନ ଦେଉ ନ ଥିବାରୁ ଖାଇବା ପାଇଁ ତାଙ୍କୁ ମହାପ୍ରସାଦ ମିଳିଲା ନାହିଁ। ଉପବାସ ରହି ସେ ଶଯ୍ୟାଶାୟୀ ହୋଇଗଲେ। ଦିନେ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଲେ। ମୁଳକ ସ୍ୱପ୍ନରେ ଦେଖିଲେ ଯେ ସମୁଦ୍ର କୂଳରେ ଏକ ଛତା ତଳେ ବିଦୁରଙ୍କ ଦ୍ୱାରା ପ୍ରସ୍ତୁତ ତିନୋଟି ଖୁଦ ମହାପ୍ରଭୁ ପରମ ସନ୍ତୋଷରେ ଭୋଜନ କରୁଥିଲେ। ତେଣୁ ସେ ଚଳୁରେ ଦର୍ଶନ ଦେଉ ନ ଥିଲେ। ତା'ପର ଦିନ ମୁଳକ ଦାସ ମନ୍ଦିର ଯାଇ ସେବକମାନଙ୍କ ଆଗରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ବଡ଼ପଣ୍ଡାଙ୍କ ନେତୃତ୍ୱରେ କିଛି ସେବକ ସମୁଦ୍ର କୂଳକୁ ଯାଇ ଚଉରା ଆଢୁଆଳରେ ରହି ସମସ୍ତ କଥା ନିଜ ଆଖିରେ ଦେଖିଲେ ଏବଂ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ଲାଭ କରି କୃତ୍ୟକୃତ୍ୟ ହେଲେ।

ତା' ପରଦିନ ବଡ଼ପଣ୍ଡା ଓ ପରିଚ୍ଛାମାନଙ୍କ ନିର୍ଦ୍ଦେଶରେ ସୁଆରମାନେ ବିଦୁରଙ୍କ ଖୁଦପିଠା ଅନୁରୂପ ତିନୋଟି ଖୁଦପିଠା ପ୍ରସ୍ତୁତ କରି ଧୂପରେ ସମର୍ପଣ କଲେ। ଆଶ୍ଚର୍ଯ୍ୟର ବିଷୟ ଯେ ଖୁଦ ପିଠା ପାଇଲା ପରେ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ଏବଂ ମନ୍ଦିରର ନୀତିକାନ୍ତି ପୂର୍ବପରି ଚାଲିଲା। ରାଜା ଏ ଖବର ପାଇ ମହାତ୍ମା ବିଦୁରଙ୍କୁ ଦର୍ଶନ କରିବା ପାଇଁ ସମୁଦ୍ର କୂଳରେ ପହଞ୍ଚିଲେ। କିନ୍ତୁ ସେତେବେଳକୁ ଭକ୍ତ ବିଦୁର ଅନ୍ତର୍ହିତ ହୋଇ ଯାଇଥିଲେ। ସନ୍ନ୍ୟାସୀ ମୁଳକ ଦାସ ଏହି ସତ୍ୟ ଉଦ୍‌ଘାଟନ କରିଥିବାରୁ ରାଜା ତାଙ୍କୁ ସମ୍ବର୍ଦ୍ଧିତ କଲେ ଏବଂ ସେ ଯାଗାକୁ ତାଙ୍କୁ ଆଶ୍ରମ କରିବା ପାଇଁ ଦାନ କରିଦେଲେ।

ମୁଳକ ଦାସ ଜଣେ ସିଦ୍ଧ ସାଧକ ଥିଲେ। ସେ ମହାତ୍ମା ବିଦୁରଙ୍କ ଭକ୍ତିର ପରାକାଷ୍ଠା ଜାଣିଥିଲେ। ତେଣୁ ସେ ରାଜା ପ୍ରଦତ୍ତ ଜମିରେ ଏକ ମଠ ନିର୍ମାଣ କରି ତା'ର ନାମ 'ବିଦୁର ଛତା ମଠ' ରଖିଲେ। ସେ ମଧ୍ୟ ବିଦୁରଙ୍କ ସ୍ମୃତିରକ୍ଷା କରି ଦୈନିକ ତିନୋଟି ଖୁଦ ପିଠା ତିଆରି କରି ମହାପ୍ରଭୁଙ୍କ ସମର୍ପଣ କରିବାକୁ ଲାଗିଲେ। ମଠଟି ସନ୍ଥ ମୁଳକ ଦାସ ନିର୍ମାଣ କରିଥିବାରୁ କ୍ଷେତ୍ରବାସୀମାନେ ସେ ମଠକୁ 'ମୁଳକ ଚୌରା ମଠ' ବୋଲି କହିବାକୁ ଲାଗିଲେ। ସେହିଦିନଠାରୁ ମଠଟି ଦୁଇଟି ନାମରେ ପରିଚିତ ହେଲା - ବିଦୁର ଛତା ମଠ ଓ ମୁଳକ ଚୌରା ମଠ। ଆଜି ମଧ୍ୟ ମଠରେ ପ୍ରସ୍ତୁତ ଏବଂ ମହାପ୍ରଭୁଙ୍କୁ ସମର୍ପିତ ଖୁଦ ରୋଟିର ପ୍ରସାଦ ପାଇ ଭକ୍ତମାନେ ତୃପ୍ତ ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅପରାଧ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀଙ୍କ ଖଣି ପ୍ରତିନିଧି ନିଯୁକ୍ତ

- ନିଯୁକ୍ତିର ବୈଧତା ଓ ଔଚିତ୍ୟକୁ ନେଇ ଉଠିଲା ପ୍ରଶ୍ନ
- ଦଳରେ ବଢ଼ୁଛି ଅସନ୍ତୋଷ; ଖଣି ଶ୍ରମିକଙ୍କ ରୋଷ
- ବାଧାପ୍ରାପ୍ତ ହୋଇପାରେ ଖଣିଜ ସାମଗ୍ରୀ ପରିବହନ

ଭୁବନେଶ୍ୱର,୧୬/୯ (ସମିସ): ସାଧାରଣତଃ ବିଧାୟକ, ସାଂସଦମାନେ ସେମାନଙ୍କ ନିର୍ବାଚନ କ୍ଷେତ୍ର ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା, ଅନୁଧ୍ୟାନ ଆଦି ନିମନ୍ତେ ପ୍ରତିନିଧି ନିଯୁକ୍ତି ଦେଇଥାଆନ୍ତି । ବ୍ଲକ, ପୌର ପରିଷଦ ଓ ଜିଲ୍ଲା ପରିଷଦ ସହ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ଏହି ପ୍ରତିନିଧିମାନେ ସମ୍ପୃକ୍ତ ସାଂସଦ ବା ବିଧାୟକଙ୍କ ପ୍ରତିନିଧିତ୍ୱ କରିଥାଆନ୍ତି। ମାତ୍ର ସୁନ୍ଦରଗଡ଼ ଜିଲ୍ଲାରେ ଏବେ ଦେଖିବାକୁ ମିଳିଛି ଏକ ଭିନ୍ନ ଘଟଣା । ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ ଖଣ୍ଡାଧାର କୁର୍ମିତରା ଖଣି ନିମନ୍ତେ ବରସୁଆଁର ବାଗୁନ ଗାଗରାଇ ନାମକ ଜଣେ ବ୍ୟକ୍ତିଙ୍କୁ ନିଜ ପ୍ରତିନିଧି ଭାବରେ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ଖଣି ନିଗମ ରିଜିଓନାଲ ମ୍ୟାନେଜର ପି.କେ.ନାୟକଙ୍କୁ ଶ୍ରୀ ଓରାମଙ୍କ ସ୍ୱାକ୍ଷର ଥିବା ଏହି ଚିଠିଟି ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। କୌତୂହଳର କଥା ହେଉଛି ଏପରି ପ୍ରତିନିଧି ନିଯୁକ୍ତିର ଯୌକ୍ତିକତା ଓ ବୈଧତାକୁ ନେଇ ପ୍ରଶ୍ନ ଉଠିଥିବାବେଳେ ସରକାରଙ୍କ କୌଣସି ଖଣିରେ କୌଣସି ସାଂସଦ ବା ବିଧାୟକଙ୍କ ପ୍ରତିନିଧି ନିଯୁକ୍ତି ସମ୍ଭବତଃ ଏହା ପ୍ରଥମ ଘଟଣା ବୋଲି ଚର୍ଚ୍ଚା ହେଉଛି।

ସାଂସଦ ଓ ବିଧାୟକମାନେ ସ୍ଥାନୀୟ ପ୍ରତିନିଧି ନିଯୁକ୍ତି ସଂକ୍ରାନ୍ତ ନିୟମକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଥାଏ । ଏହା ସତ୍ତ୍ୱେ ଏହା ଏକ ପ୍ରଚଳିତ ବ୍ୟବସ୍ଥାରେ ପରିଣତ ହୋଇଛି ଏବଂ ସ୍ଥାନୀୟ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସାଂସଦ ବା ବିଧାୟକଙ୍କ ନିକଟରେ ସୂଚନା ପହଞ୍ଚାଇବା ଏପରି ପ୍ରତିନିଧି ନିଯୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଏ । ମାତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଖଣିରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମଙ୍କ ପ୍ରତିନିଧି ନିଯୁକ୍ତିର ଆଧାରର ଔଚିତ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି । ଚିଠିରେ କୁହାଯାଇଛି ଯେ ତାଙ୍କ ପ୍ରତିନିଧି ବାଗୁନ୍ ଗଗ୍‌ରାଇ ସାଂସଦଙ୍କ ପକ୍ଷରୁ ଖଣିର ବିଭିନ୍ନ କଥା ବୁଝାବୁଝି କରିବେ, ଅଫିସରମାନଙ୍କ ସହ କଥା ହେବେ । ଖଣି ପରିଚାଳନା ବୈଠକରେ ସଂସଦଙ୍କ ପକ୍ଷରୁ ଯୋଗ ଦେଇ ନିଜ ପରାମର୍ଶ ଦେବେ। ଅନ୍ୟପକ୍ଷରେ ଖଣ୍ଡାଧାର କୁର୍‌ମିତରା ଖଣିରେ ପ୍ରତିନିଧି ରୂପେ ବାଗୁନ୍ ଗଗ୍‌ରାଇଙ୍କୁ କେନ୍ଦ୍ରମନ୍ତ୍ରୀ ବାଛିବା ଓ ନିଜ ସରକାରୀ



ଲେଟରପ୍ୟାଡ୍‌ରେ ଓମ୍‌ସି ରିଜିଓନାଲ ମ୍ୟାନେଜରଙ୍କୁ ଚିଠି ଲେଖିବା ସୁନ୍ଦରଗଡ଼ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି ।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ରୂପେ ନିଯୁକ୍ତି ପତ୍ର ପାଇବା ପରେ ବାଗୁନ୍ ଗଗ୍‌ରାଇଙ୍କ ନିଯୁକ୍ତିକୁ ନେଇ ସ୍ଥାନୀୟ ବିଜେପି ନେତା ଓ ଖଣି ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଲହୁଣୀପଡ଼ା ସହ ଜିଲ୍ଲାର ବିଭିନ୍ନ ଥାନାରେ ବିଭିନ୍ନ ସଙ୍ଗୀନ ଓ ସାଂଘାତିକ ଅପରାଧ ମାମଲା ରୁଜୁ ହୋଇଥିବା ଜଣେ ବ୍ୟକ୍ତିଙ୍କୁ କେନ୍ଦ୍ରମନ୍ତ୍ରୀ ନିଜ ପ୍ରତିନିଧି ନିଯୁକ୍ତି ଦେବାକୁ ଅନେକ ନାପସନ୍ଦ କରିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ହେବା ପରେ ଖଣିରେ ନିଜର ପତିଆରା ଜାହିର କରିବା ପାଇଁ ପୁରା ଦମ୍ ଲଗାଇ ଦେଇଛନ୍ତି ବାଗୁନ୍। ଖଣିରୁ ଖଣିଜ ସାମଗ୍ରୀ ପରିବହନ ନିମନ୍ତେ ନିଯୁକ୍ତ ଠିକାଦାରଙ୍କୁ ଚିଠି ଲେଖି ବିଭିନ୍ନ ଦାବି ପୂରଣ ପାଇଁ ଚେତାବନୀ ଦେଇଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ଓ ଖଣିରୁ ଖଣିଜ ସାମଗ୍ରୀ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

## ପାଇପ ପିଇବା ପାଣି ଉପଯୋଗୀ ନୁହେଁ ଘଟଣା

# କିଏ ସତ କହୁଛି?

- ଜନସ୍ୱାସ୍ଥ୍ୟ ବିଭାଗ ଚିଠି ଭାଇରାଲ ପରେ ରାତିରାତି ପାଣି ଶୁଦ୍ଧ ହୋଇଗଲା
- ଜିଲ୍ଲା ପ୍ରଶାସନର ପ୍ରତିକ୍ରିୟାକୁ ନେଇ ସବୁଠି ଚର୍ଚ୍ଚା

ସମ୍ବଲପୁର,୧୬/୯ (ସମିସ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅଞ୍ଚଳରେ ୱାଟକୋ ଯୋଗାଉଥିବା ପାଇପ ପାଣି ପିଇବାଯୋଗ୍ୟ ନୁହେଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୱାଟକୋକୁ ମିଳିଥିବା ଚିଠି ଗତକାଲି ଭାଇରାଲ ହୋଇଥିଲା। ଚିଠି ଭାଇରାଲ ପରେ ଜିଲ୍ଲା ପ୍ରଶାସନର ନିଜର ଭାବମୂର୍ତ୍ତିକୁ ବଜାଇ ରଖିବା ପାଇଁ ରାତାରାତି ଏହି ପାଣି ଶୁଦ୍ଧ ବୋଲି କହିଥିଲେ। ଏହା ଆଜି ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ଜନସ୍ୱାସ୍ଥ୍ୟ ସଂଗ୍ରହ କରିଥିବା ପାଣିର ନମୁନା ବିଶୋଧନାଗାରର ନୁହେଁ ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ସେ କହିଛନ୍ତି, ଜନସ୍ୱାସ୍ଥ୍ୟ ବିଭାଗ ସଂଗ୍ରହ କରିଥିବା ପାଣି ବିଶୋଧନାଗାରକୁ ଯାଉଥିବା ପାଣି। ବିଶୋଧନାଗାରରେ ଫିଲ୍ଟର ହେବା ପରର ପାଣି ସଂଗ୍ରହ କରାଯାଇନାହିଁ।



ବିଶୋଧନାଗାରକୁ ସିଧାସଳଖ ଯାଉଥିବା ପାଣିକୁ ସଂଗ୍ରହ କରି ଏହି ରିପୋର୍ଟ ପ୍ରକାଶ ପାଇଥିଲା। ଗତକାଲି ମିଳିତ ଟିମ ପରୀକ୍ଷା ପରେ ମହାନଗର ନିଗମର ପାଣି ଶୁଦ୍ଧ ରହିଛି। ଏହା ପିଇବା ଯୋଗ୍ୟ ବୋଲି ସେ କହିଛନ୍ତି।

ପାଣି ନମୁନା ସଂଗ୍ରହ କରିବାର ଏକ ନିର୍ଦ୍ଦିଷ୍ଟ ନିୟମ ରହିଛି। ପ୍ରତି ମାସରେ ଜନସ୍ୱାସ୍ଥ୍ୟ ବିଭାଗ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା କରୁଛି। କିଭଳି ଭାବେ ବାହାର ପାଣି ସଂଗ୍ରହ କରି ପରୀକ୍ଷା କରି ରିପୋର୍ଟ ପ୍ରକାଶ କରିଛି, ତାହା ଚର୍ଚ୍ଚାର ବିଷୟ ସାଜିଛି। ତେଣୁ, ଏଠି ପ୍ରଶ୍ନ ଉଠୁଛି କିଏ ସତ କହୁଛି? ଜନସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଭାଇରାଲ ପରେ ରାତାରାତି ପାଣି ଶୁଦ୍ଧ ହୋଇଗଲା।

ସୂଚନା ଅନୁସାରେ ଜନସ୍ୱାସ୍ଥ୍ୟ ବିଭାଗ ପାଣିର ଗୁଣବତ୍ତା ଠିକ ନଥିବା ନେଇ ୱାଟକୋକୁ ଚିଠି କରିଥିଲା। ଲୋକେ ପିଉଥିବା ପାଇପ ପାଣି ବ୍ୟବହାର କଲେ ଜଣ୍ଡିସ, ଡାଇରିଆ ଭଳି ରୋଗରେ ଆକ୍ରାନ୍ତ ହେବା ନେଇ ଅବଗତ କରାଇଥିଲା। ହେଲେ ଚିଠି ଭାଇରାଲ ପରେ ଜିଲ୍ଲା ପ୍ରଶାସନ ତରବରିଆ ଭାବେ ନିଜର ତତ୍ପରତା ଦେଖାଇଛି। ଗତ ରାତିରେ ଜନସ୍ୱାସ୍ଥ୍ୟ ବିଭାଗ, ୱାଟକୋ, ଜିଲ୍ଲା ପ୍ରଶାସନର କର୍ମଚାରୀ ମିଳିତ ଭାବେ ମାନେଶ୍ୱର ବିଶୋଧନଗାର ପରିଦର୍ଶନ କରିଥିବା ଚିଠିରେ ପ୍ରକାଶ ରହିଛି। ଗତକାଲି ୭.୪୫ରୁ ୮.୧୫ ଭିତରେ ମାନେଶ୍ୱର ବିଶୋଧନାଗାରରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଥିଲା। ପାଇପରେ ଆସୁଥିବା ପାଣି ଶୁଦ୍ଧ ଥିବା ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ରାତିରେ ଚିଠି ସାର୍ବଜନୀନ କରାଯାଇଥିଲା।

## ବଜ୍ରପାତରେ ଯୁବକ ମୃତ

ବଡ଼ସାହି,୧୬।୯ (ସମିସ): ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ ମଙ୍ଗଗଡ଼ିଆ ଗ୍ରାମର ଜଣେ ଯୁବକ ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ହେଲେ, ଗ୍ରାମର ସ୍ୱର୍ଗତ ଧନିରାମ ମୁର୍ମୁଙ୍କ ପୁଅ ଲସ (୪୫)। ଆଜି ଅପରାହ୍ଣରେ ସେ କ୍ଷେତରୁ ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ସେ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# କର୍ମଚାରୀଙ୍କ ଧାରଣା; ଆମ ବସ୍ ସେବା ଠପ୍

ବ୍ରହ୍ମପୁର,୧୬।୯ (ସମିସ): 'ଆମ ବସ ସେବା'ରେ କାର୍ଯ୍ୟରତ ଡ୍ରାଇଭରମାନେ ୭ଦଫା ଦାବି ନେଇ ହଳଦିଆପଦର ବସ ଟର୍ମିନାଲରେ ଧାରଣା ଦେବା ସହ କାର୍ଯ୍ୟବନ୍ଦ କରିଛନ୍ତି। ବସ୍ ପରିଚାଳନା କରୁଥିବା ସିଆର୍‌ୟୁଟି (କ୍ରୁଟ) ସଂସ୍ଥା ପକ୍ଷରୁ କାର୍ଯ୍ୟରତ ଡ୍ରାଇଭରଙ୍କ ସଠିକ ସମୟରେ ଇପିଏଫ୍ ଓ ଇଏସ୍‌ଆଇ ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। ସେହିପରି ମାସିକ ୪ଦିନ ଛୁଟି, ଡ୍ରାଇଭରଙ୍କ ପରିବାରକୁ ମାଗଣା ବସ୍ ସେବା, ଏପ୍ରିଲ୍‌ଠାରୁ ଦରମା ଦୈନିକ ମଜୁରୀ ୬୧୨ ଟଙ୍କା ବୃଦ୍ଧି ହୋଇଥିବା ବେଳେ ବର୍ତ୍ତମାନ ୬୦୨ ଟଙ୍କା ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ଅଭିଯୋଗ ସମେତ ୭ ଦଫା ଦାବି ନେଇ ବସ୍ ଚଳାଚଳ ବନ୍ଦ ରହିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଡ୍ରାଇଭରମାନେ କହିଛନ୍ତି। ବନ୍ଦ ଫଳରେ ସହର ସମେତ ଏହାର ଆଖପାଖ ଅଞ୍ଚଳକୁ ୬ଟି ରୁଟରେ ଚଳପ୍ରଚଳ କରୁଥିବା ୧୯ଟି ବସ୍ ହଳଦିଆପଦର ଟର୍ମିନାଲରେ ପଡ଼ି ରହିଛି। ଫଳରେ ବିଭିନ୍ନ ସ୍ଥାନକୁ ଯାତାୟାତ କରିବାକୁ ଅପେକ୍ଷା କରି ରହିଥିବା ଶତାଧିକ ଯାତ୍ରୀ ହନ୍ତସନ୍ତ ହୋଇଥିଲେ।



# ପାଇପ୍ ଲାଇନରୁ ଗ୍ୟାସ ଲିକ୍



ସମ୍ବଲପୁର,୧୬।୯ (ସମିସ): ମାଟି ତଳୁ ବାହାରୁଛି ଗ୍ୟାସ। ଗହଳି ଛକ ଉପରେ ମାଟି ତଳୁ ଅନବରତ ଗ୍ୟାସ ଲିକ ହେଉଛି। ସୂଚନାନୁସାରେ, ସମ୍ବଲପୁର ସହରର ଅଇଁଠାପାଲି ଛକ ନିକଟରେ ପାଇପ ଲାଇନ୍‌ରୁ ଗ୍ୟାସ ଲିକ୍ ହେଉଛି। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିଛି। କେଉଁ ଗ୍ୟାସ, କାହିଁକି ବାହାରୁଛି, ତାହା ଏବେ ଯାଏ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାକୁ ଏଡାଇବା ପରେ ଅଗ୍ନିଶମ ପକ୍ଷରୁ ଉକ୍ତ ସ୍ଥାନକୁ କାହାକୁ ଛଡ଼ାଯାଉନାହିଁ। ପାଖରେ ଅଗ୍ନିନିର୍ବାପକ ଗ୍ୟାସ ରହିଛି। ଖବର ଲେଖିବା ପର୍ଯ୍ୟନ୍ତ କାରଣ ଅସ୍ପଷ୍ଟ ରହିଛି। କିଛି ସମୟ ପୂର୍ବରୁ ଉକ୍ତ ସ୍ଥାନରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ଦଶମ ଏକକ ଓଡ଼ିଆ ଓ ଅଷ୍ଟମ ଶ୍ରେଣୀ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା ଫର୍ମପୂରଣ ୨୦ରୁ

କଟକ,୧୬।୯ (ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଏକକ ଓଡ଼ିଆ ଓ ଅଷ୍ଟମ ଶ୍ରେଣୀ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା ପାଇଁ ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ୨୦ରୁ ଆରମ୍ଭ ହେବ। ଏ ନେଇ ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ନଭେମ୍ବର୧୯ରେ ଏହି ଦୁଇ ପରୀକ୍ଷା ଅନୁଷ୍ଠିତ ହେବ। ଯେଉଁ ପ୍ରାର୍ଥୀମାନେ ଦ୍ୱିତୀୟ ଏକକ ବିଷୟ (ଦଶମ ଶ୍ରେଣୀ) ପରୀକ୍ଷା, ୨୦୨୫ ଓଡ଼ିଆରେ ଏବଂ ଦ୍ୱିତୀୟ ଅର୍ଦ୍ଧବାର୍ଷିକ (ଅଷ୍ଟମ ଶ୍ରେଣୀ) ଭାଷା ପରୀକ୍ଷା, ୨୦୨୫ ଦେବାକୁ ଚାହାଁନ୍ତି, ସେମାନେ ୨୦ତାରିଖରୁ ବୋର୍ଡ ୱେବସାଇଟକୁ ଯାଇ ଆବେଦନ ଫର୍ମ ଏବଂ ନିର୍ଦ୍ଦେଶାବଳୀ ଡାଉନଲୋଡ୍ କରିପାରିବେ। ଆବଶ୍ୟକୀୟ ଫି ସହିତ ସମସ୍ତ ଦୃଷ୍ଟିରୁ ପୂରଣ ହୋଇଥିବା ଆବେଦନ ଫର୍ମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର ଏବଂ ସମ୍ବଲପୁରରେ ଅବସ୍ଥିତ ବୋର୍ଡର ସମ୍ପୃକ୍ତ ଜୋନାଲ କାର୍ଯ୍ୟାଳୟରେ ଜମା କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅକ୍ଟୋବର ୫ସୁଦ୍ଧା ଦାଖଲ ହେଉଥିବା ଫର୍ମ ପାଇଁ ଜରିମାନା ପଡିବ ନାହିଁ । ସେହିଭଳି ଅକ୍ଟୋବର୫ ପରେ ତଥା ଅକ୍ଟୋବର ୧୦ସୁଦ୍ଧା ଦାଖଲ ଫର୍ମକୁ ଜରିମାନା ସହ ଦାଖଲ କରାଯିବ ।


**OFFICE OF THE NODAL PRINCIPAL, KORAPUT**
**AT ODISHA MINING ADARSHA VIDYALAYA**
AT-Phulbad, PO-Umuri, Jeypore, Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone: 7978897651 E-mail: principalomavjeypore@gmail.com

Letter No. 008/25 Date: 16-09-2025

**EMPANELMENT OF PART TIME CONTRACTUAL TEACHER PGT (CHEMISTRY)**

It is hereby notified that a Walk-in-Interview will be conducted for one post of PGT (CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26.The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website: **https://koraput.odisha.gov.in/notice/recruitment/archive-recruitment** (published on 25 March 2025). Deserving candidates will have to be physically present along with the prescribed filled-in application form along with all self-attested copies of relevant documents on 19 September 2025, 11 AM at OAV, Machhara, near Koraput Town.

**Current Vacancies:** PGT (CHEMISTRY) – 01

(By order of Collector & DM, Koraput)

Sd/- **Principal, OMAV, Jeypore &**
Nodal Principal, OAVs. Koraput



ପୌର ପରିଷଦ କାର୍ଯ୍ୟାଳୟ : ଭବାନୀପାଟଣା

C-1096 **OFFICE OF THE MUNICIPAL COUNCIL : BHAWANIPATNA**
Bhawanipatna, Dist- Kalahandi, Pin-766001, Odisha, Phone No- (06670) 230424 Mail- eobptm@yahoo.com

**No. 277 /BPM.** **Date: 16-09-2025**

Sealed tenders are invited from eligible, experienced, and authorized vendors for the supply, installation, commissioning, and maintenance of Outdoor Full Colour LED Display Panels with a content management system as per the technical specifications, scope of work, and terms and conditions provided in this document.. Quotationer's having up to date GST Registration Copy/PAN Card Copy / Registration Copy for Supplying, fitting and fixing outdoor LED Display Board. The material should be installed at Bhawanipatna Municipality as per the specification mentioned in BOQ & Technical Specification.

| Sl. No | Title of Project | EMD | Time for completion of Projects | Tender Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing of outdoor LED Display Board alongwith allied works at Bhawanipatna Municipality | Rs. 10000/- | One Month | Rs. 6000/- |

The Bid documents to be downloaded from the official Website of Kalahandi District www.kalahandi.gov.in & Bhawanipatna Municipality Website www. bhawanipatnamunicipality.in from dt. 16.09.2025 to 26.09.2025. The quotation shall be submit in the address of Executive Officer, Bhawanipatna Municipality, Dist-Kalahandi, Pin-766001. Last date of receipt of bid is 5.30 PM, on 26.09.2025 through speed post/ registered post only . Bhawanipatna Municipality will in no way be responsible for any delay in receipt of the Bid documents. Authority reserves &ILrieht to reject any or all quotations without assigning any reason thereof.

OIPR-13100/11/0014/2526

**Sd/- Executive Officer**
**Bhawanipatna Municipality**



**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 18/08/2025. I Jagannath Sarangi, Address- Baniatangi, Po.- Bajapur, Ps.- Khordha Sadar, Odisha, Pin-752060 declare that Ihave changed the Name of my son from **Ronan Sarangi** to **Rohan Sarangi**. Henceforth he shall be known as **Rohan Sarangi** for all purposes.

**AFFIDAVIT**

By virtue of an affidavit No.732 dated. 06/09/2025, before Notary Public, Bangalore Metropolitant Area, Karnataka, that I have changed my name from **Sujay Panda** (Old Name) to **Sujay Arun Panda** (New name) **DOB: 22/03/2002,** S/o- Arun Panda, residing at: Immanuel English School, Jhinkarguda, Tankua, Jeypore, Dist-Koraput, Odisha, Pin-764003, India. Henceforth, I shall be known as **Sujay Arun Panda** (new name) for all future purposes.

**AFFIDAVIT**

I, Susanta Kumar Rautaray S/o Sasi Rautray, Resident of Vill/PO-Sunakhala, PS-Nachuni, Dist-Khorda, Odisha, declare by this affidavit No.1823 dtd 08.09.2025 that now onwards I shall be known as **SUSANT KUMAR RAUTRAY** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Berhampur, Dist-Ganjam, dated- 17/06/2025. I, **Tarun Kumar Sethy,** Address: Retang Colony, Jatani, Dist- Khorda, Odisha, PIN- 752050 declare that I have changed my name from **Tarun Kumar Swain to Tarun Kumar Sethy.** Henceforth, I shall be known as **Tarun Kumar Sethy** (new name), S/o Sombaru Sethy for all future purposes.

**Tarun Kumar Sethy**

**AFFIDAVIT**

By virtue of an affidavit before the Notary Public. Jeypore, on dt.15.08.2025. **I, Arun Panda** S/o - Ponuel Panda, At-Immanuel English School, Jhinkarguda, Po-Tankua, Ps-Jeypore Sadar, Dist-Koraput (Odisha) declare by this affidavit no.991 that, as per Aadhar card, my actual name is Arun Panda. But in my son Sujay Arun Panda's 10th certificate my name has been wrongly mentioned as Arun Ponuel Panda instead of Arun Panda. Both names belongs to one and same person. Henceforth. I shall be known as **Arun Panda** for all future Purposes.

**AFFIDAVIT**

I DOKI SANDHYARANI PATRO, W/o- DOKI HARI KRISHNA, resident of Jagat Janani Road, V.I.P Lane, Po./Ps.- Jeypore, Dt.- Koraput- 764001, Odisha declare by this Affidavit No.3674, Dated- 08/09/2025, that now onwards I shall be known as **DOKI SANDHYARANI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Puri, No- 2733 on dated 01-05-2025 I, **DINDAYAL DAS,** S/o Ramakanta Mahalik resident of Village At.- Matittota 5th lane, PO/PS- Puri, Dist-Puri, State- Odisha, Pin- 752001, declare that I have changed my name from **DEBENDRA MAHALIK** (Old name) to **DINDAYAL DAS** (New name), Henceforth, I shall be known as **DINDAYAL DAS** for all purposes.

Sd-( **DINDAYAL DAS**)

**AFFIDAVIT**

I Satish Kumar Behera residing At/Po-Bodhanga, PS-Nischintakoili, Dist-Cuttack, Odisha-754207 have changed the name of my son from "Ivaan Kumar"to "Ivaan Kartikesh" vide affidavit sworn before Executive Magistrate, Bhubaneswar dated 10.09.25. Henceforth, he shall be known as "Ivaan Kartikesh" for all purposes.

**Sd/- Ivaan Kartikesh**

**NOTICE**

By virtue of an affidavit sworn before E.M Danagadi, Dtd - 04.09.2025 I Azad Khan D.O.B - 06.04.2001, Vill- Jagannathsahi, Nizigarh, Po/Ps - Sukinda, Dist - Jajpur declare that I have changed my name from Manoj Khan D.O.B- 20.06.1999 to Azad Khan D.O.B - 06.04.2001. Henceforth I shall be known as Azad Khan D.O.B - 06.04.2001 for all purposes.

**Sd/- Azad Khan**

**AFFIDAVIT**

I Ashok Kumar Dash, S/o- Radha Krishna Dash resident of Qtr. no. B/153, Sector-1, Nalco Township, Po./Ps.- Damanjodi, Dist.- Koraput, PIN- 763008, by virtue of an affidavit no.330 dated 08/09/2025 sworn before the Executive Magistrate Semiliguda delcare that, I have changed my name from **Ashok Kumar Das** to **Ashok Kumar Dash**. Henceforth, I shall be known as **Ashok Kumar Dash** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 18/08/2025. I Balabhadra Sarangi, Address- Rairang, Po.- Bajapur, Ps.- Khordha Sadar, Odisha, Pin-752060 declare that, I have changed the Name of my daughter from **Nandini Sarangd** to **Nandini Sarangi**. Henceforth, she shall be known as **Nandini Sarangi** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 22/07/2025. I, **Sanjeev Kumar Jain** (new name), formerly called as Sanjib Jain, S/o- Anand Kumar Jain, permanent resident of At/Po/Ps- Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my name from **Sanjib Jain** (old name) to **Sanjeev Kumar Jain** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sanjeev Kumar Jain** (new name).

**Sanjeev Kumar Jain**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide CF. No. 6 on dtd. 15/09/2025. I, **LIPUN PRUSTY,** S/o- Laxmidhar Prusty, permanent resident of At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin-752026, currently residing At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin- 752026 declare that my name have changed from **Lipuni Prusty** to **Lipun Prusty.** Henceforth, I shall be known as **LIPUN PRUSTY** for all purposes.

**LIPUN PRUSTY**

**AFFIDAVIT**

By virtue of an affidavit no 4164 Swarn before the notary public swampatna on date 15/09/2025. I **Purnima Munda,** aged 19 years, D/O- Chhotray Munda, Resident of At- Ghatabalijodi, Po- Dumuria, Ps- Ghatagaon, Dist- Keonjhar, Odisha my name & date of birth in H.S.C is mentioned **Purnima Munda** & dtd-**25/10/2006** but in Aadhar Card is incorrectly mentioned as **Purnami Munda** & date of birth **01/01/2006.** Henceforth, I shall be known as **Purnima Munda,** D/o- Chhotray Munda & the date of birth **25/10/2006** for all future purposes.

**Purnima Munda**

**AFFIDAVIT**

I, Mohammad Shabbir, aged about 68 years, S/o- Late Ahamad Raza Khan, resident of At- Flat No. G-404, G-block, Akansha Apartment, Ward No-09, Tifra, Abhilasha Parisar, Bilaspur, Dist- Bilaspur, Pin- 495001, Chhatisgarh declare by this affidavit No.1920, dtd- 15.09.2025, that now onwards I shall be known as **MOHAMMAD SHABBIR KHAN** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar on dated- 15/09/2025. I, **Pramod Kumar Parida,** S/o- Late Kelu Charan Parida, Address: Plot No. 202/203, Paikanagar, Ps- Nayapalli, Bhubaneswar, Dist- Khordha, PIN- 751003, Odisha declare that I have changed my name from **Pramod Parida** To **Pramod Kumar Parida.** Henceforth, I shall be known as **Pramod Kumar Parida** (new name) for all future purposes.

**Pramod Kumar Parida**

**AFFIDAVIT**

I **Bikrama Keshari Behera** father of Rajesh Behera (No **6495419M, Rank- Hav/Ash),** resident of **Village- Badapal, Teh- Kujang, Dist- Jagatsinghpur, State - Odisha Pin- 754140**. I have changed my name from **Bikrama Keshari Behera to Bikram Keshari Behera** vide affidavit No-2438, on dated 08/09/2025 before The Executive Magistrate, Kujang, Jagatsinghpur, Odisha. Henceforth, I shall be known as **Bikram Keshari Behera** tor all purpose.

**Bikram Keshari Behera**

**AFFIDAVIT**

By virtue of an affidavit No. 2744 sworn before the Executive Magistrate, Khordha on dated- 03/09/2025. I **Rasmita Pradhan,** age 45 yrs, W/o- Dillip Kumar Pradhan, resident of At- Balipatana, Po- Kunjuri, Ps-Khordha Sadar, Dist- Khordha, Odisha, Pin- 752056, declare that as per certificate of my son's central board of secondary education, Roll No- 12178882 & name mentioned **Subhrajit Pradhan** but in Aadhar Card bearing No- 6660 2865 7285 name was **Sriman Subhrajit Pradhan** instead of Subhrajit Pradhan. Henceforth, **Subhrajit Pradhan** and **Sriman Subhrajit Pradhan** is one and same parson for all future purposes.

**Rasmita Pradhan**

**AFFIDAVIT**

I, Pradip Kumar Das, S/o- Raghunath Das, resident of Sayadpur, Narua, Dist- Jajpur, Pin- 755027, Odisha declared by this affidavit No. 746, dtd- 16/09/2025 that now onwards I shall be known as **PRADEEP KUMAR DAS** for all future purposes.



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2025039, ତା.08.09.2025ରିଖ

**କାର୍ଯ୍ୟର ନାମ :** ନିର୍ଗୁଣ୍ଡି-ବାରଙ୍ଗ (22 କି.ମି.), ଖୋର୍ଦ୍ଧା ରୋଡ୍-ବିଜୟନଗରମ (363 କି.ମି.) ଏବଂ ଭଦ୍ରକ-ବିଜୟନଗରମ ସେକ୍ସନ (385 କି.ମି.) ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP) : EPC ମୋଡ୍‌ରେ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ନଂ. 539 (CH. 402521 M ଠାରେ ବିରୂପା ନଦୀ ଉପରେ 16 X 30.5 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 544 (CH. 406305 M ଠାରେ ମହାନଦୀ ନଦୀ ଉପରେ 32 X 65.84 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 553 (CH. 411589 M ଠାରେ କାଠଯୋଡ଼ି ନଦୀ ଉପରେ 18 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 557 (CH. 414607 M ଠାରେ କୁଆଖାଇ ନଦୀ ଉପରେ 20 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର) ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 135539.12 ଲକ୍ଷ, EMD : ₹ 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.11.2025ରିଖ 1200 ଘଣ୍ଟାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ହାତ ଦ୍ୱାରା କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

**ମୁଖ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିକ୍ରେତାମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-107/CI/25-26

## ରାସ୍ତା ଦବି ଫସିଲା ମାଲ ବୋଝେଇ ଟ୍ରକ



ମେଲଛାମୁଣ୍ଡା,୧୬।୯ (ସମିସ): ବରଗଡ଼ ଜିଲ୍ଲା ଘେଁସ ବଡଯୋର ନିକଟରେ ଜାତୀୟ ରାଜପଥ ଉପରେ ଏକ ମାଲ ବୋଝେଇ ଟ୍ରକ ରାସ୍ତା ଦବି ଫସି ରହିବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ରାଜସ୍ଥାନରୁ ମାଲ ନେଇ ଆସୁଥିବା ଗୋଟିଏ ଟ୍ରକ୍ ସୋହେଲା ପଟରୁ ପଦ୍ମପୁର ପଟକୁ ଯାଉଥିବା ସମୟରେ ଘେଁସ ବଡଯୋର ନିକଟରେ ଜାତୀୟ ରାଜପଥ ଉପରେ ଚକ ଦବିଯାଇ ଘଣ୍ଟାଘଣ୍ଟା ଧରି ଫସି ରହିଥିଲା। ନିମ୍ନମାନର କାମ ହୋଇଥିବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଲୋକେ ଆଲୋଚନା କରିଥିଲେ। ଏପରିକି ରାସ୍ତା ପାଇଁ ଜମି ଅଧିଗ୍ରହଣରେ ମଧ୍ୟ ଚାଷୀଙ୍କ ପ୍ରତି ପ୍ରତାରଣା ହୋଇଥିବା କହିଥିଲେ। ଦବି ଯାଇଥିବା ସ୍ଥାନଟିରେ କିଛି ମେଟାଲ ପୂରେଇ ବିଭାଗୀୟ ସଂସ୍ଥା ନିଜ କାମ ସାରି ଦେଇଥିବା ବେଳେ ମରାମତି କାର୍ଯ୍ୟ ନେଇ ବରଗଡ଼ ଆର୍‌ଏଣ୍ଡବି ଏସିଙ୍କୁ ପଚାରିବାରୁ ରାସ୍ତାଟିର ମରାମତି ହୋଇଯାଇଛି କହି କଥା ଏଡାଇ ଦେଇଥିଲେ।

## ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଓ ଭକ୍ତି ବର୍ଷଣ ସମାବେଶ ପାଇଁ ପ୍ରସ୍ତୁତି

■ ଅକ୍ଟୋବର ୧୨ରେ ହେବ ସଂକୀର୍ତ୍ତନ ସମାବେଶ



ବରଗଡ଼,୧୬।୯ (ସମିସ): ଜିଲ୍ଲା ସଂକୀର୍ତ୍ତନ ପରିଷଦ ଓ ଝାରବନ୍ଧ ବ୍ଲକ୍ ଅଧୀନ କୁର୍ଲୁପାଲି ରାଧା ମାଧବ ସଂକୀର୍ତ୍ତନ ମଣ୍ଡଳୀ ମିଳିତ ଆନୁକୂଲ୍ୟରେ ଆସନ୍ତା ଅକ୍ଟୋବର ମାସ ୧୨ ତାରିଖରେ ଝାରବନ୍ଧ ବ୍ଲକ୍ କୁର୍ଲୁପାଲି ଠାରେ ଏକ ବିରାଟ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଓ ଭକ୍ତି ବର୍ଷଣ ମହୋତ୍ସବ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯଶ ପଟେଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରମୋଦ ସାହୁଙ୍କ ସଂଯୋଜନା ଓ ପରିଚାଳନାରେ ଅନୁଷ୍ଠିତ ବୈଠକରେ ବଳରାମ ପଶାୟତ, ଦୁଃଖୀଶ୍ୟାମ ପ୍ରଧାନ, ଭୁବନେଶ୍ୱର କଠୁଆର, ଗୋପବନ୍ଧୁ ସା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆଖ ପାଖ ୧୦ରୁ ଊର୍ଦ୍ଧ୍ୱ ଗାଁର ମୁଖିଆ ଯୋଗ ଦେବା ସହ ନିଜ ମତାମତ ଉପସ୍ଥାପନ କରିଥିଲେ। ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ସଂକୀର୍ତ୍ତନ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେବେ ବୋଲି ସୂଚନା ପ୍ରଦାନ କରାଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୋଦ ପ୍ରଧାନ ଉପସ୍ଥିତ ସମସ୍ତ ସଂକୀର୍ତ୍ତନ ସଂସ୍କୃତି ପ୍ରେମୀଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ



ବରଗଡ଼,୧୬।୯ (ସମିସ): ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନଶିକ୍ଷକ ବନ ବିହାରୀ ଦାଶଙ୍କ ପରଲୋକ ଘଟିଛି। ତାଙ୍କ ନିଜ ଗାଁ ବରପାଲିର ସୁନାରି ପଡା ହୋଇଥିବା ବେଳେ ଏବେ ସେ ବରଗଡ଼ରେ ରହୁଥିଲେ। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ରାଣା ପ୍ରତାପ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଶୋକ ପ୍ରକାଶ କରିଥିବା ବେଳେ ସେ କାର୍ଯ୍ୟ କରିଥିବା ବିଭିନ୍ନ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

### ବରଗଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ପୂର୍ଣ୍ଣାଙ୍ଗ କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟକ୍ଷମ ପାଇଁ ସରକାରଙ୍କୁ ଘେରିଲା ବିଜେଡି

ବରଗଡ଼,୧୬।୯ (ସମିସ):

ବରଗଡ଼ ଜିଲ୍ଲାରେ ଦିନ କୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ପାଖାପାଖି ୬ ଶହ ରହିଥିବା ବେଳେ ଏବେ ମାତ୍ର ୩୦ ପ୍ରତିଶତ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ଡାକ୍ତର ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନରତ ଅଛନ୍ତି। ଏଥି ସହିତ ୬୦ ପ୍ରତିଶତ ପାରା ମେଡିକାଲ ଷ୍ଟାଫ୍ ପଦବୀ ଖାଲି ରହିଛି। ଫଳରେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। କ୍ଷମତାକୁ ଆସିବା ପୂର୍ବରୁ ବାହାସ୍ଫୋଟ ମାରିଥିବା ବିଜେପି ସରକାର ଆସିବାର ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇ ଯାଇଥିଲେ ବି ଡାକ୍ତର ପଦବୀ ପୂରଣ ତ ଦୂରର କଥା ଧୀରେ ଧୀରେ ସ୍ୱାସ୍ଥ୍ୟସେବା ବେହାଲ ହୋଇପଡୁଛି। ଜନସାଧାରଣ ନାହିଁ ନ ଥିବାର ଦୁଃଖ ଭୋଗ କରୁଛନ୍ତି ବୋଲି ବିଜେଡି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି।

ବରଗଡ଼ ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲା, ଗୌରହରି ମିଶ୍ର, ଯୁବ



### ସବୁ ଜାଣି ବି ସ୍ୱାସ୍ଥ୍ୟମନ୍ତ୍ରୀ ନୀରବ

ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, କିଶୋର ମିଶ୍ର, ଉମା ଚରଣ ରାଉତ ପ୍ରମୁଖ ବିଜେପି ସରକାରକୁ କଟୁ ସମାଲୋଚନା କରିଥିଲେ। ଏହାସହିତ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବରଗଡ଼ରେ ସ୍ଥାପିତ କ୍ୟାନ୍‌ସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଚେତାବନୀ ଦେଇଥିଲେ। ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ବରଗଡ଼ ବାସୀଙ୍କ ଦାବିକୁ ସମ୍ମାନ ଜଣାଇ ଜି + ୫ ଡିଜାଇନ୍‌କୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଯେଉଁଥିରେ ଗ୍ରାଉଣ୍ଡ ଫ୍ଲୋରରେ ଡିପାର୍ଟମେଣ୍ଟ ଅଫ ରେଡିଏସନ୍ ଥେରାପି ସହିତ ବଙ୍କର, ମେଡିକାଲ୍ ଆଙ୍କୋଲୋଜି, ଓପିଡି ସର୍ଜିକାଲ ଆଙ୍କୋଲୋଜୀ, ଓପିଡି ୨୦ନ ଡେ କେୟାର ବେଡ, ହଟ ଚେମ୍ବର, ସର୍ଜିକାଲ୍ ଆଙ୍କୋଲୋଜୀ ଓ ଟି ୨୦ ବେଡେଡ ଆଇସିୟୁ ମଞ୍ଜୁରୀ ହୋଇଥିଲା। ୨୦୨୧ ମସିହାର ଶେଷ ଭାଗକୁ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ହସ୍ପିଟାଲ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ମଧ୍ୟ ଯୋଗାଇ ଦିଆ ଯାଇଥିଲା। ଧାର୍ଯ୍ୟ ସମୟ ପୂର୍ବରୁ ୨୦୨୪ ଜାନୁଆରୀ ମାସରେ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥି ସହିତ ତିନି ଜଣ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆ ଯାଇ କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟକ୍ଷମ କରାଯାଇଥିଲା। ୨୦୨୪ ରାଜ୍ୟରେ ବିଜେପି ସରକାର ଗଠନ ହେଲା ପରେ ସରକାରୀ ଉଦାସୀନତା ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ଅଣ ଦେଖା ଫଳରେ ଧୀରେ ଧୀରେ କ୍ୟାନ୍‌ସର ହସ୍ପିଟାଲ ତାର ଅସ୍ତିତ୍ୱ ହରାଇ ବସିଛି। ଦୁଃଖର ବିଷୟ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବରଗଡ଼ ଜିଲ୍ଲା ଦାୟିତ୍ୱରେ ରହିଥିବା ବେଳେ ବରଗଡ଼ କ୍ୟାନ୍‌ସର ହସ୍ପିଟାଲ ପ୍ରତି ଆଖିବୁଜି ଦେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ବିଜେଡି ଉଲ୍ଲେଖ କରିଛି। ତୁରନ୍ତ ଏହି କ୍ୟାନ୍‌ସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ବିଗତ କିଛିଦିନ ହେବ ସୋସିଆଲ ମିଡିଆରେ କ୍ୟାନ୍‌ସର ହସ୍ପିଟାଲ ମତେ ବଞ୍ଚାଅ ବୋଲି ଚିତ୍କାର କରି କହୁଛି ବୋଲି ବିଭିନ୍ନ ପ୍ରକାର ପୋଷ୍ଟ ଦେଖିବାକୁ ମିଳୁଛି। ଏବେ ଜିଲ୍ଲାରେ ଦିନକୁ ଦିନ କ୍ୟାନ୍‌ସର ପୀଡିତଙ୍କ ସଂଖ୍ୟା ବଢ଼ିବା ଚିନ୍ତାର ବିଷୟ ହୋଇଛି। ଏପରିସ୍ଥଳେ ଯଦି ସରକାର ତୁରନ୍ତ ସମସ୍ୟାର ସମାଧାନ ନ କରିବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆ ଯାଇଛି।

# ଦିଲ୍ଲୀରେ ମିଳନ୍ ପରିବାର ଦ୍ୱାରା ନୂଆଁଖାଇ ଭେଟ୍‌ଘାଟ୍




ବରଗଡ଼,୧୬।୯ (ସମିସ): ରାଜ୍ୟର ପଶ୍ଚିମାଞ୍ଚଳର ଅନ୍ୟତମ ଆଦି ପର୍ବ ତଥା କୃଷିଭିତ୍ତିକ ମହାନ ସାଂସ୍କୃତିକ ପର୍ବ ନୂଆଁଖାଇ ଭେଟ୍‌ଘାଟ୍ ରାଜଧାନୀ ଦିଲ୍ଲୀର ପଣ୍ଡାରା ପାର୍କ, ପଣ୍ଡାରାରୋଡ ଠାରେ ଅତି ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ମିଳନ୍ ପରିବାର୍ ଆନୁକୂଲ୍ୟରେ ସପ୍ତମ ବର୍ଷରେ ପଦାର୍ପଣ କରିଥିବା ଏହି ଆନନ୍ଦ ଉଲ୍ଲାସର ପର୍ବ ସ୍ଥାନୀୟ ଇଣ୍ଡିଆ ଗେଟ ନିକଟସ୍ଥ ପାଣ୍ଡରା ପାର୍କ ଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱାଦିଷ୍ଟ ବ୍ୟଞ୍ଜନ ପରିବେଷଣ ଓ ପରସ୍ପର ଭେଟ ମଧ୍ୟରେ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅମର ଦାଶ, ମଧୁସୂଦନ ଗର୍ଦ୍ଦିଆ, ଆଲିଶା ବାଗ, କରଣରାଜ, ନୂପୁର ମଲ୍ଲିକ, ପୁଷ୍ପରାଜ ସୁନା ଭଳି କଳାକାର ମାନେ ପଶ୍ଚିମାଞ୍ଚଳର ଲୋକପ୍ରିୟ ସଂଗୀତ ପରିବେଷଣ କରିଥିଲେ। ପନ୍‌ଚବାଦ୍ୟ ଅନୁଷ୍ଠାନର ନୃତ୍ୟ ଶିଳ୍ପୀ ମାନେ ଗୀତର ତାଳେ ତାଳେ ନୃତ୍ୟ କରି ଚାଲିଥିଲେ। ଏପରିକି ଦର୍ଶକ ମାନେ ମଧ୍ୟ ଦୀର୍ଘ ସମୟ କାଳ ନୃତ୍ୟ କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଧର୍ମିଣି ମୃଦୁଳା ଠାକୁର, ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ପରବେଶ ସିଂ ବର୍ମାଙ୍କ ସହଧର୍ମିଣି ସ୍ୱାତି ବର୍ମା, ନୂଆଁଦିଲ୍ଲୀର ଲୋକସଭା ସାଂସଦ ବାଁଶୁରି ସ୍ୱରାଜ, ରାଜ୍ୟସଭା ସାଂସଦ ସୁଲତା ଦେଓ, କଳାହାଣ୍ଡିର ଲେଖକ ଭବାନୀ ଶଙ୍କର ନିଆଲ, ସମାଜସେବୀ ନିଲ ମାଧବ ସିଂ ଦେଓ ପ୍ରମୁଖ ଏଥିରେ ଯୋଗ ଦେଇ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରାୟ ଦୁଇ ହଜାର ପ୍ରବାସୀ ଓଡ଼ିଆ ଏହି ଉତ୍ସବରେ ଯୋଗ ଦେଇଥିଲେ। ଉତ୍ସବକୁ ମିଳନ୍ ପରିବାର୍‌ର ସଭାପତି ଶଶି ଭୂଷଣ, ଉପସଭାପତି ନନ୍ଦକିଶୋର, ସମ୍ପାଦକ ବିଶ୍ୱନାଥଙ୍କ ସମେତ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିଥିବା ଜଣାଯାଇଛି। ଓଡ଼ିଶାରୁ ପ୍ରାଚୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

### ବ୍ୟାଙ୍କ ସଚେତନତା ସଭା

## ସତର୍କତା ଆମର ମିଳିତ ଦାୟିତ୍ୱ

ବିଜେପୁର,୧୬।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ତାଳପଦର ସ୍ଥିତ ୟୁନିଅନ ବ୍ୟାଙ୍କର ଗ୍ରାହକ ସଚେତନତା ସଭା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ବ୍ୟାଙ୍କିଙ୍ଗ୍ ସୁବିଧା ସହଜ ଓ ଡିଜିଟାଲ୍ ହୋଇଥିବାରୁ ଗ୍ରାହକମାନେ ସମୟ ବଞ୍ଚାଇ ପାରୁଛନ୍ତି। କିନ୍ତୁ ଠକ ମାନେ ମଧ୍ୟ ସେହିପରି ବିଭିନ୍ନ ଉପାୟ ଅବଲମ୍ବନ କରୁଥିବାରୁ ସଚେତନତାର ଆବଶ୍ୟକତା ଅଧିକ ବଢ଼ିଛି। ସତର୍କତା



ଆମର ମିଳିତ ଦାୟିତ୍ୱ ଅଟେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ତାଳପଦର ଶାଖା ପରିଚାଳକ ଦିବ୍ୟ ମହାପାତ୍ର, ସମ୍ବଲପୁର ଆର୍‌ଓର ଡିଜିଏମ ଧର୍ମେନ୍ଦ୍ର ରଜୋରିଆ, ଅଂଶୁପ୍ରୟାସ ଦ୍ୱିବେଦୀ, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ପଧାନ, ଗାଁର ଗୌତିଆ ଚୂଡାମଣି ପଧାନ, ବ୍ୟାଙ୍କମିତ୍ର ରୋଜି ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟାଙ୍କରେ ଦେଣନେଣ ସମୟରେ ଆସୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଏସଏଚଜି ମହିଳା ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ଅବସରରେ ସନ୍ଦେହ ମୋଚନ ପାଇଁ ଗ୍ରାହକ ଓ ବ୍ୟାଙ୍କ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବିଶ୍ୱ ଓଜୋନ୍ ଦିବସ

# ଓଜୋନ୍ ବାୟୁମଣ୍ଡଳର ସୁରକ୍ଷା କବଚ








ଅମ୍ବାଭୋନା,୧୬।୯ (ସମିସ):

ସ୍ଥାନୀୟ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ମାର୍ଗଦର୍ଶନରେ ଶିକ୍ଷକ ଦିନବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ କ୍ଲବ୍ ଦ୍ୱାରା ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ମନୋହର ସାହୁ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଜୋନ ଆମ ବାୟୁମଣ୍ଡଳର ଏକ ସୁରକ୍ଷା କବଚ ଯାହା ରେଫ୍ରିଜିରେଟର, ଶୀତତାପ ନିୟନ୍ତ୍ରକ କୋଠରୀରୁ ହେଉଥିବା କ୍ଲୋରୋଫ୍ଲୋରୋ କାର୍ବନ ଦ୍ୱାରା କ୍ଷୟ ହେଉଥିବା ବିଷୟ ବିଜ୍ଞାନ ଶିକ୍ଷକ ମନୋହର ସାହୁ ପ୍ରକାଶ କରିଥିଲେ। ଶିକ୍ଷକ ଶୁଭାଶିଷ ଜଗତ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ମଧୁସୂଦନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦଶମ ଶ୍ରେଣୀର ଶୀତଳ ପଟେଲ ଓଜୋନ କିପରି କ୍ଷୟ ହୁଏ, ନବମ ଶ୍ରେଣୀର ଝସକେତନ ରଣା, ଓଜୋନ ସ୍ତର କ୍ଷୟର କାରଣ, ଦଶମ ଶ୍ରେଣୀର ଛାତ୍ରୀ ଅନାମିକା ପ୍ରଧାନ ଅତିବାଇଗଣି ରଶ୍ମିର କ୍ଷତି କାରକ ଗୁଣ ଓ ଦଶମ ଶ୍ରେଣୀର ଛାତ୍ରୀ ସେବତୀ ନାୟକ ଓଜୋନ କଣ ସେବିଷୟରେ ନିଜ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଦିନବନ୍ଧୁ ପଣ୍ଡା ପରିବେଶ ସୁରକ୍ଷା ପାଇଁ ଓ ସଚେତନତା ପାଇଁ ଏହି ଦିବସ ଅନ୍ତର୍ଜାତୀୟ ସ୍ତରରେ ପାଳିତ ହେଉଥିବା ବିଷୟ ପ୍ରକାଶ କରିଥିଲେ। ବିଜ୍ଞାନ କ୍ଲବ୍‌ର ସମସ୍ତ ସଦସ୍ୟ, ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**ବରଗଡ଼:** ଅନ୍ତର୍ଜାତୀୟ ଓଜୋନ୍ ସ୍ତର ସୁରକ୍ଷା ଦିବସ ପରିପ୍ରେକ୍ଷୀରେ ବିଶ୍ୱ ଓଜୋନ୍ ଦିବସ ସେପ୍ଟେମ୍ବର ୧୬ ତାରିଖରେ ବରଗଡ଼ର ପଞ୍ଚାୟତ କଲେଜଠାରେ ପାଳିତ ହୋଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ମମତା ସାହୁ ସ୍ୱାଗତ ଭାଷଣ ପ୍ରଦାନପୂର୍ବକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଶାସନିକ ମୁଖ୍ୟ ସହକାରୀ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର, ସହକାରୀ ପ୍ରଫେସର ସୁବଳ ମେହେର ଏବଂ ସମୀର ସେଠଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା ସଭାରେ ଓଜୋନ୍ ସ୍ତରର ସୁରକ୍ଷା ସମ୍ପର୍କୀତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ସମୀର ସେଠ୍ ଓଜୋନ୍ ସ୍ତର ହ୍ରାସ, ସେଠାରେ ସୃଷ୍ଟି ହେଉଥିବା ରନ୍ଧ୍ର ଏବଂ ଏହାର ସଂରକ୍ଷଣ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ପ୍ରଦାନ କରିଥିଲେ।

**ପଦ୍ମପୁର:** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଏକୋଇଶ ନମ୍ବର ପ୍ରକୋଷ୍ଠରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଓଜୋନ୍ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ଦାଶ ଓଜୋନ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଣୀବିଜ୍ଞାନ ଅଧ୍ୟାପକ ଡ.ସୁବୋଧ ତ୍ରିପାଠୀ ବାୟୁମଣ୍ଡଳର ଓଜୋନ ସ୍ତରର ଉପକାରୀତା ଏବଂ ସୂର୍ଯ୍ୟରୁ ଆସୁଥିବା ଅତି ବାଇଗଣି ରଶ୍ମିର ଅପକାରିତାରୁ ଏହା କିପରି ଆମକୁ ସୁରକ୍ଷା ପ୍ରଦାନ କରେ ତାହା ବର୍ଣ୍ଣନା କରିଥିଲେ। ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ମୋନାଲିସା ସ୍ୱାଇଁ ଓଜୋନ ସ୍ତରକୁ ରକ୍ଷା କରିବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ପ୍ରାଣୀ ବିଜ୍ଞାନର ପ୍ରାଧ୍ୟାପିକା ତାପିନୀ ପଣ୍ଡା ଓଜୋନ ସ୍ତର ହ୍ରାସର କ୍ଷତିକାରକ ପ୍ରଭାବ, ଯେପରିକି ବିଶ୍ୱତାପନ, ଚର୍ମରୋଗ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ।



ଏହି ଅବସରରେ ପୂର୍ଣ୍ଣିମା ଦୋରା, ଝୁନୁ ପରିଡା, ଅଧ୍ୟାପକ ଡ.ସରୋଜ ନାୟକ, ପ୍ରମୋଦ ପାଣିଗ୍ରାହୀ, ଡ.ତୁଷାରକାନ୍ତ ସାହୁ, ସଞ୍ଜୟ ଟିଗ୍ଗା ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରବି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୬।୯(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶରେ ସଚେତନତା କାର୍ଯ୍ୟକ୍ରମ ବ୍ରଜରାଜନଗର ସ୍ଥିତ ଇନ୍ଦିରା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସୋସିଆଲ ମିଡିଆ ବ୍ୟବହାରରେ ସୁରକ୍ଷା, ସାଇବର ଆଇନ୍, ପକ୍ସୋ ଆକ୍ଟ ଏବଂ ଯୌନ ନିର୍ଯାତନା ଓ ଅନ୍ୟ ଅପରାଧରେ ପୀଡିତା ମହିଳାଙ୍କ ପାଇଁ ଥିବା କ୍ଷତିପୂରଣ ଯୋଜନା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ଡିଏସପି ବନିତା ମାଝୀ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସଂଯୁକ୍ତା ମହାପାତ୍ର ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୀତି ଚତୁର୍ବେଦୀ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଇଣ୍ଡିଆନ ବ୍ୟୁଟି କାଉନସିଲ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ବରଗଡ଼,୧୬।୯(ସମିସ): ନୂଆଁଖାଇ ପର୍ବ ପାଳିତ ହେଲା ପରେ ଆଉ ଗୋଟିଏ ପର୍ବ ତା ସାଙ୍ଗରେ ସମାବିଷ୍ଟ ହୋଇ ପର୍ବର ମଜା ଓ ମହାନତାକୁ ଦ୍ୱିଗୁଣିତ କରିବା ପାଇଁ ସବୁଆଡେ ପାଳିତ ହୁଏ ନୂଆଁଖାଇ ଭେଟଘାଟ। ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରୁ ନେଇ ବିଦେଶରେ ରହୁଥିବା ପ୍ରବାସୀ ମାନେ ମହାଆଡମ୍ବରରେ ପାଳନ କରିଥାନ୍ତି ନୂଆଁଖାଇ ଭେଟଘାଟ। ସେହିପରି ଏକ ନୂଆଁଖାଇ ଭେଟଘାଟ ଇଣ୍ଡିଆନ ବ୍ୟୁଟି କାଉନସିଲ୍, ବରଗଡ଼ ଶାଖା ପକ୍ଷରୁ ହୋଟେଲ ସ୍ନିଗ୍ଧା ଠାରେ ଅନୁଷ୍ଠିତ ହୋଇଯାଇଛି।



ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ବ୍ୟୁଟିସିଆନ ମାନଙ୍କ ଦ୍ୱାରା ଗଠିତ ଏହି ସଂଗଠନ ପ୍ରସାଧନିକ ସେବା ଦେବାରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଏହି କ୍ଷେତ୍ରରେ ଅସଂଖ୍ୟ ମହିଳା ମାନଙ୍କ କୌଶଳ ବିକାଶ କରି ସ୍ଥାନୀୟ ଅଞ୍ଚଳରେ ସେମାନଙ୍କୁ ରୋଜଗାର ଓ ସ୍ୱାବଲମ୍ବୀ କରି ପାରିଛି। ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ପ୍ରସାଧନିକ ବିଶେଷଜ୍ଞ ମିନତି ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ଭେଟଘାଟ ଉତ୍ସବରେ ଆମେରିକାରୁ ଆସିଥିବା ଇଣ୍ଡିଆନ ବ୍ୟୁଟି କାଉନସିଲ୍‌ର ଉପଦେଷ୍ଟା ପ୍ରସିଦ୍ଧ ସିନ୍ଥେଟିକ୍ ଫାଇବର ବିଶେଷଜ୍ଞଙ୍କ କ୍ରିଷ୍ଟି ଯୁଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ଭାଷଣରେ ବରଗଡ଼ର କଳା ଓ କଳାକାର ମାନଙ୍କୁ ନେଇ ଏହାର ପରମ୍ପରା, ସଂସ୍କୃତି ଓ ଆତିଥ୍ୟରେ ସେ ବିମୁଗ୍ଧ ବୋଲି ପ୍ରକାଶ କରିଥିଲେ। ପ୍ରଥମ ଅଧିବେସନରେ ପ୍ରସାଧନିକ ବିଷୟ ବସ୍ତୁକୁ ନେଇ ଏକ ସେମିନାର ଆୟୋଜିତ ହୋଇଥିଲା। ଏଥିରେ କଲିକତାରୁ ପ୍ରଶିକ୍ଷକ ଆସି ତାଲିମ ଦେଇଥିଲେ। ଦ୍ୱିତୀୟ ଅଧିବେସନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରଶିଳ୍ପୀ ରାଜେନ୍ଦ୍ର ସିକନ୍ଦର, ବୟନିକା ନିର୍ଦ୍ଦେଶକ ସଂଜୟ ମେହେର, ନୃତ୍ୟଗୁରୁ, କଣ୍ଠ ଶିଳ୍ପୀ, ତପସ୍ୱିନୀ ଗୁରୁ, ଫିଲ୍ମ ନିର୍ଦ୍ଦେଶକ ଜୟପ୍ରକାଶ ସାହୁ, ବସ୍ତ୍ରମ୍‌ର ପ୍ରତିଷ୍ଠାତା ପ୍ରିତିଶ ଦାସ, ଜୟନ୍ତୀ ବେହେରା, ମାମି ମିଶ୍ର, ସମାଜସେବୀ କଳ୍ପନା ଷଡଙ୍ଗୀ ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇ ଥିଲା। ସାମ୍ବାଦିକ ସୁରେନ୍ଦ୍ର ହୋତା, ସକାଳ ଖବରକାଗଜ ଜିଲ୍ଲା ପ୍ରତିନିଧି ସରୋଜ ଷଡଙ୍ଗୀ, ଶାନ୍ତନୁ ପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ରକ୍ତତୀର୍ଥ ଚିତାଖାଇ ଗାଁରେ ବଳିଦାନ ଦିବସ

ସୋହେଲା,୧୬।୯(ସମିସ)



ସୋହେଲା ବ୍ଲକ୍ ବାଉଁସେନମୁରା ପଞ୍ଚାୟତ ଅଧୀନ ଚିତାଖାଇ ଗାଁରେ ମଙ୍ଗଳବାର ବଳିଦାନ ଦିବସ ପାଳିତ ହୋଇଛି। ୧୮୫୮ ମସିହା ସେପ୍ଟେମ୍ବର ୧୬ତାରିଖ ଭେଡେନ ଜମିଦାର ମନୋହର ସିଂ ପ୍ରାୟ ୪୦ଜଣ ସହଯୋଗୀଙ୍କ ସହିତ ଘେଁସ ଯିବା ବାଟରେ ଚିତାଖାଇ ଗାଁର ପୋଖରୀ ହୁଡାରେ ରାତ୍ରୀ ବିଶ୍ରାମ କରିଥିଲେ। ସଂଗ୍ରାମୀ ମାନେ ଚିତାଖାଇ ଗାଁରେ ବିଶ୍ରାମ ନେଇଥିବା ସୂଚନା ପାଇ ଇଂରେଜ ସେନାର କ୍ୟାପ୍ଟେନ ଡବ୍ଲ୍ୟୁ ଆର ଫୋଷ୍ଟରଙ୍କ ନିର୍ଦ୍ଦେଶରେ ସୋହେଲା ପଟୁ ଇଂରେଜ ସୈନ୍ୟ ଏବଂ ବିଜେପୁର ପଟୁ ଶିବାଣ୍ଡି ସୈନ୍ୟ ମିଳିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ଭେଡେନ ଜମିଦାର ମନୋହର ସିଂ, ଚିତାଖାଇ ଗାଁର ଦାରୁ ଭୁଏ, ଭୃଗୁ ଭୁଏଙ୍କ ସମେତ ମୋଟ ୨୦ଜଣ ସଂଗ୍ରାମୀ ସହିଦ ହୋଇଥିଲେ। ସଂଗ୍ରାମୀ ମାନଙ୍କ ଏହି ବଳିଦାନକୁ ସ୍ମରଣ କରି ଚିତାଖାଇ ଗାଁର ସହିଦ ମନୋହର ସିଂ ସ୍ମୃତି କମିଟି ପକ୍ଷରୁ ପ୍ରତିବର୍ଷ ଆଜିର ଦିନକୁ ବଳିଦାନ ଦିବସ ଭାବେ ପାଳନ କରିବା ସହିତ ସଂଗ୍ରାମୀ ମାନଙ୍କ ବ୍ୟବହୃତ ଅସ୍ତ୍ରଶସ୍ତ୍ରକୁ ପୂଜା କରାଯାଇଥାଏ। ବଳିଦାନ ଦିବସ ପାଳନ ଅବସରରେ ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଦୁର୍ଗାପ୍ରସାଦ ସାହୁ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ ଉତ୍ପନ୍ନ ଭୋଇ, ଐତିହାସିକ ଡ.ବିଭୁଦତ୍ତ ପ୍ରମୋଦ ମିଶ୍ର, ମନୋହର ସିଂଙ୍କ ଦାୟାଦ ଅଶୋକ ସିଂ ଏବଂ ତାଙ୍କ ପତ୍ନୀ ଜ୍ୟୋସ୍ନାମୟୀ ସିଂ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଟେକଚାନ୍ଦ ଦୁଅନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବଳବୀର ସିଂ ଠାକୁର, ବିଜେପି ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ବାବୁଲୁ ପଧାନ, ସାମ୍ବାଦିକ ଅସିତ ସ୍ୱାଇଁ, ଅନିଲ ପଧାନ ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ଆଚାର୍ଯ୍ୟ ଚିତାଖାଇ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ଶୋଭାଯାତ୍ରାରେ ତାଙ୍କୁ ଗାଁ ପରିକ୍ରମା କରାଇ ସହିଦ ସ୍ଥଳକୁ ନିଆଯାଇଥିଲା। ଆଗାମୀ ଦିନରେ ସେଠାରେ ଏକ ସହିଦ ସ୍ମୃତିସ୍ତମ୍ଭ ନିର୍ମାଣ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

ଶେଷରେ ଗୋକୁଳ ଭଏଁଶାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ସୋହେଲା ଦୁର୍ଗା ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହିଦ ସ୍ଥଳକୁ ଯାଇଥିଲା।

## କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ନିରାକରଣ ଆଇନ ସଚେତନତା ତାଲିମ

ଝାରସୁଗୁଡ଼ା,୧୬।୯(ସମିସ): କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ, ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ ଆଇନ ୨୦୧୩ ଉପରେ ଦିନିକିଆ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଯେଉଁଠାରେ ନାରୀ ମାନେ ଆଦର ଏବଂ ସମ୍ମାନ ପାଇଥାନ୍ତି ସେଠାରେ ଦେବାଦେବୀ ମାନେ ବାସ କରିଥାନ୍ତି ବୋଲି ସଂସ୍କୃତ ଶ୍ଳୋକର ବ୍ୟାଖ୍ୟା କରିଥିଲେ। ଜିଲ୍ଲାପାଳ କର୍ମକ୍ଷେତ୍ରରେ ମହିଳାମାନେ କିପରି ସୁରକ୍ଷିତ ଭାବେ କାମ କରିବେ, ସେଥିପ୍ରତି ଯତ୍ନଶୀଳ ହେବାପାଇଁ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରାୟ ୧୮୦ରୁ ଊର୍ଦ୍ଧ୍ୱ ସଦସ୍ୟ ଓ ସମ୍ପୃକ୍ତ ପ୍ରିଜାଇଡିଂ ଅଫିସର, ନୋଡାଲ ଅଫିସର ଓ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା, ଡିଏସ୍‌ପି ମନ୍ଦା ହାଁସଦା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହାଡା ସଭାପତି ଆନନ୍ଦିନୀ ପାଢ଼ୀ ତାଲିମଦାତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ , ପ୍ରତିରୋଧ, ନିଷିଦ୍ଧ, ଓ ନିରାକରଣ ଆଇନ ୨୦୧୩ ର ସମସ୍ତ ନିୟମାବଳୀର କିପରି ବ୍ୟବହାର କରାଯିବ ଏବଂ ନିଜ ଅନୁଷ୍ଠାନକୁ ପଞ୍ଜୀକରଣ କରିବେ ଏବଂ ସ୍ଥାନୀୟ ଅଭିଯୋଗ କମିଟି ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ଅଂଶଗ୍ରହଣକାରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଯାଜ୍ଞସେନୀ ମହାନନ୍ଦ, ଲିଲେଶ୍ୱର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ବିଦ୍ୟାଳୟରେ ହିନ୍ଦୀ ଦିବସ

**● ବିକାଶ ଆବାସିକ ବିଦ୍ୟାଳୟ**

ବରଗଡ଼,୧୬।୯(ସମିସ): ବରାହଗୁଡା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ କବିତା, ଅନୁଚିନ୍ତା, ଦୋହା ମାଧ୍ୟମରେ ସାରସ୍ୱତ ପରିବେଶକୁ ବର୍ଣ୍ଣାଢ୍ୟ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ ନିଜ ବକ୍ତବ୍ୟରେ ହିନ୍ଦୀ ଭାଷାକୁ ଏକତା ପ୍ରଗତି ପଥରେ ଅଗ୍ରସର କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ମତପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଉପାଧ୍ୟକ୍ଷ (ସିସିବିଏସ୍‌ଇ ଏଫେୟାର୍ସ୍) ପ୍ରଦୀପ ସାହୁ, ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ.ମନୋଜ ତ୍ରିପାଠୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହିନ୍ଦୀ ବିଭାଗର ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳିତ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଜ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**● ରେନବୋ ପବ୍ଲିକ୍ ସ୍କୁଲ୍ ଏବଂ ରେନବୋ କିଡ୍ସ ପ୍ଲେ ସ୍କୁଲ୍**

ରେନବୋ ପବ୍ଲିକ୍ ସ୍କୁଲ୍ ଏବଂ ରେନବୋ କିଡ୍ସ ପ୍ଲେ ସ୍କୁଲ୍ ମୁଖ୍ୟ କ୍ୟାମ୍ପସରେ ହିନ୍ଦୀ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସଦାଶିବ କର ଯୋଗ ଦେଇଥିଲେ। ରାଜୀବ ଭୋଇ, ପବିତ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ହିମାଂଶୁ ମେହେର ଏବଂ ସଚିବ ଚନ୍ଦନା ରଥଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗୌଡ଼ମାଳ କ୍ଲଷ୍ଟରରେ 'ଆସ ସ୍କୁଲ ଯିବା' ଅଭିଯାନ



ଝାରବନ୍ଧ,୧୬।୯(ସମିସ): ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଏଥିପାଇଁ ଗୌଡମାଳ କ୍ଲଷ୍ଟରର ସିଆରସିସି ପୁରନ୍ଦର କୁମ୍ଭାରଙ୍କ ପ୍ରଚେଷ୍ଟାରେ ବର୍ତ୍ତମାନ ସୁଦ୍ଧା କ୍ଲଷ୍ଟରର ଅଧାରୁ ପାଠପଢ଼ା ଛାଡିଥିବା ୧୪ ଛାତ୍ରଛାତ୍ରୀ 'ଆସ ସ୍କୁଲ ଯିବା ଅଭିଯାନ'ରେ ସାମିଲ ହୋଇଛନ୍ତି। ଗୌଡମାଳ କ୍ଲଷ୍ଟରର ଜଟେସିରା, ଶିକାରୀପାଲି, ଗୌଡମାଳ, କୁର୍ମା, ଚଣ୍ଡୀଭଟା ଗାଁକୁ ସିଆରସିସି ପୁରନ୍ଦର କୁମ୍ଭାରଙ୍କ ସହିତ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକଗଣ ଯାଇ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ବିଷୟ ଏବଂ ସରକାରୀ ସୁବିଧା ବୁଝିଲା ପରେ କୌଣସି କାରଣ ବଶତଃ ଅଷ୍ଟମ ଶ୍ରେଣୀ ପରେ ପାଠପଢ଼ା ଛାଡି ଦେଇଥିବା ୧୪ ଜଣ ଛାତ୍ରଛାତ୍ରୀ ପୁଣିଥରେ ପାଠପଢ଼ା ଆରମ୍ଭ କରିବାକୁ ରାଜି ହୋଇଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଝାରବନ୍ଧରେ ନାମ ଲେଖାଇଥିବା ସୂଚନା ରହିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ସାହୁ ପିଲାମାନଙ୍କ ନାମ ଲେଖିଥିଲେ। ସିଆରସିସି ଶ୍ରୀ କୁମ୍ଭାରଙ୍କ ଉଦ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଡଲି ବେହେରା, ଗୋମତୀ ବେହେରା, କୌଶିକ କୁମ୍ଭାର, ଅଜୟ ହିରୱାନୀ, ଦେବକୀ ହିରୱାନୀ, ନଳ ଲୁହାର, ଫାଲ୍ଗୁନୀ ଜଗତ, ଗୌତମ ଜଗତ, ସୌରଭ ଭୋଇ, ସାନ୍ତଲାଲ ବିନାଟ, ସମାରୁ ଭାସ୍କର, ବିବିଲା କୁମ୍ଭାର, ପ୍ରିତମ ବରିହା, ବିକାଶ ରଣା ପ୍ରମୁଖ ପୁଣିଥରେ ଶିକ୍ଷା ଗ୍ରହଣର ଉତ୍ତମ ସୁଯୋଗ ପାଇ ଥିବାରୁ ଆନନ୍ଦିତ ହୋଇଥିବା ବେଳେ ସରକାରଙ୍କ ଏହି ଯୋଜନାକୁ ସ୍ୱାଗତ କରିଥିଲେ।

## ନାରୀଙ୍କ ପ୍ରତି ଦୁର୍ବ୍ୟବହାର ସମାଜ ପାଇଁ କଳଙ୍କ



ବରଗଡ଼,୧୬।୯(ସମିସ): ସୁପ୍ରିୟା ମାର୍ଗ ବନ୍ଧୁ ନଗର ଠାରେ ମାତୃ ନବମୀ ପାଳିତ ହୋଇଛି। ମାତୃ ଶକ୍ତିର ଦେଶ ତଥା ପରିବାର ଗଠନରେ ମହାନ ଭୂମିକାକୁ ନେଇ ସମାଜସେବୀ ମାଧବୀ ମିଶ୍ରଙ୍କ ସଭାପତିତ୍ୱରେ ମାତୃ ନବମୀ ପାଳନ ପର୍ବ ଅନୁଷ୍ଠିତ ହୋଇଥିଲା। ମାତୃ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିରୂପେ ବରଗଡ଼ର ସମାଜସେବୀ କଳ୍ପନା ଷଡ଼ଙ୍ଗୀ ଯୋଗଦେଇ ସମାଜରେ ମା'ର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରି ସମାଜରେ ହେଉଥିବା ନାରୀଙ୍କ ପ୍ରତି ଦୁର୍ବ୍ୟବହାର ସମାଜ ପାଇଁ ଏକ କଳଙ୍କ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଡ.ତପସ୍ୱିନୀ ଗୁରୁ, ମାତୃ ନବମୀର ତାତ୍ପର୍ଯ୍ୟ ଓ ସମାଜରେ ସାଂସ୍କୃତିକ ସୁରକ୍ଷା ମା'ର ଭୂମିକାକୁ ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଡ.ସଂଗୀତା ରଥ ମାତୃନବମୀ ପାଳନ ସମାଜରେ ଅପସଂସ୍କୃତି ତଥା ଯୁବ ଗୋଷ୍ଠୀକୁ ସଠିକ ମାର୍ଗଦର୍ଶନରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ମାର୍ଗଦର୍ଶକ ମନୋବିଜ୍ଞାନୀ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ଆଶୀର୍ବଚନ ପ୍ରଦାନ କରିଥିଲେ। କବୟିତ୍ରୀ ପ୍ରଭାସିନୀ ହୋତା ସଭାକୁ ପରିଚାଳନା କରିଥିଲେ। ବବିତା ପ୍ରଧାନ ଓ ପଦ୍ମିନୀ ବେହେରା ସହଯୋଗ କରିଥିଲେ।

ବିକ୍ରମାଦିତ୍ୟ ମିଶ୍ରଙ୍କ ସଭା ଗୃହରେ ଅନୁଷ୍ଠିତ ମାତୃନବମୀ ପାଳନ ଅବସରରେ ଜଗନ୍ନାଥ ମନ୍ଦିର ନିର୍ମାଣ ସକାଶେ ରାଧାକାନ୍ତ ପ୍ରଧାନ ଓ ବବିତା ପ୍ରଧାନ ଭୂମି ଦାନ କରିବାକୁ ଘୋଷଣା କରିଥିଲେ। ଏହି ଅବସରରେ ବରଗଡ଼ ବିଧାୟକଙ୍କ ସୂଚନା ଅନୁସାରେ ଶ୍ରୀ ଜଗନ୍ନାଥ ମନ୍ଦିର କମ୍ୟୁନିଟି ହଲ ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ପଡାର ସମସ୍ତ ମହିଳା ଓ ଅନ୍ୟ ଜନସାଧାରଣଙ୍କ ସହ କୁଞ୍ଜ ବିହାରୀ ପଣ୍ଡା, ପ୍ରମୋଦ ଝାଙ୍କର, ଶ୍ରୀମୁଖ ପ୍ରଧାନ, ଦେବୀ ପଟ୍ଟନାୟକ, ଭାରତ ଭୂଷଣ ଦାଶ ଓ ସଭାପତି ଡ.ଲିଙ୍ଗରାଜ ଦାଶ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିକ୍ରମ ମିଶ୍ର, ପ୍ରଭାତାଦିତ୍ୟ ମିଶ୍ର, ସଂଜୀବ ମହାପାତ୍ର, ବିଜୟ ପାଣିଗ୍ରାହୀ, ଚିତ୍ତରଞ୍ଜନ ମିଶ୍ର, ସୌମ୍ୟ ଦେବତା, ଗଙ୍ଗାଭୂଷଣ ହୋତା, ବିଶ୍ୱଜିତ ମିଶ୍ର, ଗୋବିନ୍ଦ ଦର୍ଜୀ, ବିକାଶ ପାଣିଗ୍ରାହୀ, ତ୍ରିନାଥ ତ୍ରିପାଠୀ, ଆଶିଷ ରଥ, ନିମାଇଁ ରଥ ପ୍ରମୁଖ ଯୋଗ ଦେଇଥିଲେ। କବି ଦୟାନିଧି ମହାପାତ୍ରଙ୍କ ମାତୃ କବିତା ପଠନ ପରେ ବବିତା ପ୍ରଧାନଙ୍କ ଧନ୍ୟବାଦ ଅର୍ପଣ ସହ ଶାନ୍ତି ପାଠ ପରେ ସଭା ଶେଷ ହୋଇ ପ୍ରସାଦ ବିତରଣ କରାଯାଇଥିଲା।

## ଆଜି ଯାତ୍ରୀ ସେବା ଦିବସ ପାଳିବ ବିମାନବନ୍ଦର



ଝାରସୁଗୁଡ଼ା,୧୬।୯(ସମିସ): ସେପ୍ଟେମ୍ବର ୧୭ ତାରିଖକୁ ସାରା ଦେଶରେ ଯାତ୍ରୀ ଦିବସ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଝାରସୁଗୁଡ଼ାରେ ଥିବା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ମଧ୍ୟ ଯାତ୍ରୀ ଦିବସକୁ ମହାସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିବା ନେଇ ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିମାନବନ୍ଦରର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧୁଣ୍ଡିଆ ସୂଚନା ଦେଇଛନ୍ତି। ବିମାନରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ସୁବିଧା ଓ ଆନନ୍ଦରେ ଯାତାୟାତ କରିପାରିବେ, ସେଥିପାଇଁ ସମସ୍ତ ବିମାନ ଅଧିକାରୀ ତଥା କର୍ମଚାରୀ ଯଥେଷ୍ଟ ପ୍ରୟାସ କରିବାକୁ ପ୍ରକାଶ କରିଥିଲେ। ବୁଧବାର ଯାତ୍ରୀ ସେବା ଦିବସକୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜ୍ୟ ତିଥିରେ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଏହାସହ ବୃକ୍ଷରୋପଣ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟସେବା, ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯିବ। ବିମାନ ବନ୍ଦର ଅଧିକାରୀ ଝାରସୁଗୁଡ଼ା ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିବା ସହ ବିମାନ କମ୍ପାନୀରେ ନିଯୁକ୍ତି ସୁଯୋଗ, ସ୍କୁଲ ଛାତ୍ରୀଛାତ୍ରୀଙ୍କୁ ବିମାନ ବନ୍ଦର ପରିଦର୍ଶନ କରାଇବା ସହ ପାରମ୍ପାରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ରହିଥିବା ନେଇ ବିମାନବନ୍ଦର ଅଧକ୍ଷ ଉପେନ୍ଦ୍ରନାଥ ଧୁଣ୍ଡିଆ ସୂଚନା ଦେଇଛନ୍ତି। ଅନୁଷ୍ଠିତ ପ୍ରେସ ମିଟରେ ଟର୍ମିନାଲ ମ୍ୟାନେଜର ପ୍ରତାପ ନାମିଆର, ସିଏଏସ୍‌ଓ ତେଜରାଜ ପାତ୍ର ତଥା ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ମାଆ ପାଇଁ ଗଛଟିଏ ଅଭିଯାନ



ହଳଧର ବନବିଦ୍ୟାଳୟ

ବରଗଡ଼,୧୬।୯(ସମିସ): କୁଦୋପାଲି ମହେନ୍ଦରଗଡ ଠାରେ ଥିବା ପଦ୍ମଶ୍ରୀ ଲୋକକବି ହଳଧର ଆବାସିକ ବନବିଦ୍ୟାଳୟରେ 'ମା ପାଇଁ ଗଛଟିଏ' ନାମକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଲୋକକବି ଡ.ହଳଧର ନାଗ, ବର୍ଦ୍ଧମାନ ମହାବୀର କଲେଜ, ବରଗଡ଼ର ଅଧ୍ୟକ୍ଷ ବିକାଶ ସେନ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବରଗଡ଼ର କର୍ମଚାରୀ, ବିଦ୍ୟାଳୟ ପ୍ରତିଷ୍ଠାତା ଜନେକ କୁଆଁର, ସମସ୍ତ ଗୁରୁଜନ, ଛାତ୍ରଛାତ୍ରୀ ଓ ସହଯୋଗୀ ଶ୍ରବଣ ସାହୁ, ରାଜେଶ ପଧାନ ସମସ୍ତେ ଉପସ୍ଥିତ ଥିଲେ। ସହକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟ ତରଫରୁ ୨୦୦ ଆମ୍ବ ଗଛ ପ୍ରଦାନ କରିଥିଲେ। ସମସ୍ତଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଲୋକକବି ହଳଧରନାଗ ଆଉ ଅଧ୍ୟକ୍ଷ ବିକାଶ ସେନ ଗଛ ବଞ୍ଚେଇବାର ଉପକାରୀତା, ଗଛର ସୁରକ୍ଷା ଜୀବନ ରକ୍ଷା ବିଷୟରେ ବୁଝାଇଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ଅଧୀନ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଳର ସହକାରୀ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପଲସାପାଲି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗାଁର ମାଆ ଓ ବିଭିନ୍ନ ମହାବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ନେଇ 'ମାଆ ପାଇଁ ଗଛଟିଏ ଅଭିଯାନ' ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ମିନକେତନ ସାହୁ, ସମ୍ମାନିତ ଅତିଥି ଭାବେ କେଦାର ସାହୁ ଫରେଷ୍ଟର ସୁଶାନ୍ତ ଦାଶ, ବନରକ୍ଷୀ ହେମସାଗର ସାହୁ, ତେଜସ୍ୱିନୀ ସାହୁ ଏବଂ ମୁଖ୍ୟ ବକ୍ତା ଭାବେ କୁଞ୍ଜବିହାରୀ ସରାଫ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ଗାଁରେ 'ମାଆ ପାଇଁ ଗଛଟିଏ ଅଭିଯାନ' ଉପରେ ଜନ ସଚେତନତା ପଦଯାତ୍ରା କରାଯାଇ ଚାରା ବଣ୍ଟନ କରାଯାଇଥିଲା। ପରେ ଅତିଥି ମାନଙ୍କ ଦ୍ୱାରା 'ପୁଅ ଜିଇଁତିଆ' ଉପଲକ୍ଷେ ମହିଳାମାନେ ନେଇ ଥିବା ଗଛ ନିଜ ବାଡିରେ ରୋପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଖେଳ ଶିକ୍ଷକ ରାମକୃଷ୍ଣ ବାରିକ, ହିନ୍ଦୀ ଶିକ୍ଷକ ପବିତ୍ର ବାରିକ, ବନବିଭାଗର ହାତୀ ଘଉଡାଇବା ସ୍କ୍ୱାଡ ସହଯୋଗ କରିଥିଲେ।



ଘନାମାଳ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ

## ରାଣା ପ୍ରତାପ ସ୍କୁଲରେ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା



**ବରଗଡ଼:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ଅବସରରେ ସେପ୍ଟେମ୍ବର ୧୭ରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ବରଗଡ଼ ବ୍ଲକ୍ ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ତର୍କ ପ୍ରତିଯୋଗିତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ତର୍କ ପ୍ରତିଯୋଗିତାରେ ସାଲିନୀ ସା, ନୁପୁର ମାହାନା, ପ୍ରାଚୀ ଭୋସାଗର ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରବନ୍ଧ ଲିଖନରେ ଅଙ୍କିତା ଭୋଇ, ଶିବାନୀ ମେହେର, ବର୍ଷା ମୁଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଡ.ଡୋଳାମଣି ଶତପଥୀ, କପିଳ ବାଗ ଓ ନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କ ନାମ ଘୋଷଣା କରିଥିଲେ।

**ବାଲିହରଚଣ୍ଡୀ ପୀଠରେ ଗଣଦୁଷ୍କର୍ମ ମାମଲା**

# ଆନ୍ଧ୍ରରୁ ଧରାହେଲା ମୁଖ୍ୟ ଅଭିଯୁକ୍ତ

ପୁରୀ/ବ୍ରହ୍ମଗିରି, ୧୬।୯ (ସମିସ): ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ବାଲିହରଚଣ୍ଡୀ ନିକଟ ଜଙ୍ଗଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛି ପଡୁଛି । ଏହି ଘଟଣାରେ ପୁରୀ



ପୁଲିସ୍ ୩ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଆଜି ଆଉ ଜଣଙ୍କୁ ଆନ୍ଧ୍ରପ୍ରଦେଶ ସୀମାରୁ ଧରିଛି । ସେ ହେଲା, ମନୋଜ ବେହେରା ଓରଫ୍ କାଳିଆ । ଏହି ଘଟଣାର ସେ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି । ଅନ୍ୟ ଅଭିଯୁକ୍ତମାନେ ହେଲେ, ଶିବ ସାହୁ, ରାହୁଲ ସାହୁ ଓ ଆଦ୍ୟା ବେହେରା । ସମସ୍ତଙ୍କ ଘର ବ୍ରହ୍ମଗିରି ବ୍ଲକ୍ ପଲଙ୍କ ପଞ୍ଚାୟତର ଗଡ଼ଚଣ୍ଡୀପୁଟ ଗ୍ରାମରେ ।

ଅଭିଯୋଗ ଅନୁଯାୟୀ, ଗତ ଶନିବାର ମଧ୍ୟାହ୍ନରେ ଯୁବତୀଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବାଲିହରଚଣ୍ଡୀ ପୀଠକୁ ଯାଇଥିଲେ । ସେଠାରେ ମା'ଙ୍କ ଦର୍ଶନ କରିସାରିବା ପରେ ନିକଟସ୍ଥ ସମୁଦ୍ର କୂଳକୁ ଜଙ୍ଗଲ ଦେଇ ଯାଇଥିଲେ । ଜଙ୍ଗଲରେ ବସି କଥାବାର୍ତ୍ତା ହେଉଥିବା ବେଳେ ଅଭିଯୁକ୍ତମାନେ ପହଞ୍ଚି ସେମାନଙ୍କୁ ହଇରାଣ କରିଥିଲେ । ଏହାପରେ

- ପୀଡ଼ିତାଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କଲା ପୁଲିସ
- ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲା ସାଇଣ୍ଟିଫିକ୍ ଟିମ୍
- ଅଭିଯୁକ୍ତଙ୍କର ହେଲା ଡାକ୍ତରୀମାଇନା

ଅଭିଯୁକ୍ତମାନେ ପୁରୁଷବନ୍ଧୁଙ୍କୁ ଏକ ଗଛରେ ବାନ୍ଧି ଦେଇଥିଲେ ଏବଂ ତାଙ୍କ ଆଗରେ ମନୋଜ ଓ ଶିବ ମିଶି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଏଥିରେ ରାହୁଲ ଏବଂ ଆଦ୍ୟା ସହଯୋଗ କରିଥିଲେ । ଗଣଦୁଷ୍କର୍ମ ପରେ ଅଭିଯୁକ୍ତମାନେ ସେମାନଙ୍କୁ ଧମକଚମକ ଦେଇ ପଳାଇ ଯାଇଥିଲେ । କିନ୍ତୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା । ଏହି ଲଜ୍ଜାଜନକ ଘଟଣା ସମ୍ପର୍କରେ ବ୍ରହ୍ମଗିରି ଅଞ୍ଚଳରେ ଚର୍ଚ୍ଚା ହେବା ପରେ ପୁଲିସ ୩ଜଣଙ୍କୁ ଉଠାଇନେଇ ପଚରାଉଚରା କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମନୋଜ ଫେରାର୍ ହୋଇଯାଇଥିଲା । ପରେ ଏ ସଂପର୍କରେ ଅଭିଯୋଗ ହୋଇଥିଲା ।

ଏଭଳି ସମ୍ବେଦନଶୀଳ ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ ପୁରୀ ଏସ୍‌ପି ପ୍ରତୀକ ସିଂ । ସଦର ଥାନା ଆଇଆଇସିଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ଫୋନ୍‌କୁ ଟ୍ରାକ୍ କରି ମନୋଜଙ୍କୁ ଆନ୍ଧ୍ରପ୍ରଦେଶରୁ ଧରିବାରେ ସଫଳ ହୋଇଛି । ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ପୀଡ଼ିତାଙ୍କର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଥିଲା । ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କର ଡାକ୍ତରୀମାଇନା କରାଯାଇଛି । ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି । ଏଥିସହ ସିନ୍-ରିକ୍ରିଏସନ୍ ମଧ୍ୟ କରାଯାଇଛି । ସେଦିନର ଲୋମହର୍ଷଣକାରୀ ଘଟଣାର ସବିଶେଷ ତଥ୍ୟ ପୁଲିସକୁ ଦେଇଛନ୍ତି ପୀଡ଼ିତା । ମଙ୍ଗଳବାର ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାଲିହରଚଣ୍ଡୀ ରାଜ୍ୟର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ । ବଣଭୋଜି ନିମନ୍ତେ ଏହା ସବୁଠୁ ଆକର୍ଷଣୀୟ ସ୍ଥାନ ପାଲଟିଛି । ସାମୁଦ୍ରିକ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ପରିବେଶ ବେଶ୍ ମନୋରମ । ପ୍ରତିଦିନ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ବଣଭୋଜି କରିବାକୁ ଆସି ବେଳାଭୂମିକୁ ବୁଲିବାକୁ ଯାଇଥା'ନ୍ତି । ହେଲେ ଏଠାରେ ସୁରକ୍ଷା ବ୍ୟବସ୍ଥା କଥା ନ କହିଲେ ଭଲ । ଅନେକ ସମୟରେ ଅସାମାଜିକ ଯୁବକ ନିଶା ସେବନ କରି ଅନେକ ଘଟଣା ଘଟାଇଥା'ନ୍ତି । ଖବର ପାଇ ପୁଲିସ ଆସିବା ପୂର୍ବରୁ ଅପରାଧୀମାନେ ସ୍ଥାନ ଛାଡ଼ି ଚମ୍ପଟ ମାରିଥା'ନ୍ତି । ବିଶେଷକରି, ଏହି ପୀଠଟି ବ୍ରହ୍ମଗିରି ଥାନା ଓ ପୁରୀ ସଦର ଥାନା ଅଧୀନରେ ରହୁଛି । ଏପରିକି, ଅନେକ ପେସାଦାର ଅପରାଧୀ ଅପରାଧ ଘଟାଇ ଏହି ଅଞ୍ଚଳରେ ଲୁଚି ରହିଥା'ନ୍ତି । ସ୍ଥାନୀୟ ଅଞ୍ଚଳବାସୀ ଏବଂ ମନ୍ଦିରର ସେବାୟତମାନେ ଏଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ । ଗତ ଶନିବାର ଘଟିଥିବା ଗଣଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣାକୁ ସମସ୍ତେ ଘୋର୍ ନିନ୍ଦା କରିବା ସହ ବାଲିହରଚଣ୍ଡୀ ପୀଠରେ ଏକ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରିଛନ୍ତି ।

**କେବଳ ଅନ୍‌ଲାଇନ୍‌ରେ ହବିଷ୍ୟାଳି ପଞ୍ଜୀକରଣ**

# ଆଗୁଆ ହାତ ଟେକିଦେଲା ପ୍ରଶାସନ

ପୁରୀ, ୧୬।୯ (ସମିସ): ଆସନ୍ତା ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ମାସ ଧରି ଚାଲିବ । କେବଳ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ହବିଷ୍ୟାଳି ମା'ମାନଙ୍କୁ ଧାର୍ଯ୍ୟ କରାଯାଇଥିବା ୪ଟି ରହଣି କେନ୍ଦ୍ରରେ ରଖାଯିବ । ଅନ୍‌ଲାଇନ୍ ପଞ୍ଜୀକରଣ ବିନା କାହାକୁ ମଧ୍ୟ ହବିଷ୍ୟାଳି କେନ୍ଦ୍ରରେ ରହଣି ସୁଯୋଗ ମିଳିବ ନାହିଁ ବୋଲି କହି ହାତ ଟେକିଦେଇଛି ଜିଲ୍ଲା ପ୍ରଶାସନ । ବିଗତ ବର୍ଷମାନଙ୍କରେ ଯଦି ବା କିଛି ବ୍ରତଧାରୀ କୌଣସି କାରଣ ପାଇଁ ପଞ୍ଜୀକରଣ

- ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ
- ବିନା ପଞ୍ଜୀକରଣରେ ଆସିବାକୁ ବାରଣ

ନ କରି ପହଞ୍ଚିଥା'ନ୍ତି, ସେମାନଙ୍କ ରହଣି ସୁବିଧା କରାଯାଉଥିଲା । ହେଲେ ଗତବର୍ଷ ବିନା ପଞ୍ଜୀକରଣରେ ଆସିଥିବା ହବିଷ୍ୟାଳି ମା'ମାନଙ୍କୁ କନ୍ଦେଇ ଦେଇଥିଲେ ସରକାର ଓ ପ୍ରଶାସନ । ଏପରିକି, ରହିବା ପାଇଁ ବ୍ରତଧାରୀଙ୍କୁ ବଡ଼ଦାଣ୍ଡରେ ଧାରଣା ଦେବାକୁ ପଡ଼ିଥିଲା । ଶେଷରେ ଦିନକ ପରେ ସେମାନଙ୍କ ରହଣି ବ୍ୟବସ୍ଥା ହୋଇଥିଲା । ତେଣୁ ଏ ବର୍ଷ ଆଗୁଆ ହାତ ଟେକି ଦେଇଛି ଜିଲ୍ଲା ପ୍ରଶାସନ । ବିନା ପଞ୍ଜୀକରଣରେ ନ ଆସିବାକୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ।

ମଙ୍ଗଳବାର ସର୍କିଟ୍ ହାଉସ୍‌ଠାରେ ହବିଷ୍ୟାଳି ବ୍ରତ ବା ରାଇଦାମୋଦର ବ୍ରତ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବିଶଦ୍ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ପରିଡ଼ା ଚଳିତ ବର୍ଷ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲ୍‌ୱେ ଷ୍ଟେସନ ଆଶ୍ରୟସ୍ଥଳଠାରେ ହବିଷ୍ୟାଳି ମା'ମାନଙ୍କ ରହଣି ବ୍ୟବସ୍ଥା ହୋଇଛି ବୋଲି କହିଥିଲେ । ହବିଷ୍ୟାଳି ଯୋଜନାରେ ୭୦ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବୟସ୍କା ବିବାହିତା ମହିଳା ଏହି ବ୍ରତ ପାଇଁ ଆବେଦନ କରିପାରିବେ । ଅନ୍‌ଲାଇନ୍ ମାଧ୍ୟମରେ ଚଳିତ ମାସ ୧୯ ତାରିଖ ପୂର୍ବାହ୍ନ ୧୦ଟାରୁ ପଞ୍ଜୀକରଣରେ ସାମିଲ ହୋଇପାରିବେ । ସେମାନଙ୍କ ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି । ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାକୁ ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ନିଆଯିବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଅଣପଞ୍ଜୀକୃତ ବ୍ୟକ୍ତିମାନେ କେନ୍ଦ୍ରମାନଙ୍କୁ ଆସି ଅଯଥା ଗହଳି ନ କରିବା କିମ୍ବା ରହଣି ପାଇଁ ଅନୁରୋଧ ନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିବା ସହ ଏହି ପବିତ୍ର କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଏହି ବୈଠକରେ ଜିଲ୍ଲାର ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ୯୧୩ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୯ (ସମିସ): ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ତୃଣମୂଳସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ । ଆଜି ଆଭାସୀ ମାଧ୍ୟମରେ ରାଜ୍ୟର ୯୧୩ ଅଙ୍ଗନବାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏପରି କହିଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪,୨୨୪ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ କରାଯିବ । ଏହାସହ ବିପଦସଂକୁଳ ଅବସ୍ଥାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ବିଶେଷ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

**ରାଜ୍ୟର ସବୁ ଅଙ୍ଗନବାଡ଼ି କେନ୍ଦ୍ର ହେବ 'ସକ୍ଷମ': ଉପମୁଖ୍ୟମନ୍ତ୍ରୀ**

ସେହିପରି 'ଆସ ବୁଲିଯିବା ଅଙ୍ଗନବାଡ଼ି' ଅଭିଯାନରେ ୨ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇ ଏହି ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣିତ କରିଛନ୍ତି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟଜଳ ସୁବିଧା ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଅରୂପ କୁମାର ସାହୁଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନଦୀ ପହଁରି ୫ ଭେଳା ଜବତ କଲା ପୁଲିସ

ନୀଳଗିରି, ୧୬।୯ (ସମିସ): ନୀଳଗିରି ତହସିଲ ଅଧୀନ ସୋନ ନଦୀର ବିଭିନ୍ନ ଘାଟରୁ ଚୋରା ବାଲିଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମଙ୍ଗଳବାର ସକାଳେ ନଦୀର ସିଙ୍ଗିରି ଘାଟରୁ ବାଲିଚାଲାଣ ହେଉଥିବା ଖବର ପାଇ ପୁଲିସ୍ ଓ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ଅଯୋଧ୍ୟା ଫାଣ୍ଡି ଅଧିକାରୀ ସରୋଜ କୁମାର ଦାସ, ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏବଂ ୬ ଏପିଆର୍ ଫୋର୍ସଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲେ । ତେବେ ଚଢ଼ଉ ବାବଦରେ ଆଗୁଆ ସୁରାକ୍ ପାଇ ମାଫିଆମାନେ ନଦୀରେ ୫ଟି ଭେଳା ଛାଡ଼ି ଫେରାର୍ ହୋଇଯାଇଥିଲେ । ଚଢ଼ଉ ଟିମ୍ ହାଫ୍ ପ୍ୟାଣ୍ଟ, ଗାମୁଛା ପିନ୍ଧି ନଦୀକୁ ଡେଇଁ ପହଁରିପହଁରି ଉକ୍ତ ଭେଳାଗୁଡ଼ିକୁ ଜବତ କରିଥିଲେ । ଜବତ ଭେଳାଗୁଡ଼ିକୁ ନୀଳଗିରି ଥାନାକୁ ଅଣାଯାଇଛି । ସୂଚନାଯୋଗ୍ୟ, ବାଲିଚୋରିକୁ ରୋକିବା ପାଇଁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଘାଟରେ ଚଢ଼ଉ କରାଯାଇଥିଲେ ମଧ୍ୟ ବାଲିମାଫିଆ ଆଗୁଆ ସୁରାକ ପାଇ ଘାଟରୁ ଗାଡ଼ି ଉଠାଇ ଫେରାର ହୋଇଯାଉଥିଲେ । ଅଧିକାରୀମାନଙ୍କୁ ଖାଲି ହାତରେ ଫେରିବା ସାର ହେଉଥିଲା ।

# ହୀରାକୁଦ ଜଳସ୍ତର ୬୨୯.୧୭ ଫୁଟ୍

ସମ୍ବଲପୁର, ୧୬।୯ (ସମିସ): ହୀରାକୁଦର ସର୍ବୋଚ୍ଚ କ୍ଷମତା ୬୩୦ଫୁଟ୍ ପାଖାପାଖି ଜଳଭଣ୍ଡାରର ଜଳସ୍ତର ହେବା ପରେ ଗତକାଲି ପର୍ଯ୍ୟାୟକ୍ରମେ ଆଉ ୪ଟି ଗେଟ୍ ଖୋଲାଯାଇଥିଲା । ମଙ୍ଗଳବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୧୭ ଫୁଟ୍ ରହିଛି । ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୦,୪୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୫,୮୪୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୯୮,୨୫୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୮୪୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି । ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୪ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୧.୪୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୧୯ ଫୁଟ୍ ରହିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଭାରତରେ...

ଜଣଙ୍କ ମୃତ୍ୟୁ ହୋଇଛି । ୪ ଜଣ ନିଖୋଜ ହୋଇଯାଇଛନ୍ତି । ସେହିପରି ମାଲଦେବତା ସୌଙ୍ଗ ନଦୀରେ ୫ ଜଣ ଭାସି ଯାଇଛନ୍ତି । ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଜଣେ ନିଖୋଜ ଅଛନ୍ତି । ବାଦଲ ଫଟା ବର୍ଷା ଯୋଗୁଁ ଅଚାନକ ପାଣି ମାସି ଟପକେଶ୍ୱର ମହାଦେବ ମନ୍ଦିରରେ ପାଣି ଭର୍ତ୍ତି ହୋଇଯାଇଛି । ଏଠାରେ ଥିବା ଅନେକ ଦୋକାନ ମଧ୍ୟ ଭାସି ଯାଇଛି । ୨ ଜଣ ନିଖୋଜ ଅଛନ୍ତି । ସହସ୍ରଧାରାରେ ୫ ଜଣଙ୍କୁ ଉଦ୍ଧାର କରାଯାଇଛି । ଏସ୍‌ଡିଆରଏଫ, ଏନ୍‌ଡିଆରଏଫ ଏବଂ ସ୍ଥାନୀୟ ପ୍ରଶାସନର ଟିମ୍ ପ୍ରଭାବିତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି ।

ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ମଣ୍ଡିରେ ମଙ୍ଗଳବାର ଭୂସ୍ଖଳନ ଯୋଗୁଁ ଏକ କୋଠା ଭୁଶୁଡ଼ି ଯାଇଛି । ଏଥିରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଅବଶେଷ ତଳେ ଫସି ଯାଇଥିଲେ । ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି । ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସେହିପରି ମଙ୍ଗଳବାରେ ସକାଳେ ମନ୍ଦିରକୁ ଯାଉଥିବାବେଳେ ମଣ୍ଡିର ଦରଙ୍ଗରେ ୨ ଜଣ ଲୋକ ସୁମା ଖଡ ନଦୀର ଧାରାରେ ଭାସି ଯାଇଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି ।

### ଦୁର୍ଗା ପୂଜାରେ...

ମାସରେ ଆରବ ସାଗରରେ 'ହୀକା' ବାତ୍ୟା ସୃଷ୍ଟି ହୋଇଥିଲା । ୧୮ ସେପ୍ଟେମ୍ବରରେ ବଙ୍ଗୋପସାଗରରେ 'ଡାଏ' ସୃଷ୍ଟି ହୋଇ ୨୧ ସେପ୍ଟେମ୍ବରେ ଏହା ଗୋପାଳପୁର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା । ସେହିପରି ୨୦୨୧ରେ ବାତ୍ୟା 'ଗୁଲାବ' ମଧ୍ୟ ସେପ୍ଟେମ୍ବର ଶେଷ ବେଳକୁ ସୃଷ୍ଟି ହୋଇ ଓଡ଼ିଶାର ସାମାନ୍ୟ ଦୂରରେ ଅର୍ଥାତ ଆନ୍ଧ୍ର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା । ହାଇଦ୍ରାବାଦ ସ୍ଥିତ ଭାରତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଆଣ୍ଡାମାନସାଗର ଅଞ୍ଚଳରେ ଆଭ୍ୟନ୍ତରୀଣ ତରଙ୍ଗ ପ୍ରଭାବରେ ସେପ୍ଟେମ୍ବର ମଧ୍ୟଭାଗରୁ ନଭେମ୍ବର ପ୍ରଥମାର୍ଦ୍ଧ ଯାଏଁ ସାମୁଦ୍ରିକ ତାପମାତ୍ରା ବଙ୍ଗୋପସାଗର ଅନ୍ୟ ଅଞ୍ଚଳ ତୁଳନାରେ ଅଧିକ ରହିଥାଏ । ତଥା ଏହି ସମୟରେ ଉତ୍ତର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ସୃଷ୍ଟି ବାତ୍ୟାଗୁଡ଼ିକର ଅଂଶବିଶେଷ ଏହି ଅଞ୍ଚଳକୁ ମାଡ଼ି ଆସିବା ଫଳରେ ସାମୁଦ୍ରିକ ତାପମାତ୍ରା ଓ ବାୟୁମଣ୍ଡଳର ପାରିପାର୍ଶ୍ୱିକ ସ୍ଥିତି ଶକ୍ତିଶାଳୀ ବାତ୍ୟା ସୃଷ୍ଟି କରିବାରେ ସହାୟକ ହୋଇଥାଏ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବା ସହ ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି ।

### ସୁବିଧା ଦେଇ...

ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବିଭିନ୍ନ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପାଇଁ ସାକ୍ଷାତକାର ଦେଉଛନ୍ତି, କିନ୍ତୁ ନିଯୁକ୍ତି ସତ୍ତ୍ୱେ ଯୋଗ ଦେଉ ନାହାନ୍ତି । କେବଳ ଗୋଟିଏ କାରଣ ପାଇଁ ଏବଂ ତାହାହେଲା ସେମାନଙ୍କୁ ଆବଶ୍ୟକ ସୁବିଧା ମିଳୁନାହିଁ ।

ଟ୍ରିବ୍ୟୁନାଲରେ ଖାଲି ପଡ଼ିଥିବା ପଦବୀ ନେଇ ଏନ୍‌ଜିଟି ବାର ଆସୋସିଏସନ ପକ୍ଷରୁ ଦାୟର ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଦୁଇ ଜଣ ପୂର୍ବ ବିଚାରପତିଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ସେମାନେ ଯୋଗ ଦେଉ ନାହାନ୍ତି । କୋର୍ଟ ବିରକ୍ତି ପ୍ରକାଶ କରିବା ସହିତ କହିଥିଲେ ଯେ ନିଯୁକ୍ତି ପରେ ସୁବିଧା ସୁଯୋଗ ମିଳୁନାହିଁ । ସେମାନେ କାହିଁକି କାମରେ ଯୋଗଦେବେ । ଯେଉଁ ସଭ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଛି ସେମାନଙ୍କୁ ଏହି ପଦବୀରେ ରହିବା ଲାଗି ଅନୁମତି ଦେବାକୁ କୋର୍ଟ ମନା କରିଦେଇଛନ୍ତି । କେନ୍ଦ୍ର ଉପରେ ବିରକ୍ତି ପ୍ରକାଶ କରି କୋର୍ଟ କହିଲେ ଯେ ଅଫିସ ପାଇଁ ଖର୍ଚ୍ଚ ଦିଆଯାଉ ନାହିଁ । ଛୋଟ ଛୋଟ ଜିନିଷ ପାଇଁ ସଭ୍ୟମାନେ ଅନୁରୋଧ କରୁଛନ୍ତି । ଏଥିପାଇଁ କେନ୍ଦ୍ର ହିଁ ଦାୟୀ । ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ସେ ସରକାରଙ୍କୁ ଜଣାଇଦେବେ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀ ମାନ୍ୟବର ଖଣ୍ଡପୀଠଙ୍କୁ ଆଶ୍ୱାସନା ଦେଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୬ ତାରିଖରେ ହେବ ।

### ଦିନକ ପରେ...

ଆହୂତ ଏହି ବୈଠକରେ ଶାସକ ବିଜେପି ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ୍ ବିଧାୟକ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ । ଏହାସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲୀଙ୍ଗ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ବୈଠକରେ ଶୃଙ୍ଖଳିତ ଅଧିବେଶନ ନେଇ ନିଜର ମତାମତ ରଖିଥିଲେ ।

ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ଦଳ ପାଖରେ ଏକାଧିକ ପ୍ରସଙ୍ଗ ରହିଛି । ବିଶେଷକରି ଚାଷୀ, ମହିଳା ସୁରକ୍ଷା, ଏସସି ଏସଟି, ଛାତ୍ରଛାତ୍ରୀ ପ୍ରସଙ୍ଗ ସମ୍ପର୍କିତ ଏକାଧିକ ରାଜସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୃହରେ ଉପସ୍ଥାପନ ହେବ । ଆସନ୍ତାକାଲି ଅପରାହ୍ନ ୫ଟା ବେଳେ ଶଙ୍ଖ ଭବନରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଅଧିବେଶନରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଗୃହ ପରିଚାଳନା କରିବାକୁ ଆମେ କହିବା ସହ ଗୃହ ପରିଚାଳନାରେ ସହଯୋଗ ପାଇଁ ସହମତି ଦେଲୁ । ରାଜ୍ୟରେ ପୁଳାପୁଳା ସମସ୍ୟା ରହିଛି । ଆସନ୍ତାକାଲି ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଦଳର ରଣନୀତି ପ୍ରସ୍ତୁତ କରାଯିବ ବୋଲି ଶ୍ରୀ କାଡ଼ାମ କହିଛନ୍ତି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ସମସ୍ତ ସକରାତ୍ମକ ଆଲୋଚନାକୁ ସରକାର ସ୍ୱାଗତ କରୁଛନ୍ତି ବୋଲି ଡ. ମହାଲିଙ୍ଗ କହିଛନ୍ତି ।

### ଅସୁରକ୍ଷିତ ଓଡ଼ିଶା...

ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି । ଛାତ୍ରୀଜଣକ ତାଙ୍କ ବନ୍ଧୁଙ୍କ ସହିତ ଗତ ଶନିବାର ମଧ୍ୟାହ୍ନରେ ବାଲି ହରଚଣ୍ଡୀପୀଠକୁ ଦର୍ଶନ ପାଇଁ ଯାଇଥିଲେ । ଏହାପରେ ସେମାନେ ନିକଟରେ ଥିବା ସମୁଦ୍ରକୂଳରେ ବସି କଥାବାର୍ତ୍ତା ହେଉଥିବା ବେଳେ ସେଠାରେ ଚଣ୍ଡିପୁଟ ଗାଁର କିଛି ଯୁବକ ସେମାନଙ୍କଠାରୁ ଟଙ୍କା ଛଡ଼ାଇ ନେବା ପରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି । କେବଳ ଏହି ଘଟଣା ନୁହେଁ, ନିକଟରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଫଟୋ ସୁଟ୍ ବାହାନାରେ ଚନ୍ଦ୍ରଶେଖରପୁରରେ ଥିବା ପୋଖରୀନ୍ ଭିଲେଜ ପାଖ ସାଇମାର୍ଗ ଲଜରେ ଏହି ଯୁବତୀ ଗଣ ଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି ।

ଅଗଷ୍ଟ ୨୧ରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡିରେ ଜଣେ ଯୁବତୀ ଗଣ ଦୁଷ୍କର୍ମ ହୋଇଛନ୍ତି । ବିବାହ ଏବଂ ଚାକିରି କରାଇବା ପ୍ରଲୋଭନ ଦେଖାଇ ୨ ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅିଯୋଗ ହୋଇଥିଲା । ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ । ଅଗଷ୍ଟ ୧୮ ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବାବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି ।

ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି । ବିଶେଷ କରି ଗଞ୍ଜାମ, ଖୋର୍ଦ୍ଧା, କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି । ଆହୁରି ମଧ୍ୟ ଅନେକ ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏକାଧିକ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି । ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ସମ୍ପୃକ୍ତଙ୍କୁ ଗିରଫ କରିବାରେ ଅନେକସ୍ଥାନରେ ପୁଲିସ ବିଫଳ ହୋଇଛି ।

### ଭୟଙ୍କର, ହୃଦୟ...

କ୍ଷୋଭ ପ୍ରକାଶ କରିଛନ୍ତି ନବୀନ । ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ସାରା ଓଡ଼ିଶାରେ ମହିଳାମାନଙ୍କ ବିରୁଦ୍ଧରେ ହିଂସାର ଏପରି ଭୟଙ୍କର ଘଟଣା ଦେଖିବା ବେଶ୍ ହୃଦୟ ବିଦାରକ । ବିଜେପି ନେତାମାନେ ଘଟଣାକୁ ନେଇ ଚିନ୍ତାପ୍ରକାଶ କରୁଥିବାର ନାଟକ ପ୍ରଦର୍ଶନ କରୁଥିବା ବେଳେ ଅପରାଧୀମାନେ ସ୍ପଷ୍ଟ ଦିବାଲୋକରେ ନିର୍ଭୟ ହୋଇ ବୁଲୁଛନ୍ତି । ଗୋପାଳପୁର, ବାଲେଶ୍ୱର, ବଳଙ୍ଗା ପୀଡ଼ିତା; ଯେଉଁମାନେ ଗଭୀର ହତାଶା ମଧ୍ୟରେ ଆଖି ବୁଜିଲେ ସେମାନଙ୍କ ସହ ଅନ୍ୟ ପୀଡ଼ିତା ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏବେ ବି ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି । ମାତ୍ର ପ୍ରତ୍ୟେକ ଥର ଆମେ ପୁନରାବୃତ୍ତି ହେଉଥିବା ସମାନ ବକ୍ତବ୍ୟ ଶୁଣୁଛୁ । ଏପରି ଘଟଣା ବିରୁଦ୍ଧରେ 'କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି', 'ଲୋକଙ୍କ ସରକାର', 'ମହିଳା ସୁରକ୍ଷା ସୁନିଶ୍ଚିତ କରୁଛୁ' ଏବଂ 'କାହାରିକୁ ଛଡ଼ାଯିବ ନାହିଁ' ପରି ବିବୃତି ବାରମ୍ବାର ଦୋହରାଉଛନ୍ତି । ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଏପରି ଅପରାଧ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଘଟିବ, ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥାନ୍ତି, ତେବେ ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଛବିକୁ ଖରାପ କରିବ । ବିଜେପି ସରକାର ଏପରି ଘଟଣାରେ ଯେତେ ଶୀଘ୍ର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ଓଡ଼ିଶାର ମହିଳାମାନେ ପୁଣି ସୁରକ୍ଷିତ ଅନୁଭବ କରିବେ ବୋଲି ନବୀନ ପରାମର୍ଶ ଦେଇଛନ୍ତି ।

### ଦିନକରେ କରିହେବ...

କାରବାର ପାଇଁ ଆପଣ ଗୋଟିଏ ଦିନରେ ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୦ ଲକ୍ଷ ଟଙ୍କାର କାରବାର କରିପାରିବେ । ଏହାବ୍ୟତୀତ, ଅନ୍ୟ ୧୨ଟି ବର୍ଗ ପାଇଁ ଦୈନିକ କାରବାର ସୀମା ମଧ୍ୟ ବୃଦ୍ଧି କରାଯାଇଛି । ଅପରପକ୍ଷେ ସାଧାରଣ ବ୍ୟବହାରକାରୀଙ୍କ ପାଇଁ ବ୍ୟକ୍ତିଙ୍କଠାରୁ ବ୍ୟକ୍ତିଙ୍କୁ (ପିଟୁପି) ପେମେଣ୍ଟ ସୀମା ଏବେ ବି ୧ ଲକ୍ଷ ଟଙ୍କା ରହିଛି, ଯେଉଁଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଯେତେବେଳେ କି ପିଟୁଏମ୍‌ରେ ଜଣେ ବ୍ୟକ୍ତି ଜଣେ ବ୍ୟବସାୟୀଙ୍କୁ ପେମେଣ୍ଟ କରୁଥିଲେ , ଯାହାର ସୀମା ଏବେ ୧୦ ଲକ୍ଷ ଟଙ୍କା ହୋଇଯାଇଛି । ଏହାଛଡା ଅଳଙ୍କାର କ୍ରୟରେ, ପ୍ରତି କାରବାର ସୀମା ଏବେ ବି ପୂର୍ବ ଭଳି ୨ ଲକ୍ଷ ଟଙ୍କା ରହିବ, କିନ୍ତୁ ଦୈନିକ ସୀମାକୁ ବର୍ତ୍ତମାନ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଟର୍ମ ଡିପୋଜିଟ୍ ଭଳି ବ୍ୟାଙ୍କିଂ ସେବା ପାଇଁ ପ୍ରତି କାରବାର ଏବଂ ଦୈନିକ ଉଭୟ ସୀମାକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସରକାରୀ ସିକ୍ୟୁରିଟିଜ୍‌ରେ ନିବେଶ ପାଇଁ ପ୍ରତିଦିନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି ।

ଏହି ନିଷ୍ପତ୍ତି ସିଧାସଳଖ ସେହି ଗ୍ରାହକମାନଙ୍କୁ ଲାଭ ଦେବ ଯେଉଁମାନେ ଏ ପର୍ଯ୍ୟନ୍ତ ବୀମା ପ୍ରିମିୟମ, ମ୍ୟୁଚୁଆଲ୍ ଫଣ୍ଡ, କିମ୍ବା କ୍ରେଡିଟ୍ କାର୍ଡ ବିଲ୍ ଭଳି ବଡ଼ ପେମେଣ୍ଟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏବେ ସେମାନେ ୟୁପିଆଇ ମାଧ୍ୟମରେ ଏହି ପେମେଣ୍ଟ ସହଜରେ କରିପାରିବେ । ଏହାବ୍ୟତୀତ, ଏହି ମାଧ୍ୟମରେ ରିଅଲ୍ ଇଷ୍ଟେଟ୍ କିମ୍ବା ଅନ୍ୟାନ୍ୟ ବଡ଼ କାରବାର ମଧ୍ୟ ସମ୍ଭବ ହେବ । ଅପରପକ୍ଷେ ଯଦିଓ ଏନ୍‌ପିସିଆଇ ଏହି ସୀମା ସ୍ଥିର କରିଛି, ଏହା ସଦସ୍ୟ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ନୀତି ଅନୁଯାୟୀ ସେମାନଙ୍କ ଗ୍ରାହକଙ୍କ ପାଇଁ ସୀମା ସ୍ଥିର କରିବାର ସ୍ୱାଧୀନତା ମଧ୍ୟ ଦେଇଛି । ଏନ୍‌ପିସିଆଇ ଅକ୍ଟୋବର ପହିଲାରୁ ଏନ୍‌ପିସିଆଇରେ ପିଅର-ଟୁ-ପିଅର (ପିଟୁପି) ଅନୁରୋଧ ସଂଗ୍ରହକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି । ଏହାର ଅର୍ଥ ହେଉଛି ଯେ, ଏଣିକି ଜଣେ ବ୍ୟକ୍ତି ୟୁପିଆଇ ମାଧ୍ୟମରେ ଟଙ୍କା ମାଗିବା ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅନୁରୋଧ ପଠାଇ ପାରିବେନାହିଁ ।

### ଘୋଷଣା କରି...

ସେହି ଚିନ୍ତା ଘାରୁଛି । ସରକାର ଖୁବ୍‌ଶୀଘ୍ର ପଞ୍ଜୀକରଣ ପ୍ରକ୍ରିୟା ପୁଣି ଆରମ୍ଭ କରିବାକୁ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଉଛି । ନଚେତ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

ସୂଚନାନୁସାରେ, ଚଳିତ ବର୍ଷ ଜୁଲାଇ ୧୯ରୁ ଅଗଷ୍ଟ ୨୦ପର୍ଯ୍ୟନ୍ତ ଖରିଫ୍ ଚାଷ ପଞ୍ଜୀକରଣ ଚାଲିଥିଲା । ମାତ୍ର ଜଟିଳ ପ୍ରକ୍ରିୟା ଯଥା ଇ-କେୱାଇସି, ବଂଶାବଳୀ ପ୍ରମାଣପତ୍ର ଆଦି ବିଭିନ୍ନ କାରଣରୁ ଯୋଗ୍ୟ ଚାଷୀମାନେ ପଞ୍ଜୀକରଣ କରିପାରିନଥିଲେ । ପରେ ସରକାର ଆଉ ୫ ଦିନ ଅବଧି ବୃଦ୍ଧି କରିଥିଲେ । ହେଲେ, ଏତିକି ସମୟ ଚାଷୀଙ୍କ ପାଇଁ ଯଥେଷ୍ଟ ହୋଇନଥିଲା । ଏବେ ବି ରାଜ୍ୟରେ ୫୦ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ ଅପେକ୍ଷାରେ ଅଛନ୍ତି । କିନ୍ତୁ, ବିଡ଼ମ୍ବନାର ବିଷୟ ହେଲା, ସରକାର ପଞ୍ଜୀକରଣ ଖୋଲୁନାହାନ୍ତି । ଗତ ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଏମ୍ କିଷାନ ଟଙ୍କା ବାଣ୍ଟିବା ବେଳେ ପଞ୍ଜୀକରଣ ବୃଦ୍ଧି ହେବ ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ପଞ୍ଜୀକରଣ ବୃଦ୍ଧି ନେଇ ଆଲୋଚନା ଚାଲିଛି, ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି କହିଥିଲେ । ମାତ୍ର ଏପର୍ଯ୍ୟନ୍ତ କୌଣସି ଘୋଷଣା ହୋଇନି । ଏହାର ସୁଯୋଗ ନେଇ ବେପାରୀମାନେ ଗାଁ ଗାଁ ବୁଲି ଚାଷୀଙ୍କୁ ଆଗୁଆ ବଇନା ଦେଇ ଧାନ କିଣିବାକୁ ମସୁଧା କରୁଛନ୍ତି । ଏ କ୍ଷେତ୍ରରେ ଚାଷୀ ସରକାରଙ୍କ ଉପରେ ଭରସା କରିନପାରି ବେପାରୀଠାରୁ ବଇନା ରଖିବାକୁ ବାଧ୍ୟ ହେଉଛି ।

ଉଲ୍ଲେଖଯୋଗ୍ୟ, ଧାନର ସର୍ବନିମ୍ନ ମୂଲ୍ୟବୃଦ୍ଧି ସହ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କା ଅତିରିକ୍ତ ସହାୟତା ଘୋଷଣା କରିବା ପରେ ଅଧିକ ଲୋକ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ପୂର୍ବବର୍ଷ ଖରିଫ୍ ଚାଷ ପାଇଁ ୧୭ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୧୯ଲକ୍ଷ ୭୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଏବେ ବି ପାଖାପାଖି ୫୦ହଜାର ଚାଷୀ ପଞ୍ଜୀକରଣ ଅପେକ୍ଷାରେ ଅଛନ୍ତି । ଚାଷୀମାନେ ଧାରକରଜ କରି ଚାଷ କରିଛନ୍ତି । ଭଲ ବର୍ଷା ହୋଇଥିବାରୁ ଭଲ ଅମଳ ହେବା ନେଇ ଆଶାବାଦୀ ବି ଅଛନ୍ତି । କିନ୍ତୁ ସରକାର ଧୋକା ଦେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଅତିରିକ୍ତ ସହାୟତା ଦେବାକୁ ପଡ଼ିବ ବୋଲି ସରକାର ଆରମ୍ଭରୁ ପଞ୍ଜୀକରଣରେ ଜଟିଳତା ଆଣିଥିଲେ । ଆଉ ଏବେ ଅବଧି ବୃଦ୍ଧି କରୁନାହାନ୍ତି ବୋଲି ଚାଷୀ ନେତା ବିଶ୍ୱମ୍ବର ସାହୁ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ସରକାର ଯଦି ପଞ୍ଜୀକରଣ ଚାଲ ନକରନ୍ତି, ତେବେ ଆଗାମୀ ଦିନରେ ବିଧାନସଭା ଆଗରେ ଚାଷୀ ବଡ଼ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି ।

### ଜିଲ୍ଲାପାଳ କାର୍ଯ୍ୟାଳୟ...

ନ ହେଲେ ଜିଲ୍ଲାବ୍ୟାପୀ ରାସ୍ତା ଅବରୋଧ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

ଚାଷୀମାନଙ୍କ ଅଭିଯୋଗ ହେଲା, ଚଳିତବର୍ଷ ଧାନ ବିକ୍ରି ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଅତି ଜଟିଳ ଥିଲା । ଜମି ରେକର୍ଡଧାରୀଙ୍କ ମୃତ୍ୟୁ ହୋଇଥିଲେ ସମସ୍ତ ଆଇନଗତ ଉତ୍ତରାଧିକାରୀଙ୍କ ସହମତି ଓ ସ୍ୱାକ୍ଷର ଦେବା ପାଇଁ ନିର୍ଦ୍ଦେଶ ଥିଲା । ଏହାକୁ ତୀବ୍ର ବିରୋଧ କରାଯିବାରୁ ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଥିଲା । ପରେ ଅଗଷ୍ଟ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଥିଲା । ମାତ୍ର ୨୫ଅଗଷ୍ଟ ମଧ୍ୟରାତ୍ରିରୁ ୱେବ୍‌ସାଇଟ୍ ବନ୍ଦ ହୋଇଯିବାରୁ ଜିଲ୍ଲାର ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ସୋସାଇଟିରେ କାଗଜପତ୍ର ଦେଇଥିବା ସତ୍ତ୍ୱେ ପଞ୍ଜୀକରଣରୁ ବଞ୍ଚିତ ରହିଛନ୍ତି । ଏ ବାବଦରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ, ବିଧାୟକ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ଏପରିକି, ମୁଖ୍ୟମନ୍ତ୍ରୀ ମଧ୍ୟ ତିନିତିନିଥର ଯୋଗ୍ୟ ଚାଷୀ ପଞ୍ଜୀକରଣ କରିପାରିବେ ବୋଲି ଘୋଷଣା କରିଥିଲେ । କିନ୍ତୁ ଏଯାଏ ପୁନଃ ପଞ୍ଜୀକରଣ ଆରମ୍ଭ ହୋଇନାହିଁ । ଚାଷ କରି ଧାନ ବିକି ନପାରିଲେ, ଚାଷୀଙ୍କ ପକ୍ଷେ ଘରଚଳାଇବା, ଋଣ ପରିଶୋଧ କରିବା ସମ୍ଭବ ନୁହେଁ । ପୁଣି ସରକାରଙ୍କ ଘୋଷିତ ୮୦୦ ଟଙ୍କା ବୋନସ୍ କି ଏମ୍‌ଏସ୍‌ପି ମଧ୍ୟ ମିଳିବ ନାହିଁ । ତେଣୁ, ଶୀଘ୍ର ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସେମାନେ ଦାବି କରିଥିଲେ । ଏହି ଅବସରରେ ଚାଷୀମାନଙ୍କ ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ଆଜିର ଏହି ବିକ୍ଷୋଭରେ ଚାଷୀ ନେତା ରମେଶ ମହାପାତ୍ର, ସୁଦାମ ପାତ୍ର, ତପନ ମିଶ୍ର, କାରଣ ସାହୁ, ବିଜୟ ଭୋଇ, ବୃନ୍ଦାବନ ସାହୁ, ନିରଞ୍ଜନ ପଧାନ, ସୁରେଶ କର୍ଣ୍ଣ, ଟିକେଲାଲ ମିଶ୍ର, ଆଶୁତୋଷ ଜମାଦାର, ଶୁଭମ ପଧାନ, ରବିଶଙ୍କର ପଧାନ, ଦଶରଥ ସାହୁ, ସୁରେଶ ନିକେଣ୍ଟି, ବାବୁ ସାହୁ, ବିଶ୍ୱନାଥ ନାୟକ, ସୁଶୀଳାଲ ମହଲା ପ୍ରମୁଖଙ୍କ ସହ ହଜାରେରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୬୩୦-ଆମେରିକାର ବୋଷ୍ଟନ ସହରର ସ୍ଥାପନା।
- ୧୯୫୦- ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ।
- ୧୯୫୭- ମାଲେସିଆ ମିଳିତ ଜାତିସଂଘରେ ସାମିଲ୍ ହେଲା।
- ୧୯୭୦- ଜୋର୍ଡାନରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୨୦୦୪- ୟୁରୋପୀୟ ସଂସଦ ମାଲଦ୍ୱୀପ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ କଲା।

## ଅଜବ ବେଉସା

### ଉକୁଣି ଦେଖିବାକୁ ୮ ହଜାର



ମୁଣ୍ଡରେ ଉକୁଣି ହେବା ଏକ ସାଧାରଣ କଥା। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ, ପ୍ରାୟ ସମସ୍ତଙ୍କର ଉକୁଣି ହୋଇଥାଏ। ଉକୁଣି ମୁଣ୍ଡରେ ରହି ମଣିଷର ରକ୍ତ ପିଇଥାନ୍ତି। ଏହା କେଶ ଭିତରେ ରହି ଅଣ୍ଡା ଦେବା ସହ ଅନ୍ୟ ମୁଣ୍ଡକୁ ମଧ୍ୟ ଡେଇଁଥାଏ। ବିଶେଷ କରି ସ୍କୁଲ ପିଲାଙ୍କଠାରେ ଏହି ସମସ୍ୟା ଅଧିକ ଦେଖା ଦେଇଥାଏ। ଅଷ୍ଟ୍ରେଲିଆ ସିଡ୍‌ନିରେ ରହୁଥିବା ୨୫ ବର୍ଷୀୟା ର୍‍ୟାଚେଲ୍ ମରୋନଙ୍କ ପେଶା ହେଉଛି ଉକୁଣି ବାଛିବା। ଶୁଣିବାକୁ ଅଜବ ଲାଗିଲେ ବି ସେ ତାଙ୍କର ଏହି ନିଆରା ବେଉସାକୁ ନେଇ ଖୁସି ଅଛନ୍ତି। ସାଧାରଣତଃ ପିଲାଙ୍କ ମୁଣ୍ଡରୁ ମା'ମାନେ ଉକୁଣି ଓ ନିଖ ବାଛିବା କାମ କରନ୍ତି। ହେଲେ ର୍‍ୟାଚେଲ୍ ଅଜଣା ଲୋକଙ୍କ ମୁଣ୍ଡରୁ ଉକୁଣି ବାହାର କରି ଆତ୍ମସନ୍ତୋଷ ଲାଭ କରନ୍ତି। ଅବଶ୍ୟ ଏ ଲାଗି ସେ ପାରିଶ୍ରମିକ ନିଅନ୍ତି। ସେହିପରି ଏଭଳି ଏକ କାମକୁ ସେ କ୍ୟାରିୟର କରିଥିବାରୁ ଅନେକ ଲୋକ ତାଙ୍କୁ 'ପାଗଳ' କହୁଥିବା ର୍‍ୟାଚେଲ୍ କୁହନ୍ତି। ସେ ପାଖାପାଖି ଏକ ଦଶନ୍ଧି ହେଲାଣି ଲୋକଙ୍କ ମୁଣ୍ଡରୁ ଉକୁଣି ଦେଖିଆସୁଛନ୍ତି। ବେଳେ ବେଳେ ଏଥିଯୋଗୁଁ ତାଙ୍କ ମୁଣ୍ଡରେ ମଧ୍ୟ ଉକୁଣି ହୋଇ ଯାଉଥିବା କଥା ର୍‍ୟାଚେଲ୍ କୁହନ୍ତି। ହେଲେ ସେ ଏଭଳି କରି ଆଶ୍ୱସ୍ତି ଅନୁଭବ କରନ୍ତି ବୋଲି କହିଛନ୍ତି। ଯଦିଓ ଏହି କାମକୁ ନେଇ ଲୋକେ ତାଙ୍କୁ ଘୃଣା କରନ୍ତି, ହେଲେ ଏହା ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିବା ସେ କୁହନ୍ତି। ଅନ୍ୟପଟେ ର୍‍ୟାଚେଲ୍ ତାଙ୍କର ଏହି କାମର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି। ଏହି ଭିଡିଓଗୁଡ଼ିକ ମଧ୍ୟ ବେଶ୍ ଭାଇରାଲ ହୋଇଥାଏ। ତେବେ ସେ ଏ କାମ ଲାଗି ଗ୍ରାହକଙ୍କଠାରୁ ୮ ହଜାର ଟଙ୍କା ନିଅନ୍ତି। ଏହାସହ ଉକୁଣି ଜନିତ ଯେକୌଣସି ସଂକ୍ରମଣକୁ ସମ୍ପୂର୍ଣ୍ଣ ଭାବେ ସେ ଭଲ କରି ଦେଉଥିବା ଦାବି ମଧ୍ୟ କରନ୍ତି। ଯଦି ମୁଣ୍ଡରେ ଅଧିକ ଉକୁଣି ଥାନ୍ତି ତେବେ ଗ୍ରାହକଙ୍କୁ ତାଙ୍କୁ ଦ୍ୱିତୀୟ ଥର ଡାକିବାକୁ ହୋଇଥାଏ। ତେବେ ସେ ସର୍ବାଧିକ ୧୭ ଘଣ୍ଟା ଧରି ଜଣକ ମୁଣ୍ଡରୁ ଉକୁଣି ବାଛିଥିଲେ। ଉକୁଣି ବାଛିବା ବେଳେ ସେ କୌଣସି ଗ୍ଲୁଭସ୍ କିମ୍ବା ହେୟାର୍ ନେଟ୍ ଭଳି ସୁରକ୍ଷା ଉପକରଣ ବ୍ୟବହାର କରି ନ ଥାନ୍ତି। ଏସବୁ ବ୍ୟବହାର ନ କରି ଉକୁଣି ବାଛିବା ଦ୍ୱାରା ଗ୍ରାହକ ସହଜ ଅନୁଭବ କରୁଥିବା ର୍‍ୟାଚେଲ୍ କୁହନ୍ତି। ତେବେ ସେ ଏହି କାମ ଫାର୍ମାସିରୁ ଆରମ୍ଭ କରିଥିଲେ। କାରଣ ଏଠାରେ ଏକ ଛୋଟ ଉକୁଣି କ୍ଲିନିକ୍ ଥିଲା। ଏହି କ୍ଲିନିକ୍‌ରେ କାମ କରିବା ବେଳେ ଏହି ପେଶା ପ୍ରତି ସେ ଆକୃଷ୍ଟ ହେଲେ। ଏହାପରେ ସେ ଉକୁଣି ବଛାକୁ କ୍ୟାରିୟର କରିନେଲେ।

## ଦକ୍ଷିଣ ମୁହାଁ ଦିଲଜିତ୍



ଏକଦା ପଞ୍ଜାବ ଇଣ୍ଡଷ୍ଟ୍ରୀରେ ଲୋକପ୍ରିୟ ତାରକା ପାଲଟିଥିବା ଅଭିନେତା ଦିଲଜିତ୍ ଦୋସାଞ୍ଜ ଏବେ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। 'ସର୍ଦ୍ଦାର ଜୀ ୩'ରେ ଦିଲଜିତ୍ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିର୍‌ଙ୍କ ସହ କାମ କରିବାକୁ ନେଇ ବିବାଦକୁ ଆସି ଯାଇଥିଲେ। ଏଥିପାଇଁ ତାଙ୍କୁ 'ବର୍ଡର ୨'ରୁ ମଧ ବାଦ୍ ଦିଆଗଲା ବୋଲି ଖବର ଆସିଥିଲା। ଏହି କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦିଲଜିତ୍ 'ବର୍ଡର ୨' ସେଟ୍‌ରୁ ଏକ ଭିଡିଓ ସେୟାର୍ କରି ଏଭଳି ଗୁଜବକୁ ବନ୍ଦ କରିଥିଲେ। 'ବର୍ଡର ୨' ପରେ ଏବେ ଦିଲଜିତ୍‌ଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ବଲିଉଡ୍‌ରେ ସଫଳ ହେବା ପରେ ଦିଲଜିତ୍ ଏବେ ସାଉଥ୍ ମୁହାଁ। ନିକଟରେ ଦିଲଜିତ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରେ ସେ 'କାନ୍ତାରା ଚାପ୍ଟର ୧'ରେ କାମ କରୁଥିବା କଥା କହିଛନ୍ତି। ତେବେ ଋଷଭ ସେଟ୍ଟୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଦିଲଜିତ୍ ଅଭିନୟ କରିବେ ନାହିଁ। ସେ ଏଥିରେ ଏକ ଗୀତ ଗାଇବେ। ଦିଲଜିତ୍ ଏକ ଭିଡିଓ ସେୟାର୍ କରି କହିଛନ୍ତି- ' ବଡ଼ଭାଇ ଋଷଭ ସେଟ୍ଟୀଙ୍କ ସହ। 'କାନ୍ତାରା' ଭଳି ମାଷ୍ଟରପିସ୍ ବନାଇଥିବା ବ୍ୟକ୍ତିଙ୍କୁ ସ୍ୟାଲୁଟ୍। ମୁଁ ଅକ୍ଟୋବର ୨ ପର୍ଯ୍ୟନ୍ତ 'କାନ୍ତାରା ଚାପ୍ଟର ୧'କୁ ସିନେମା ହଲ୍‌ରେ ଦେଖିବାକୁ ଅପେକ୍ଷା କରିପାରିବି ନାହିଁ।' ଏଠାରେ ପ୍ରକାଶ ଥାଉ କି, 'କାନ୍ତାରା ଚାପ୍ଟର-୧' ୨୦୨୨ରେ ଆସିଥିବା 'କାନ୍ତାରା'ର ପ୍ରିକ୍ୱେଲ। ଏହା ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ଜିତିଥିଲା।

## ସାମାଜିକ ଗଣମାଧ୍ୟମର ସ୍ମୃତିରୁ ବଢ଼ୁଛି ଚିନ୍ତା

ସାମାଜିକ ଗଣମାଧ୍ୟମ ଏବେ ଜୀବନର ଏକ ବଡ଼ ଅଂଶ ପାଲଟିଥିବା ବେଳେ ଏହାକୁ ନେଇ ଏକ ନୂଆ ଟ୍ରେଣ୍ଡ ଆସିଛି। ଏହାର ନାଁ 'ଡିଜିଟାଲ ହଣ୍ଟିଂ'। ଏହାର ଅର୍ଥ ହେଉଛି ଡିଜିଟାଲ ଅତୀତ, ଯାହା କଦାପି ନଷ୍ଟ ହୋଇ ନ ଥାଏ। ଏହାଦ୍ୱାରା ଜଣେ ଚାହୁଁ ବା ନ ଚାହୁଁ ତା'ର ଅତୀତର କିଛି ସ୍ମୃତି ଡିଜିଟାଲ ମାଧ୍ୟମରେ ବାରମ୍ବାର ତା'ର ଆଖି ସାମ୍ନାକୁ ଆସିଥାଏ। ପୁରୁଣା ଫଟୋ, ପୋଷ୍ଟ, ଚାଟ୍, ସ୍ମୃତି, ତ୍ରୁଟି ଯାହା ପୂର୍ବରୁ ମଣିଷ କରିଥାଏ ଡିଜିଟାଲ ହଣ୍ଟିଂ ମାଧ୍ୟମରେ ବାରମ୍ବାର ଆଖି ସାମ୍ନାକୁ ଆସି ମାନସିକ ଶାନ୍ତି ଭଙ୍ଗ କରେ। ଏପରିକି ଅନେକ ସମୟରେ ଏହା ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି କରେ। ସରଳ ଭାଷାରେ କହିଲେ, କୌଣସି ପୁରୁଣା ସମ୍ପର୍କ ତଥା ଫଟୋ ଅଚାନକ ଟାଇମଲାଇନ୍‌ରେ ଦେଖାଇଲେ ମସ୍ତିଷ୍କ ସେହି ପୁରୁଣା କଥାକୁ ମନେପକାଇ ଅବସାଦ ମଧ୍ୟରେ ରୁହେ। ସେହିପରି ସାମାଜିକ ଗଣମାଧ୍ୟମ, ଦୁଇ ବର୍ଷ ତଳର ପୁରୁଣା ସ୍ମୃତିର ନୋଟିଫିକେସନ ପ୍ରେରଣ କରେ। ହେଲେ ସବୁ ସ୍ମୃତି ସୁଖଦ ହୋଇ ନ ଥାଏ। କିଛି ଫଟୋ ଅତୀତର କିଛି ତିକ୍ତ ଅନୁଭୂତି, ବ୍ରେକ୍‌ଅପ୍, ଏକାକୀତ୍ୱ କଥାକୁ ମନେ ପକାଇଦିଏ। ଏହା ଅତୀତର ସେହି ଯନ୍ତ୍ରଣାକୁ ପୁଣି ଥରେ ମନେ ପକାଇ ଦିଏ। ସେହିପରି ଏହାକୁ ଅତିକ୍ରମ କରି ଆଗକୁ ବଢ଼ୁଥିବା ଲୋକ ପୁଣି ଭାବପ୍ରବଣ ହୋଇ ଚିନ୍ତାରେ ବୁଡ଼ି ରହନ୍ତି। ଅବଶ୍ୟ ସମୟ ସହିତ ମଣିଷ ବଦଳୁଛି, ହେଲେ ଇଣ୍ଟରନେଟ୍ ନୁହେଁ। ମଣିଷ ବଦଳିଗଲେ ବି ପୋଷ୍ଟ କରାଯାଇଥିବା ପୁରୁଣା ଫଟୋ, ପୋଷ୍ଟ ବାରମ୍ବାର ସାମ୍ନାକୁ ଆସେ। ବେଳେ ବେଳେ ପୁରୁଣା ପରିଚୟ ବର୍ତ୍ତମାନ ସମୟ ସହିତ ମେଳ ଖାଇ ନ ଥାଏ। ପୁରୁଣା ଫଟୋ ତଥା ପୋଷ୍ଟ ଦେଖି ଲୋକେ ଜୀବନରେ ଆଗକୁ ବଢ଼ିଥିବା ଲୋକଟିକୁ ନେଇ ମନରେ ଭୁଲ ଧାରଣା ଆଣିଥାନ୍ତି। ଡିଜିଟାଲ ହଣ୍ଟିଂ କେବଳ ପୁରୁଣା ପୋଷ୍ଟ ପର୍ଯ୍ୟନ୍ତ ସୀମିତ ନାହିଁ, ଲାଷ୍ଟ ସିନ୍, ନୋଟିଫିକେସନ, ଟ୍ୟାଗ କରାଯାଇଥିବା ଫଟୋ ସେହିମାନଙ୍କୁ ମନେ ପକାଇ ଦିଏ, ଯେଉଁମାନଙ୍କଠାରୁ ଆମେ ଦୂରେଇ ଯାଇଥାଉ। ତେଣୁ ଏଥିରୁ ଦୂରେଇ ରହିବା ଲାଗି ପୁରୁଣା ପୋଷ୍ଟ, ଚାଟ୍, ଫଟୋ ଆଦିଗୁଡ଼ିକୁ ଡିଲିଟ୍ କରିଦେବା ଦରକାର। ସବୁଠୁ ବଡ଼ କଥା ହେଲା ସାମାଜିକ ଗଣମାଧ୍ୟମରେ ନୋଟିଫିକେସନକୁ ନିୟନ୍ତ୍ରିତ କରିବା ଉଚିତ। ଏହାବାଦ୍ ମଝିରେ ମଝିରେ ଡିଜିଟାଲ ଡିଟକ୍ସ ଆପଣାଇବା ଉପରେ ଗୁରୁତ୍ୱ ଦେବା ଦରକାର।



## ସମ୍ଭାବନା



## ନାନୋ ବାନାନା ଟ୍ରେଣ୍ଡ

**ଏଆଇ ଟୁଲ୍ ସାହାଯ୍ୟରେ ଫଟୋକୁ ଏଡିଟ୍ କରି ତାହାକୁ ସୋସିଆଲ ମିଡିଆରେ ସେୟାର୍ କରିବାର ଅଲଗା ଅଲଗା ଟ୍ରେଣ୍ଡ ଚାଲୁଛି। ଏହି କ୍ରମରେ ଏବେ ନାନୋ ବାନାନା ଟ୍ରେଣ୍ଡ ଚର୍ଚ୍ଚାରେ ଅଛି। ଏହି ଟ୍ରେଣ୍ଡରେ ଲୋକେ ନିଜ ଫଟୋକୁ ଥ୍ରୀଡି ମଡେଲରେ ବଦଳାଇ ସୋସିଆଲ ମିଡିଆରେ ସେୟାର୍ କରୁଛନ୍ତି।**





ନାନୋ ବାନାନା ଫଟୋ ତିଆରି କରିବା ଲାଗି ଗୁଗଲ ଏଆଇ ଜେମିନିର ବ୍ୟବହାର କରାଯାଉଛି। ଜେମିନି ୨.୫ ଫ୍ଲାସ୍‌କୁ ହିଁ ଲୋକେ ନାନୋ ବାନାନା ନାଁ ଦେଇଛନ୍ତି। ତେଣୁ ଏହି ଟ୍ରେଣ୍ଡର ନାଁ ନାନୋ ବାନାନା ହୋଇଛି। ଗୁଗଲର ଏଆଇ ଟୁଲ୍ ଜେମିନି ୨.୫କୁ ଯାଇ ସୋପାନ ଅନୁସାରେ, ଥ୍ରୀଡି ମଡେଲ ଫଟୋକୁ କ୍ରିଏଟ୍ କରିପାରିବେ। ତେବେ ପ୍ରଥମେ ଜେମିନି ୨.୫ରେ ନିଜର ଫଟୋକୁ ଅପଲୋଡ୍ କରିବାକୁ ହେବ। ଏହାପରେ ଏହାକୁ ଏଡିଟ୍ କରିବା ଲାଗି ଏକ ପ୍ରମ୍ପ୍ଟ ଦେବାକୁ ପଡ଼େ। ସେହିପରି ନିଜର ଫଟୋ ଅପଲୋଡ୍ କରିବା ପାଇଁ ପ୍ରଥମେ ନାନୋ ବାନାନା ମଡେଲ ବାଛିବାକୁ ହେବ। ଜେମିନିରେ ଏହାକୁ କଦଳୀ ଆଇକନ୍‌ରେ ଚିହ୍ନଟ କରାଯାଉଛି। ଏହି ଆଇକନ୍ ଉପରେ କ୍ଲିକ୍ କରିବା ପରେ ହିଁ ଫଟୋ ଅପଲୋଡ୍ କରିବାକୁ ହୁଏ। ସେହିପରି ଫଟୋକୁ ଥ୍ରୀଡି ମଡେଲରେ ବଦଳାଇବା ପାଇଁ ପ୍ରମ୍ପ୍ଟ ଦେବାକୁ ପଡ଼େ। ପ୍ରମ୍ପ୍ଟରେ ଫଟୋର ସାଇଜ, ବ୍ୟାକଗ୍ରାଉଣ୍ଡ ଏବଂ ପରିବେଶକୁ ବଦଳାଇବାର ନିର୍ଦ୍ଦେଶ ଜେମିନି ୨.୫କୁ ଦିଆଯାଏ। ତେବେ କିଛି ସେକେଣ୍ଡରେ ଏହା ମୂଳ ଫଟୋକୁ ଏଡିଟ୍ କରି ଏହାକୁ ନାନୋ ବାନାନା ବା ଥ୍ରୀଡି ମଡେଲରେ ବଦଳାଇ ଥାଏ। ଅନ୍ୟପଟେ ଗୁଗଲ ଇଣ୍ଡିଆ ଏହି ଫଟୋକୁ ତିଆରି କରିବାର ପ୍ରକ୍ରିୟାକୁ ସହଜ କରିବା ଲାଗି ଏକ୍ସରେ ଏକ ପ୍ରମ୍ପ୍ଟ ପୋଷ୍ଟ କରିଛି। ଏଥିରେ କେବଳ ସେହି ପ୍ରମ୍ପ୍ଟକୁ ପୋଷ୍ଟ କରି ସେଣ୍ଡରେ କ୍ଲିକ୍ କରିବାକୁ ହେବ। ସେହିପରି ନାନୋ ବାନାନାର ସୁବିଧା ଗୁଗଲ ଏଆଇର ଷ୍ଟୁଡିଓରେ ମାଗଣାରେ ଉପଲବ୍ଧ ଅଛି। କେହି ବି ଜେମିନି ୨.୫ର ମାଗଣା ବ୍ୟବହାର କରି ଏହି ଫଟୋକୁ ତିଆରି କରିପାରିବେ। ଏହାର ମାଗଣା ଉପଯୋଗ ସୀମିତ ଏବଂ ଅଧିକ ଫଟୋ ତିଆରି କରିବା ଲାଗି ବ୍ୟବହାରକାରୀଙ୍କୁ ଟଙ୍କା ଦେବାକୁ ପଡ଼ିବ। ଅନ୍ୟପଟେ ଏହି ଟ୍ରେଣ୍ଡ ସହିତ ଯୁବତୀମାନେ ଜେମିନି ଏଆଇ ଶାଢ଼ି ଟ୍ରେଣ୍ଡକୁ ଆପଣାଉଛନ୍ତି। ଯାହାକି ଖୁବ୍ ଭାଇରାଲ ହେଉଛି।

## ଚାକିରିରେ ଅଜବ ନିୟମ

**ଚାକିରିରେ ଲୋକଙ୍କୁ ବିଭିନ୍ନ କାଇଦା କାନୁନ୍ ମାନିବାକୁ ପଡ଼ିଥାଏ। ହେଲେ କିଛି ଦେଶରେ ଅଜବ ତଥା ନିଆରା ନିୟମ ଅଛି, ଯାହାକି ଚାକିରି ପାଇବା ଏବଂ ଚାକିରିକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।**



**ନ୍ୟୁଜିଲାଣ୍ଡ:** ଏଠାରେ ଅଫିସ୍‌ରେ କର୍ମଚାରୀଙ୍କୁ ଫନି ଟୋପି ପିନ୍ଧିବା ମନା। ଏଠାରେ କୌଣସି କର୍ମଚାରୀ ଏଭଳି କଲେ ୟୁନିଫର୍ମ କୋଡ୍ ଉଲ୍ଲଙ୍ଘନ ହୋଇଥାଏ। ଏ ଲାଗି ସେମାନଙ୍କର ଦରମାରୁ ୧୦ ପ୍ରତିଶତ କଟାଯାଏ। ଏଠାରେ ଏହାକୁ କଡ଼ାକଡ଼ି ପାଳନ କରାଯାଏ।

**ଜର୍ମାନୀ:** ସେହିପରି ଜର୍ମାନୀରେ ଓଭର୍ ଟାଇମ୍ କାମ କରିବା ମନା। ଧାର୍ଯ୍ୟ ସମୟ ସମୟଠାରୁ କର୍ମଚାରୀଙ୍କୁ ଅତିରିକ୍ତ କାମ କରାଇଲେ କଠିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଏପରିକି ୱାର୍କିଂ ସମୟ ଶେଷ ହେବା ପରେ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବା ମନା। ଏହାର ଉଦ୍ଦେଶ୍ୟ ହେଉଛି କର୍ମଚାରୀଙ୍କ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା।

**ବ୍ରିଟେନ:** ଏଠାରେ କୌଣସି କମ୍ପାନିରେ ୧୦୦ରୁ ଅଧିକ କର୍ମଚାରୀ ଥିଲେ ସରକାରଙ୍କୁ ସୂଚନା ନ ଦେଇ କୌଣସି କର୍ମଚାରୀଙ୍କୁ ବହିଷ୍କୃତ କରାଯାଇପାରିବ ନାହିଁ। କର୍ମଚାରୀଙ୍କୁ ମାସେରୁ ତିନିମାସ ସମୟ ଦିଆଯାଏ। ଯେଭଳି ସେମାନେ ନୂଆ ଚାକିରି ଖୋଜି ନିଜକୁ ପ୍ରସ୍ତୁତ କରିବେ।

**ଜାପାନ:** ଜାପାନରେ ଲୋକଙ୍କ ଅଣ୍ଟା ମାପ ଦେଖି ଚାକିରି ପ୍ରଦାନ କରାଯାଏ। ପୁରୁଷଙ୍କ ଅଣ୍ଟା ୩୩.୫ ଇଞ୍ଚ ଏବଂ ମହିଳାଙ୍କର ୩୫.୪ ଇଞ୍ଚରୁ ଅଧିକ ନ ହେବା ଦରକାର। ଏହି ସୀମାଠାରୁ ଅଧିକ ହେଲେ କର୍ମଚାରୀଙ୍କୁ ଡାଏଟିଂ କ୍ଲାସ୍‌ରେ ସାମିଲ ହେବାକୁ ପଡ଼ିଥାଏ। ଏହାସହ ତିନି ମାସ ମଧ୍ୟରେ ସେମାନଙ୍କୁ ଓଜନ କମ୍ କରିବାକୁ ହୋଇଥାଏ।

## କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

**ପାଠପଢ଼ା ଶେଷ ହେବା ପରେ ଚାକିରି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବିଶେଷକରି କ୍ୟାମ୍ପସ୍ ସିଲେକସନ ସମୟ ଆସିଲେ ଛାତ୍ରଛାତ୍ରୀମାନେ ଏନେଇ ବିଶେଷ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ନ୍ତି। ତେବେ କ୍ୟାମ୍ପସ୍ ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ ପାଇଁ କିଭଳି ପ୍ରସ୍ତୁତି କରିବେ, ଜାଣିବା ସେ ସମ୍ପର୍କରେ...**

ଅନେକ ପିଲା ଭାବନ୍ତି ଭଲ ମାର୍କ ହିଁ ଚାକିରି ମିଳିବା ପାଇଁ ଯଥେଷ୍ଟ। ତେବେ କ୍ୟାମ୍ପସ୍ ସିଲେକସନ ସମୟରେ ଭଲ ମାର୍କ ରଖିବା ଯେତେକି ଜରୁରି, ତା'ଠୁ ବେଶି ଜରୁରି କଥାବାର୍ତ୍ତା କରିବାର ଉନ୍ନତ ଶୈଳୀ। ଉତ୍ତମ କମ୍ୟୁନିକେସନ ନ ଥିଲେ ଭଲ କମ୍ପାନିର ଚାକିରି ହରାଇବାର ଆଶଙ୍କା ବେଶି ଥାଏ। ଅବଶ୍ୟ ଅନେକ କମ୍ପାନି ଭଲ ମାର୍କ ସହ ପିଲାଙ୍କ କଥାବାର୍ତ୍ତା କରିବା ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାବାଦ୍ ଏଥିପାଇଁ ଭଲ ବାୟୋଡାଟା ଗୁରୁତ୍ୱ ବହନ କରେ। ନିଜେ ନିଜ ବିଷୟରେ କିଛି କହିବା ପୂର୍ବରୁ ବାୟୋଡାଟା ସବୁ କିଛି କହିଥାଏ। ସେଥିପାଇଁ ଯେତେ ସମ୍ଭବ ନିଜ କାମ ଓ ନିଜ ବିଷୟରେ ଏଥିରେ ଉପସ୍ଥାପନ କରନ୍ତୁ। ସେହିପରି ପୋଷାକ ମଧ୍ୟ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ। ଏଣୁ ଭଲ ଡ୍ରେସ୍ ପିନ୍ଧିବା ଦରକାର। କେବଳ ଏତିକି ନୁହେଁ, ଏ ସବୁଠାରୁ ବେଶି ଜରୁରି ଆତ୍ମବିଶ୍ୱାସ। ବେଳେ ବେଳେ ଏମିତି ବି ହୁଏ, ସବୁ ଜାଣିଥିବେ, ଚାକିରି ଲାଗି ସମସ୍ତ ଗୁଣ ବି ଥିବ, ମାତ୍ର ଆତ୍ମବିଶ୍ୱାସ ଅଭାବରୁ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି। ତେଣୁ ଏହି ସମୟରେ ଯାହା ବି ଯେତିକି କହିବେ, ଆତ୍ମବିଶ୍ୱାସର ସହ କହିବା ଜରୁରି।



## ଘୋଷ୍ଟିଂରୁ ହ୍ରାସ ପାଏ ଆତ୍ମବିଶ୍ୱାସ




କୌଣସି ବ୍ୟକ୍ତି କିଛି ନ କହି ଅଚାନକ କଲ, ମେସଜ ଓ କଥାବାର୍ତ୍ତାରୁ ଦୂରେଇ ଯିବାକୁ ଘୋଷ୍ଟିଂ କୁହାଯାଏ। ରୋମାଣ୍ଟିକ୍ ଲାଇଫରେ ଘୋଷ୍ଟିଂ ଜରୁରି ନୁହେଁ। ସାଙ୍ଗ ଓ ସହକର୍ମୀ ଅଚାନକ ସମ୍ପର୍କ ଭାଙ୍ଗି ଘୋଷ୍ଟ କରିପାରନ୍ତି। ମୁଖ୍ୟତଃ ଝଗଡ଼ାରୁ ରକ୍ଷା ପାଇବା, ସମ୍ପର୍କରୁ ଥକ୍କି ଯିବା, 'ନା' କହିବାର ସାହସ ରଖୁ ନ ଥିବା ଲୋକ ହିଁ ଘୋଷ୍ଟିଂକୁ ଆପଣାନ୍ତି। କିଛି ଲୋକ ଏମିତି କରି ସମସ୍ୟାରୁ ମୁକୁଳିବାର ସହଜ ଉପାୟ ବୋଲି ଭାବନ୍ତି। ବର୍ତ୍ତମାନ କାହା ସହିତ ଅଚାନକ ସମ୍ପର୍କ ଭାଙ୍ଗିବା ବହୁତ ସହଜ ହୋଇଗଲାଣି। ଏଭଳି କରିବା ଦ୍ୱାରା ପୀଡ଼ିତ ବ୍ୟକ୍ତିଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼େ। ଘୋଷ୍ଟିଂରୁ ପୀଡ଼ିତ ବ୍ୟକ୍ତି ଆତ୍ମବିଶ୍ୱାସ ଅଭାବକୁ ସାମ୍ନା କରନ୍ତି। ସେମାନେ ଅସୁରକ୍ଷିତ ଅନୁଭବ କରନ୍ତି। ସେହିପରି ଏହା ଯୋଗୁଁ ନିଜ ଭିତରେ ଆତ୍ମଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଘୋଷ୍ଟ କରୁଥିବା ବ୍ୟକ୍ତି ମୁଖ୍ୟତଃ ସମସ୍ୟା ସାମ୍ନା କରିବାରୁ ରକ୍ଷା ପାଏ। ଏଭଳି କରି ସେମାନଙ୍କୁ ବାସ୍ତବ ପ୍ରସଙ୍ଗକୁ ସାମ୍ନା କରିବାର ସାହସ ମିଳେନି। ଡିଜିଟାଲ ସମ୍ପର୍କ ଏହି ସମୟରେ ଘୋଷ୍ଟିଂ ଏକ ବଡ଼ ସମସ୍ୟା। ଏହା ଅନ୍ୟର ଭାବନାକୁ ଅଣଦେଖା କରିବା ଏବଂ ଅନେକ ସମୟରେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ସେହିପରି କେହି ଘୋଷ୍ଟ କରୁଥିଲେ ଏହାକୁ ନିଜ ଭୁଲ ବୋଲି ଭାବିବା ଅନୁଚିତ। ଆବଶ୍ୟକ ପଡ଼ିଲେ ବିଶ୍ୱାସଯୋଗ୍ୟ ଲୋକଙ୍କ ସହିତ ଏହି କଥା ସେୟାର୍ କରନ୍ତୁ। ନିଜର ଆତ୍ମସମ୍ମାନ ବଜାୟ ରଖନ୍ତୁ।

### ଏସିଆ କପ୍‌ରେ ହାତ ନ ମିଳାଇବାକୁ ନେଇ ବିବାଦ

# ପାଇକ୍ରଫ୍ଟ ରହିବେ, ପାକିସ୍ତାନ ଓହରିପାରିବନି

ଦୁବାଇ,୧୬।୯ (ଏଜେନ୍ସି)





ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହାତ ନ ମିଳାଇବାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ପରିସମାପ୍ତି ହେବାକୁ ଯାଉଛି। ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଟସ୍ ବେଳେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ମିଳାଇବାକୁ ମନା କରିଥିବା ଅଭିଯୋଗ କରି ପାକିସ୍ତାନ କ୍ରିକେଟ ବୋର୍ଡ ଏସିଆ କପ୍‌ରୁ ତାଙ୍କ ବହିଷ୍କାର ଦାବି କରିଥିଲା। ଯଦି ତାଙ୍କୁ ବହିଷ୍କାର କରା ନ ଯାଏ ତେବେ ପାକିସ୍ତାନ ଚଳିତ ଏସିଆ କପ୍‌ରୁ ଓହରିଯିବାକୁ ମଧ୍ୟ ଧମକ ଦେଇଥିଲା। ଉଭୟ ଘଟଣାରେ ପାକିସ୍ତାନର ଦାବି ଅଗ୍ରାହ୍ୟ ହୋଇଯାଇଛି। ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବିଦା କରିବାକୁ ଆଇସିସି ସ୍ପଷ୍ଟଭାବେ ମନା କରିଦେଇଛି। ଅନ୍ୟ ପକ୍ଷରେ ପାକିସ୍ତାନ ଓହରିଯିବ ବୋଲି ଯେଉଁ ଧମକ ବୋର୍ଡ ସଭାପତି ଦେଇଥିଲେ ତାହା ମଧ୍ୟ କରିପାରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ସୂତ୍ରରୁ ଜଣାଯାଇଛି। ଏହା ଫଳରେ ପାକିସ୍ତାନ ଉଭୟ ଘଟଣାରେ ଲୋକହସା ହୋଇଛି। ପାକିସ୍ତାନର ପରବର୍ତ୍ତୀ ମୁକାବିଲା ୟୁଏଇ ସହ ହେବ। ପାକିସ୍ତାନ ରାଜନୀତିରେ ଘଡିକେ ଘୋଡା ଛୁଟୁଥିଲାବେଳେ ମ୍ୟାଚ୍ ପୂର୍ବରୁ ଦଳର ନିଷ୍ପତ୍ତି କ'ଣ ହେବ ତାହା ଜଣାପଡ଼ିବ।

## ପାକ୍ ଦାବିକୁ ଆଇସିସିର ଅଗ୍ରାହ୍ୟ

ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଅଧିନାୟକ ପରସ୍ପର ସହ ହାତ ମିଳାଇବାର ପରମ୍ପରା ଆରମ୍ଭରୁ ରହିଆସିଛି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚରେ ଏହା ଦେଖିବାକୁ ମିଳି ନ ଥିଲା। ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଅଧିନାୟକ ସଲମାନ୍ ଅଲି ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ବେଳେ ପଡ଼ିଆରେ ଉପସ୍ଥିତ ଥିବା ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ନ ମିଳାଇବାକୁ କୁଆଡେ ସଲମାନ ଅଲିଙ୍କୁ କହିଥିଲେ। ଏଭଳି ଏକ ଅଭିଯୋଗ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ କରାଯାଇଥିଲା। ପାଇକ୍ରଫ୍ଟ ଏଭଳି ନିର୍ଦ୍ଦେଶ ଦେବା ଫଳରେ ସ୍ପିରିଟ ଅଫ୍ ଦ ଗେମ୍ ଓ ଏମ୍‌ସିସି ନିୟମକୁ ଉଲ୍ଲଙ୍ଘନ କରିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଅଭିଯୋଗ କରିଥିଲା। ଏଥିଲାଗି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌କୁ ତୁରନ୍ତ ବିଦା କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟରେ ଅଭିଯୋଗ କରିଥିଲା। କିନ୍ତୁ ପାଇକ୍ରଫ୍ଟଙ୍କୁ ବିଦା କରାଯିବ ନାହିଁ ବୋଲି ପାକିସ୍ତାନର ଦାବିକୁ ଆଇସିସି ସିଧାସଳଖ ମନାକରିଦେଇଥିଲା। ଏହା ଫଳରେ ପାଇକ୍ରଫ୍ଟଙ୍କୁ ନେଇ ପାକିସ୍ତାନ ଯେଉଁ ବିବାଦ ସୃଷ୍ଟି କରିବାକୁ ଚାହୁଁଥିଲା ତାହା ଫସର ଫାଟିଯାଇଛି।

ଆଇସିସି ଆଚରଣ ସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, 'ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେମାନଙ୍କ ସଫଳତାରେ ଅଭିନନ୍ଦନ ଜଣାଅ ଏବଂ ନିଜ ଦଳ ସହ ଖେଳକୁ ଉପଭୋଗ କର। ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ପ୍ରତିଦ୍ୱନ୍ଦ୍ୱୀ ଦଳର କର୍ମକର୍ତ୍ତା ଓ ମ୍ୟାଚ୍ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଅ।' ଏହା ସହ ଆଇସିସି ଆଚରଣ ସଂହିତାର ଧାରା ୨.୧.୧.ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଖେଳବେଳେ କିମ୍ବା ଖେଳଶେଷରେ ସ୍ପିରିଟ୍ ଅଫ ଦି ଗେମ୍‌ର ବିରୋଧାଚରଣ କଲେ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯିବ। ଏଯାଏ ତ ଭାରତ ଉପରେ କୌଣସି ଦଣ୍ଡ ବିଧାନ କରାଯାଇନାହିଁ, କିନ୍ତୁ କ୍ରିକେଟ ଖେଳରେ ଯେଉଁ ସ୍ପିରିଟ୍ ଅଫ୍ ଗେମ୍ ଥିଲା ତାହା ଏହି ଘଟଣାରେ ନଷ୍ଟ ହୋଇଯାଇଛି। ପରମ୍ପରା ଯାଇଛି, ବିବାଦ ସୃଷ୍ଟି ହୋଇଛି ଓ ଅଣଖେଳୱାଡ ମନୋଭାବ ପୋଷଣ କରାଯାଇଛି। ପାକିସ୍ତାନ ପକ୍ଷରୁ କରାଯାଇଥିବା ଅଭିଯୋଗରେ ମଧ୍ୟ ମ୍ୟାଚ୍ ରେଫରି ତାଙ୍କ ଦାୟିତ୍ୱ ଠିକ୍ ଭାବେ ପାଳନ କରିନାହାନ୍ତି ବୋଲି ଦର୍ଶାଯାଇଛି। ସେ ଯାହା ହେଉ ମ୍ୟାଚ୍ ରେଫରି ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଲାଗି ହୋଇଥିବା ଦାବିକୁ ଆଇସିସି ଅଗ୍ରାହ୍ୟ କରିବା ପରେ ପାକିସ୍ତାନ ଏବେ କି ନିଷ୍ପତ୍ତି ନେବ ତାହାକୁ ଅପେକ୍ଷା କରାଯାଇଛି।

## ଟୁର୍ଣ୍ଣାମେଣ୍ଟରୁ ଓହରିବା ନିଷ୍ପତ୍ତି କଷ୍ଟକର

ପାଇକ୍ରଫ୍ଟଙ୍କୁ ବହିଷ୍କାର କରା ନଗଲେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଗତକାଲି ଧମକ ଦେଇଥିଲେ। ଏବେ ପାଇକ୍ରଫ୍ଟଙ୍କୁ ବହିଷ୍କାର କରାଯିବ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଖବର ଗୋଟିଏ ଦିନ ଆଗରୁ ଜାଣିସାରିଛି। କିନ୍ତୁ ଏହା ମଧ୍ୟରେ କୌଣସି ନିଷ୍ପତ୍ତି ନେଇପାରି ନାହିଁ ପିସିବି। କିନ୍ତୁ ପିସିବିର ଆଭ୍ୟନ୍ତରୀଣ ସୂତ୍ରରୁ ଜଣାଯାଇଛି, ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରିବା କଷ୍ଟକର। ପାକିସ୍ତାନ ଯଦି ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ତେବେ ରାଜିନାମା ଅନୁଯାୟୀ ବିପୁଳ ପରିମାଣରେ ଅର୍ଥ ଦଣ୍ଡ ଆକାରରେ ଦେବାକୁ ହେବ। ଏବେ ଜଣେ ଭାରତୀୟ ଜୟ ଶାହ ଆଇସିସିର ସଭାପତି ରହିଛନ୍ତି। ଏଣୁ ଆର୍ଥିକ ଦଣ୍ଡର ପରିମାଣ ଆଦୌ କମିବ ନାହିଁ। ଯେଉଁ ଅର୍ଥ ଦଣ୍ଡ ଆକାରରେ ଦିଆଯିବ, ସେତିକି ଅର୍ଥ ପାକିସ୍ତାନ କ୍ରିକେଟ ବୋର୍ଡ ନିକଟରେ ନାହିଁ। ବିଶେଷକରି ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଲାଗି ପ୍ରମୁଖ ଷ୍ଟାଡିୟମ୍‌ର ନବୀକରଣରେ ବହୁତ ଅର୍ଥ ବ୍ୟୟ କରାଯାଇଛି। ପାକିସ୍ତାନକୁ ଖେଳିବାକୁ ଭାରତ ନ ଯିବାରୁ ଅନେକ କ୍ଷତି ସହିଛି ବୋର୍ଡ। ଏଣୁ ବୋର୍ଡ ଏତେ ପରିମାଣରେ ଅର୍ଥ ଦେବାକୁ ସକ୍ଷମ ନୁହେଁ। ଯଦି ସରକାର ଚାହାନ୍ତି, ତେବେ ଓହରିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରେ ବୋଲି ସମ୍ପୃକ୍ତ କର୍ମକର୍ତ୍ତାଜଣଙ୍କ କହିଛନ୍ତି।

## 'କର ବା ମର' ସ୍ଥିତିରେ ପାକିସ୍ତାନ, ୟୁଏଇ

ଦୁବାଇ, ୧୬।୯: ଚଳିତ ଏସିଆ କପ୍‌ରେ ଗ୍ରୁପ୍ 'ଏ'ରୁ ପ୍ରଥମ ଦଳ ଭାବେ ସୁପର-୪ରେ ପ୍ରବେଶ କରିଛି ଭାରତ। ଓମାନ୍‌କୁ ୟୁଏଇ ପରାସ୍ତ କରିବା ପରେ ଭାରତର ସୁପର-୪ ଖେଳିବା ନିଶ୍ଚିତ ହୋଇଛି। ଓମାନ୍ ବିଦାୟ ନେଇଥିବା ବେଳେ ଗୋଟିଏ ସୁପର-୪ ସ୍ଥାନ ପାଇଁ ଦୁଇ ଦାବିଦାର ହେଲେ ପାକିସ୍ତାନ ଓ ୟୁଏଇ। ବୁଧବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗ୍ରୁପ୍ 'ଏ' ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ନକ୍‌ଆଉଟ୍ ପରି। ଏହି ମ୍ୟାଚ୍‌ର ବିଜେତା ସୁପର-୪ ଖେଳିବ ଏବଂ ପରାଜିତ ଦଳ ବିଦାୟ ନେବ। ତେଣୁ ଏହି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ। ହେଲେ ପାକିସ୍ତାନ ଖେଳାଳିଙ୍କ ସମସ୍ତ ଧ୍ୟାନ ଏହି ମ୍ୟାଚ୍ ଉପରେ ରହିବ କି ନାହିଁ; ତାହା କହିବା କଷ୍ଟକର।

ଭାରତ ବିପକ୍ଷରେ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି ହାତ ନ ମିଳାଇବା ଘଟଣାକୁ ନେଇ କ୍ରିକେଟ୍ ଜଗତରେ ତୁମ୍ବି ତୋଫାନ ଚାଲିଛି। ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଏକତରଫା ଭାବେ ଜିତି ପାକିସ୍ତାନକୁ ଲଜ୍ଜିତ କରିଛି। ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବ ବୋଲି ଧମକ ଦେଇଥିଲେ ହେଁ ଏହାର ସମ୍ଭାବନା କମ୍। ସବୁ ବିବାଦକୁ ଭୁଲି ପାକିସ୍ତାନ ଦଳକୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏକାଗ୍ର ହୋଇ ଖେଳିବାକୁ ପଡ଼ିବ। କାରଣ ୟୁଏଇ ଭଳି ଦୁର୍ବଳ ଦଳଠାରୁ ପରାଜୟ ପାକିସ୍ତାନର ଅପମାନକୁ ଦ୍ୱିଗୁଣିତ କରିବ। ଓମାନ୍ ବିପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚ୍ ଜିତିଥିଲେ ହେଁ ମହମ୍ମଦ ହାରିସ୍‌ଙ୍କୁ ଛାଡ଼ି ଅନ୍ୟ କେହି ବଡ଼ ସ୍କୋର୍ କରି ପାରିନଥିଲେ। ଓପନର ସାହେବ୍‌ଜାଦା ଫରହାନ ଓମାନ୍ ଓ ଭାରତ ବିପକ୍ଷ ମ୍ୟାଚ୍‌ରେ କିଛି ରନ୍ କରିଥିଲେ ହେଁ ଅତ୍ୟନ୍ତ ଧିମା ବ୍ୟାଟିଂ କରିଛନ୍ତି। ଓପନର ସୈମ୍ ଆୟୁବ ଓ ଅଧିନାୟକ ସଲ୍‌ମାନ ଆଗା ଉଭୟ ମ୍ୟାଚ୍‌ରେ ବିଫଳ ହୋଇଛନ୍ତି। ଅଭିଜ୍ଞ ଫଖର ଜମାନ୍ ମଧ୍ୟ ବଡ଼ ସ୍କୋର୍ କରି ପାରିନାହାନ୍ତି। ହାସନ୍ ନୱାଜ୍ ଭଲ ବ୍ୟାଟ୍‌ସମ୍ୟାନ ବୋଲି କୁହା ଯାଉଥିଲେ ହେଁ ସେ ଭଲ ପ୍ରଦର୍ଶନ କରି ପାରିନାହାନ୍ତି। ତେଣୁ ୟୁଏଇ ବିପକ୍ଷରେ ପାକିସ୍ତାନର ବ୍ୟାଟିଂ ଚାପରେ ରହିବ। ତେବେ ନିକଟରେ ୟୁଏଇରେ ଆୟୋଜିତ ତ୍ରିରାଷ୍ଟ୍ରୀୟରେ ୟୁଏଇକୁ ପାକିସ୍ତାନ ୨ ଥର ପରାସ୍ତ କରିଛି। ତେବେ ଉଭୟ ମ୍ୟାଚ୍‌ରେ ୟୁଏଇ କଡ଼ା ମୁକାବିଲା କରିଥିଲା। ତଥାପି ବୁଧବାରର ମ୍ୟାଚ୍ ଜିତି ସୁପର-୪ରେ ପହଞ୍ଚିବା ଲାଗି ପାକିସ୍ତାନ ବଡ଼ ଫେଭରିଟ୍। ପାକିସ୍ତାନ ବିପକ୍ଷରେ ସଫଳ ହେବା ଲାଗି ୟୁଏଇର ଉପର ଅର୍ଡର ବ୍ୟାଟ୍‌ସମ୍ୟାନଙ୍କୁ ରନ୍ କରିବାକୁ ପଡ଼ିବ। ଗତ ମ୍ୟାଚ୍‌ରେ ଅଧିନାୟକ ମହମ୍ମଦ ୱାସିମ୍ ଓ ଆଲିସାନ୍ ସରାଫୁ ଅର୍ଦ୍ଧଶତକ ହାସଲ କରିଥିଲେ।

ଗତ ତ୍ରିରାଷ୍ଟ୍ରୀୟରେ ପାକିସ୍ତାନ ବିପକ୍ଷରେ ଆସିଫ୍ ଖାଁ ୩୫ ବଲ୍‌ରୁ ୬ଟି ଛକା ଓ ୬ଟି ଚୌକା ସହ ୭୭ ରନ୍ କରିଥିଲେ। ଧ୍ରୁବ ପରାସର ଓ ହାଇଦର ଅଲୀ ୟୁଏଇର ଦୁଇ ଭଲ ସ୍ପିନର। ତେବେ ପାକିସ୍ତାନର ସ୍ପିନ୍ ଆକ୍ରମଣ ବେଶ୍ ଶକ୍ତିଶାଳୀ। ଅବ୍ରାର ଅହମ୍ମଦ, ମହମ୍ମଦ ନୱାଜ ଓ ସୁଫିୟାଁ ମୁକିମ୍‌ଙ୍କ ସହ ସୈମ୍ ଆୟୁବ ଭଲ ବୋଲିଂ କରୁଛନ୍ତି।

| ଆଜିର ମ୍ୟାଚ୍ | |
|---|---|
| ପାକିସ୍ତାନ-ୟୁଏଇ | |
| ସ୍ଥାନ : | ଦୁବାଇ |
| ଖେଳ ଆରମ୍ଭ : | ରାତି ୮ଟା |
| ପ୍ରସାରଣ : | ସୋନି ସ୍ପୋର୍ଟ୍ସ ନେଟୱର୍କ |

## ଶ୍ରୀଲଙ୍କାର ଦ୍ୱିତୀୟ ବିଜୟ

ଦୁବାଇ,୧୬।୯ (ଏଜେନ୍ସି): ପାଥୁମ ନିଶାଙ୍କାଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ୱିକେଟରେ ହଂକଂ ଚୀନ୍‌କୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବରୁ ଦଳ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୬ ୱିକେଟରେ ହରାଇଥିଲା। ଏହି ମ୍ୟାଚରେ ନିଜାଖତ ଖାନଙ୍କ ଅପରାଜିତ ୫୨ ଓ ଓଡ଼ିଆ ଖେଳାଳି ଅଂଶୁମାନ ରଥଙ୍କ ୪୮ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହଂକଂ ୪ ୱିକେଟରେ ୧୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୧୮.୫ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଓପନର ନିଶାଙ୍କା ସର୍ବାଧିକ ୬୮ ରନ୍ କରିଥିଲେ। ଏଥିଲାଗି ସେ ୪୪ ବଲ ଖେଳି ୬ଚୌକା ଓ ୨ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶାଲ ପରେରା ୨୦, କାମିଲି ମିଶରା ୧୯, କୁଶାଲ ମେଣ୍ଡିସ ୧୧, ଅଧିନାୟକ ଚାରିତ ଆଶାଲଙ୍କା ୨, କାମିନ୍ଦୁ ମେଣ୍ଡିସ ୫ ରନ୍‌ର ଯୋଗଦାନ ଦେଇଥିଲେ। ହଂକଂର ୟସିମ ମୁର୍ତ୍ତାଜା ୨ଟି ୱିକେଟ ପାଇଥିଲେ। ହଂକଂ ଇନିଂସରେ ଶ୍ରୀଲଙ୍କା ଫାଷ୍ଟ ବୋଲର ଦୁଷ୍ମନ୍ତ ଚାମୀରା ୪ଟି ମଧ୍ୟରୁ ଅଧା ବା ୨ଟି ୱିକେଟ ପାଇଥିଲେ। ୱାନିନ୍ଦୁ ହାସରଙ୍ଗା ଓ ଦାସୁନ ଶାନକାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ହଂକଂ କ୍ରମାଗତ ତୃତୀୟ ମ୍ୟାଚ୍‌ରେ ପରାଜିତ ହୋଇ ବିନା ବିଜୟରେ ପ୍ରତିଯୋଗିତାରୁ ବିଦାୟ ନେଇଛି।

## ଜାନୁଆରୀରେ ମହିଳା ପ୍ରିମିୟର ଲିଗ୍




ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ଖେଳାଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ତାରିଖ ଓ ଭେନ୍ୟୁ ସ୍ଥିର ହୋଇନାହିଁ। କିନ୍ତୁ ଆଇପିଏଲ୍ ପରି ଡବଲ୍ୟୁପିଏଲ୍‌କୁ ସ୍ୱତନ୍ତ୍ର ୱିଣ୍ଡୋ ଦିଆଯାଇଥିବାରୁ ଏହା ୨୬ରୁ ୨୭ ଦିନରେ ଶେଷ ହେବ ବୋଲି ସ୍ପଷ୍ଟ ହୋଇଛି। ଏଣୁ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୬ କିମ୍ବା ୮ରୁ ଆରମ୍ଭ ହେବ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୨୨ଟି ମ୍ୟାଚ୍ ଖେଳାଯିବ। ଏଣୁ ବିସିସିଆଇ ଅଧିକ ଦିନ ନେବନାହିଁ। ତେବେ ଏହି ସଂସ୍କରଣରେ ପୂର୍ବପରି ୫ଟି ଦଳ ଖେଳିବେ ନା ଅଧିକ, ମ୍ୟାଚ୍ ଫି ବଢ଼ିବା ଆଦି ଘଟଣା ଦେଖିବାକୁ ମିଳିବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଏଣୁ ସମର୍ଥକମାନେ ବିସିସିଆଇର ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି।

## ମନ୍ଧାନା ଦିନିକିଆରେ ନଂ-୧ ବ୍ୟାଟର



ଦୁବାଇ,୧୬।୯ (ସମିସ): ଭାରତୀୟ ଓପନର ସ୍ମୃତି ମନ୍ଧାନା ପୁଣିଥରେ ଦିନିକିଆ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ନଂ-୧ ମାନ୍ୟତା ହାସଲ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ସହ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ୬୩ ବଲ୍‌ରୁ ୫୮ ରନ୍ କରିବା ଫଳରେ ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତାରେ ନଂ-୧ ସ୍ଥାନକୁ ଫେରିଛନ୍ତି। ଏହି ସ୍ଥାନରେ ଥିବା ଇଂଲଣ୍ଡର ନାଟାଲି ସିଭର-ବ୍ରଣ୍ଟ ନଂ-୨ ସ୍ଥାନକୁ ଫେରିଛନ୍ତି। ସର୍ବଶେଷ ମାନ୍ୟତା ଅନୁଯାୟୀ ସ୍ମୃତିଙ୍କ ୭୩୫ ଓ ବ୍ରଣ୍ଟଙ୍କର ୭୩୧ ରେଟିଂ ପଏଣ୍ଟ ରହିଛି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଓପନର ପ୍ରତୀକା ରାୱଲ ୪୨, ହର୍ଲିନ ଦେଓଲ ୫୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ଆଜିଠୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

କଟକ, ୧୬।୯(ସମିସ): ପେଶାଦାର ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ) ବୁଧବାର ଠାରୁ ଆରମ୍ଭ ହେବ। ବାରବାଟୀ ଷ୍ଟାଡିୟମରେ ୬ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ତେବେ ସନ୍ଧ୍ୟା ୭ଟାରେ ଉଦ୍‌ଘାଟନୀ ମୁକାବିଲାରେ ସାମ୍ନାସାମ୍ନି ହେବେ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ କଟକ ପାନ୍ଥର୍ସ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର ଟାଇଗର୍ସ। ଏହା ପୂର୍ବରୁ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ମୋଟ ୧୮ଟି ଲିଗ୍ ମ୍ୟାଚ୍‌ରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ୨୬ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ତୁଳସୀପୁରସ୍ଥିତ ଏକ ହୋଟେଲରେ ସମସ୍ତ ଦଳର ଜର୍ସି ଉନ୍ମୋଚନ ହୋଇଥିଲା। ତେବେ ପ୍ରଥମଥର ନିମନ୍ତେ ଘରୋଇ କ୍ରିକେଟ ଲିଗ୍‌ର ସିଧାପ୍ରସାରଣ ଷ୍ଟାରସ୍ପୋର୍ଟସ ଖେଲ୍ ଏବଂ ଫ୍ୟାନ୍‌କୋଡ(ଓଟିଟି) ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଦେଖିବାକୁ ମିଳିବ। ଦର୍ଶକଙ୍କ ନିମନ୍ତେ ଗ୍ୟାଲେରୀ ନଂ-୧,୩ ଓ ୫ ଉନ୍ମୁକ୍ତ ରହିବ। ଟିକେଟ ଜେନି ଆପ୍‌ରେ ବିନା ମୂଲ୍ୟରେ ଦର୍ଶକ ଟିକଟ ବୁକିଂ କରିପାରିବେ।

### ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## କୋନ୍‌ଷ୍ଟାସ୍‌ଙ୍କ ଶତକ: ଅଷ୍ଟ୍ରେଲିଆ ୩୩୭/୫



ଲକ୍ଷ୍ନୌ,୧୬।୯ (ଏଜେନ୍ସି): ଯୁବ ଖେଳାଳି ସାମ କୋନଷ୍ଟାସ୍ ଫର୍ମକୁ ଫେରିଛନ୍ତି। ଏଠାରେ ଆଜି ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଦିନରେ ସେ ଶତକ ହାସଲ କରିଛନ୍ତି। ୧୯ ବର୍ଷୀୟ ଓପନର ୧୦୯ ଓ ଅନ୍ୟତମ ଓପନର କ୍ୟାମ୍ପବେଲ କେଲାୱେ ୮୮ ରନ୍ କରିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୫ ୱିକେଟରେ ହରାଇ ୩୩୭ ରନ୍ ସ୍କୋର କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲିଆମ ସ୍କଟ ୭୦ ଓ ୱିକେଟରକ୍ଷକ ଜୋଶ ଫିଲିପ୍ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୨ ବର୍ଷୀୟ ଅଲରାଉଣ୍ଡର କୁପର କୋନୋଲୀ ୭୦ ରନ୍‌ର ଉଲ୍ଲେଖନୀୟ ପାଳି ଖେଳିଛନ୍ତି। ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୧ ଓ ଅଲିଭର ପିକ୍ ୨ ରନ୍ କରି ଏଠାରେ କ୍ଲିକ୍ କରିପାରି ନାହାନ୍ତି। ଭାରତ ପକ୍ଷରୁ ବାମହାତି ସ୍ପିନର ହର୍ଷ ଦୁବେ ସର୍ବାଧିକ ୩ଟି, ଖଲୀଲ ଅହମ୍ମଦ୍ ଓ ଗୁରନୁର ବ୍ରାର୍ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଛନ୍ତି। ବର୍ତ୍ତମାନ ଫର୍ମରେ ଥିବା ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ସ୍ପିନ୍ ଅଲରାଉଣ୍ଡର ତନୁସ କୋଟିଆନଙ୍କୁ କୌଣସି ସଫଳତା ମିଳିନାହିଁ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଗଠିତ ଭାରତ-ଏ' ଦଳରେ ଅଭିମନ୍ୟୁ ଈଶ୍ୱରନ, ସାଇ ସୁଦର୍ଶନ, ଏନ୍ ଜଗଦୀଶନ, ଦେବଦତ୍ତ ପାଡିକଲ ଓ ୱିକେଟ ରକ୍ଷକ ଧ୍ରୁବ ଜୁରେଲଙ୍କୁ ନେଇ ବ୍ୟାଟିଂ ଲାଇନ୍ ବେଶ ସୁଦୃଢ଼। ଭାରତ ପିଚ୍‌ରେ ଅଷ୍ଟ୍ରେଲିଆ-ଏ' ପ୍ରଥମ ଦିନରେ ୩୩୭ ରନ୍ କରିବା ପରେ ଏହି ପିଚ୍ ଯେ ବ୍ୟାଟିଂ ଲାଗି ଉପଯୁକ୍ତ ଏଥିରେ ସନ୍ଦେହର ଅବକାଶ ନାହିଁ।

## ତାନଜିଦ୍ ହାସନଙ୍କ ଅର୍ଦ୍ଧଶତକ



ଦୁବାଇ,୧୬।୯ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଗ୍ରୁପ୍-ବି'ର ଆଜି ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ମୁକାବିଲାରେ ବାଂଲାଦେଶର ଓପନର ତାନ୍‌ଜିଦ୍ ହାସନ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ୩୧ ବଲ୍‌ରୁ ୪ ଚୌକା ଓ ୩ଛକା ସହ ୫୨ ଏବଂ ଅନ୍ୟତମ ଓପନର ସୈଫ ହାସନ ୨୮ ବଲ୍‌ରେ ୩୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୫୪ ରନ୍ କରିଥିଲା। ଦଳ ଏକଦା ୧୩ ଓଭରରେ ୧୦୪ ରନ୍ କରିଥିଲେ ମଧ୍ୟ ଆଫଗାନ ବୋଲର ଶେଷ ୭ ଓଭରରେ ମାତ୍ର ୫୦ ରନ୍ ଦେଇ ବାଂଲାଦେଶକୁ ଏକ ଛୋଟିଆ ସ୍କୋରରେ ଅଟକାଇଥିଲେ। ଏହି ସମୟରେ ତୋହିଦ୍ ହୃଦୟ ୨୦ ବଲ୍‌ରେ ୨୬ ରନ୍ କରିବା ଫଳରେ ଦଳ ଦେଢ଼ଶ ରନ୍ ଅତିକ୍ରମ କରିଥିଲା। ପ୍ରତିପକ୍ଷ ଦଳର ଅଧିନାୟକ ରଶିଦ୍ ଖାନ୍ ଓ ନୁର ଅହମ୍ମଦ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ୬ ଓଭର ଖେଳ ଶେଷସୁଦ୍ଧା ଆଫଗାନିସ୍ତାନ ୨ ୱିକେଟ ହରାଇ ୨୭ ରନ୍ ସଂଗ୍ରହ କରିନେଇଛି। ସେଦିକୁଲା ଅଟଲ ୦ ଓ ଇବ୍ରାହିମ୍ ଜଦ୍ରାନ ୫ ରନ୍‌ରେ ସ୍ପିନର ନାସୁମ ଅହମ୍ମଦ୍‌ଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

### ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ

# ଅଢ଼େଇ ବର୍ଷ ପାଇଁ ଦେବ ୫୭୯ କୋଟି ଟଙ୍କା

ମୁମ୍ବଇ, ୧୬।୯







ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ ହୋଇଛି। ଏଣିକି ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ଖେଳାଳିଙ୍କ ଜର୍ସିରେ ଆପୋଲୋ ଟାୟର୍ସ ଲେଖାଯିବ। ଡ୍ରିମ୍‌୧୧ ସ୍ଥାନରେ ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ନୂଆ ପ୍ରାୟୋଜକ ହୋଇଛି। ଗତମାସ ୨୫ରେ ଭାରତୀୟ କ୍ରିକେଟ୍ ଦଳର ପ୍ରାୟୋଜକ ହେବା ପାଇଁ ବିସିସିଆଇ ଟେଣ୍ଡର ଆହ୍ୱାନ କରିଥିଲା। ଏଥିପାଇଁ ୩ଟି କମ୍ପାନୀ ପ୍ରାୟୋଜକ ହେବା ଦୌଡ଼ରେ ରହିଥିଲେ। ସେମାନେ ହେଲେ କମ୍ପ୍ୟୁଟର ଡିଜାଇନ୍ କମ୍ପାନୀ କାନ୍‌ଭା, ଜେକେ ସିମେଣ୍ଟ ଓ ଆପୋଲୋ ଟାୟର୍ସ। ସେମାନଙ୍କ ମଧ୍ୟରୁ ଆପୋଲୋ ଟାୟର୍ସ ସର୍ବାଧିକ ୫୭୯ କୋଟି ଟଙ୍କା (୬୫.୭ ନିୟୁତ ଡଲାର) ଦେବାକୁ ଦାବି କରିଥିବାରୁ ଏହାକୁ ପ୍ରାୟୋଜନ ଅଧିକାର ମିଳିଛି। ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଅଢ଼େଇ ବର୍ଷ ଆପୋଲୋ ଟାୟର୍ସ ଭାରତୀୟ ଦଳର ଜର୍ସି ପ୍ରାୟୋଜକ ରହିବ। ଏହା ମଧ୍ୟେ ଭାରତ ୧୨୧ଟି ଦ୍ୱିପାକ୍ଷିକ ଓ ୨୧ଟି ଆଇସିସି ମ୍ୟାଚ ଖେଳିବ। ଏହାର ଅର୍ଥ ହେଉଛି ଭାରତ ଖେଳିବାକୁ ଥିବା ପ୍ରତ୍ୟେକ ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ବିସିସିଆଇକୁ ୪.୭୭ କୋଟି ଟଙ୍କା ପ୍ରଦାନ କରିବ। ତେବେ ଆଇସିସି ଟୁର୍ଣ୍ଣାମେଣ୍ଟ ଏବଂ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରତି ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ୧.୭୨ କୋଟି ଟଙ୍କା ପ୍ରଦାନ କରିବ। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଏବଂ ଅକ୍ଟୋବରରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳାରୁ ଭାରତୀୟ ପୁରୁଷ ଖେଳାଳି ସେମାନଙ୍କ ଜର୍ସିରେ ଆପୋଲୋ ଟାୟର୍ସର ଲୋଗୋ ପିନ୍ଧିବେ। ଭାରତରେ କ୍ରିକେଟ୍‌ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଭାରତୀୟ ଦଳର ପ୍ରାୟୋଜକ ହେବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ଆପୋଲୋ ଟାୟର୍ସର ପରିଚାଳନା ନିର୍ଦ୍ଦେଶକ ନୀରଜ କନ୍‌ୱାର କହିଛନ୍ତି। ଫଳରେ ଏବେ ଏସିଆ କପ୍ ଖେଳୁଥିବା ଭାରତୀୟ ପୁରୁଷ ଦଳ ଏବଂ ଅଷ୍ଟ୍ରେଲିଆ ସହ ଦିନିକିଆ ଶୃଙ୍ଖଳା ଖେଳୁଥିବା ଭାରତୀୟ ମହିଳା ଦଳର ଜର୍ସିରେ କୌଣସି ବ୍ୟାବସାୟିକ ସଂସ୍ଥାର ଲୋଗୋ ନ ଥିଲା।

୨୦୨୩ରୁ ୨୦୨୬- ଏହିପରି ୩ ବର୍ଷ ଲାଗି ୪୪ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩୫୮ କୋଟି ଟଙ୍କା) ବିସିସିଆଇକୁ ଦେବା ଲାଗି ଡ୍ରିମ୍‌୧୧ ଚୁକ୍ତି କରିଥିଲା। ହେଲେ ଅନ୍‌ଲାଇନ୍ ଗେମିଙ୍ଗ୍ ପ୍ରୋତ୍ସାହନ ଓ ନିୟାମକ ବିଧେୟକ ପାରିତ ହେବା ପରେ କୌଣସି ଅନ୍‌ଲାଇନ ଗେମ୍‌ରେ ଅର୍ଥ ଖଟାଇବା ସମ୍ପୂର୍ଣ୍ଣ ବାସନ୍ଦ ହୋଇ ଯାଇଥିଲା। ତେଣୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ରହିବାକୁ ଡ୍ରିମ୍‌୧୧ ଅକ୍ଷମତା ପ୍ରକାଶ କରିଥିଲା। ଏବେ ଡ୍ରିମ୍‌୧୧ଠାରୁ ଅଧିକ ଅର୍ଥ ଦେଇ ଆପୋଲୋ ପ୍ରାୟୋଜନ ଅଧିକାର ହାସଲ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS